ବର୍ଷ-୨୪, ସଂଖ୍ୟା-୧୫୭
ଭୁବନେଶ୍ୱର
୦୫ ଜୁଲାଇ, ୨୦୨୪ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା
Vol.-24, Issue No. 157
Bhubaneswar
05 July, 2024, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com
Mahabharat

# ଲୋକସେବା ଭବନରୁ କାମ ଆରମ୍ଭ କଲେ ମୋହନ





- ମୁଣ୍ଡିଆ ମାରି ଗୃହ ପ୍ରବେଶ କଲେ ମୁଖ୍ୟମନ୍ତ୍ରୀ
- ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଚାମ୍ବରରେ ବସିଲେ, ଦିଗ ବଦଳିଲା
- ଓଡ଼ିଆ ଭାଷାରେ ହେବ ସରକାରୀ କାର୍ଯ୍ୟ
- ନିର୍ମାଣ କରାଯିବ ଅନୁବାଦ ଏକାଡେମୀ, ଓଡ଼ିଆ ଅସ୍ମିତା ଭବନ

ଭୁବନେଶ୍ୱର,୪।୭(ମହାଭାରତ): ଓଡ଼ିଶାରେ ଓଡ଼ିଆ ଭାଷାରେ ହେବ ସରକାରୀ କାର୍ଯ୍ୟ। ସରକାରୀ ଭାଷା ଆଇନକୁ ଅକ୍ଷରେ ଅକ୍ଷରେ ପାଳନ କରାଯିବ। ସରକାରୀ ଓ ବେସରକାରୀ ସ୍ତରରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାରକୁ ସହଜ, ସରଳ ସୁଗମ କରାଯିବ। ଏଥିନିମନ୍ତେ ବୈଷୟିକ ଜ୍ଞାନ କୌଶଳ ପ୍ରୟୋଗ କରାଯିବ।' ଓଡ଼ିଶାର ଅସ୍ମିତାକୁ ରକ୍ଷା କରିବାର ପ୍ରତିଶ୍ରୁତି ଦେଇ ନିର୍ବାଚନର ବୈତରଣୀ ପାର ହୋଇଥିବା ବିଜେପି ଆଜି ଏ ଦିଗରେ ପ୍ରଥମ ପଦକ୍ଷେପ ଉଠାଇଛି। ଶପଥ ନେବାର ୨୨ ଦିନ ପରେ ଆଜିଠୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଲୋକସେବା ଭବନରୁ ବିଧିବଦ୍ଧ ଭାବେ କାମ ଆରମ୍ଭ କରିଛନ୍ତି। ଏହି ଅବସରରେ ସେ ଓଡ଼ିଆ ଅସ୍ମିତା ପ୍ରସଙ୍ଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି।

ଗଣମାଧ୍ୟମ ପ୍ରତିନିଧୀଙ୍କୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟ ପରିଚାଳନା ରାଜ୍ୟର ଭାଷା ଓଡ଼ିଆରେ ହିଁ ହେବ। ତେଣୁ ଓଡ଼ିଆରେ ହେବ ସରକାରୀ କାମ। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ କମିଶନ ଗଠନ ହେବ। ଓଡ଼ିଆ ଭାଷା ପ୍ରତିଷ୍ଠାନର ପୁନର୍ଗଠନ କରାଯିବ। ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର କରାଯିବ ଆବଶ୍ୟକ ହେଲେ ସରକାରୀ ଭାଷା ଆଇନରେ ସଂଶୋଧନ କରାଯିବ।

ଭୌତିକ ପ୍ରଗତି ସହ ସାଂସ୍କୃତିକ ପ୍ରଗତିକୁ ଗୁରୁତ୍ୱ ଦିଆଯିବ। ଓଡ଼ିଆ ଅସ୍ମିତା ସଂରକ୍ଷଣ ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରାଯାଇଛି। ସାହିତ୍ୟ, କଳା, ସଙ୍ଗୀତ ଓ ଲଳିତ କଳା ଏକାଡେମୀର ପୁନଃଗଠନ ପାଇଁ ପଦକ୍ଷେପ ନେବେ ସରକାର।

ପ୍ରତି ଜିଲ୍ଲାର କଳା ଓ ସଂସ୍କୃତିକୁ ପ୍ରୋତ୍ସାହନ ଦିଆଯିବ। ନିର୍ମାଣ କରାଯିବ ଅନୁବାଦ ଏକାଡେମୀ, ଓଡ଼ିଆ ଅସ୍ମିତା ଭବନ। ଭାଷା ପାଇଁ ଆଧୁନିକ ସରଳ ଓ ସୁଗମ ପ୍ରଯୁକ୍ତି ବିଦ୍ୟାର ଉପଯୋଗ ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

ଉଚ୍ଚ ବିଦ୍ୟାଳୟସ୍ତରରେ ଓଡ଼ିଆ ଭାଷା ଶିକ୍ଷକ ନିଯୁକ୍ତି ପାଇଁ ବିଚାର କରିବେ ସରକାର। ସେହିପରି ବରୁଣେଇରେ ପାଇକ ଏକାଡେମୀ ଓ ସ୍ମାରକୀ ନିର୍ମାଣ ତ୍ୱରାନ୍ୱିତ ହେବ। ବିଭିନ୍ନ ଐତିହ୍ୟ ପୀଠର ବିକାଶକୁ ଗୁରୁତ୍ୱ ଦେବାକୁ ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଲୋକସେବା ଭବନରେ ଆଜିଠୁ କାର୍ଯ୍ୟ ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପୂଜାର୍ଚ୍ଚନା କରି ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରବେଶ କରିଥିଲେ। ଯେଉଁ ଚାମ୍ବରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବସୁଥିଲେ ସେହି ଚାମ୍ବରରେ ବସିଛନ୍ତି ମୋହନ ମାଝୀ। କେବଳ ଟେବୁଲ ଓ ଚେୟାରର ଦିଗ ବଦଳିଛି। ଆଜି ମୁଣ୍ଡିଆ ମାରି ଲୋକସେବା ଭବନ ଭିତରେ ପ୍ରବେଶ କରିଥିଲେ ମୁଖ୍ୟମନ୍ତ୍ରୀ। ଭିତରକୁ ପାଛୋଟି ନେଇଥିଲେ କ୍ୟାବିନେଟ୍ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନେ। ମୁଖ୍ୟମନ୍ତ୍ରୀଙ୍କୁ ଲୋକସେବ ଭବନକୁ ପାଛୋଟି ନେବାକୁ ସେଠାରେ ପହଞ୍ଚିବା ପରେ ତାଙ୍କୁ ପାଛୋଟି ନେବାକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡ଼ାଙ୍କ ସମେତ ବହୁ କ୍ୟାବିନେଟ୍ ମନ୍ତ୍ରୀ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଆଇଏଏସ୍ ଏବଂ ଓଏଏସ୍ କର୍ମଚାରୀ ସଂଘ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସ୍ୱାଗତ କରିଥିଲେ।

## ଓଡ଼ିଶା ଲୋକସେବା ଅଧିକାର ଆଇନରେ ଆଉ ୫ ସେବା

ଭୁବନେଶ୍ୱର,୪।୭(ମହାଭାରତ): ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ପ୍ରଦାନ କରାଯାଉଥିବା ଆଉ ପାଞ୍ଚଗୋଟି ସେବାକୁ ରାଜ୍ୟ ସରକାର ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ, ୨୦୧୨ରେ ଅନ୍ତର୍ଭୁକ୍ତ କରିବେ। ଏହା କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି ଏହା ପୂର୍ବରୁ ଗୃହ ଓ ନଗର ଉନ୍ନୟନ ବିଭାଗର ୨୬ଟି ସେବା ଏହି ଅଧିନିୟମ ଅନ୍ତର୍ଭୁକ୍ତ ହୋଇଛି। ନୂତନ ଭାବେ ସାମିଲ ହେବାକୁ ଥିବା ଆଉ ୫ଟି ସେବା ହେଉଛି--ବିଲ୍ଡିଂ ପ୍ଲାନ୍‌ର ପରିବର୍ତ୍ତନ ଏବଂ ସଂଯୋଗ/ସଂଶୋଧନ ନିମନ୍ତେ ଅନୁମତି (ସମୟ ସୀମା: ୧୫ ଦିନରୁ ୩୦ ଦିନ)। -ବିଲ୍ଡିଂ ପ୍ଲାନ୍‌ର ପୁନଃବୈଧିକରଣ ନିମନ୍ତେ ଅନୁମତି (ସମୟ ସୀମା: ୭ ଦିନ)। -ପ୍ଲିନ୍ଥ ଅନୁମୋଦନ (ସମୟ ସୀମା: ୭ ଦିନ)। ଟ୍ରେଡ୍ ଲାଇସେନ୍ସ ପ୍ରୋଭିଜନାଲ ସାର୍ଟିଫିକେଟ୍ (ସମୟ ସୀମା: ୧ ଦିନ) ଏବଂ ଟ୍ରେଡ୍ ଲାଇସେନ୍ସ ଫାଇନାଲ ସାର୍ଟିଫିକେଟ୍ (ସମୟ ସୀମା: ୯୦ ଦିନ)।

ଏହି ସବୁ ସେବାକୁ ଖୁବ୍ ଶୀଘ୍ର ବିଜ୍ଞାପିତ କରାଯାଇ ଜନସାଧାରଣଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯୋଗାଇ ଦିଆଯିବ। ଏହି ୫ ଗୋଟି ସେବାକୁ ମିଶାଇ ୩୧ଟି ବିଭାଗର ମୋଟ୍ ୪୨୨ଟି ସେବା ଉକ୍ତ ଅଧିନିୟମ ଅନ୍ତର୍ଭୁକ୍ତ ହେଲା ରାଜ୍ୟ ସରକାର ଜନସାଧାରଣଙ୍କୁ ଏହି ଅଧିନିୟମ ଅନ୍ତର୍ଭୁକ୍ତ ବିଜ୍ଞାପିତ ସମସ୍ତ ସେବାକୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ରଦାନ କରିବା ନିମନ୍ତେ ପ୍ରତିବଦ୍ଧ।

## ୬ରୁ ବଢ଼ିବ ବର୍ଷା

ଭୁବନେଶ୍ୱର,୪।୭(ମହାଭାରତ): ଆସନ୍ତା ୬ ତାରିଖରୁ ବଢ଼ିବ ବର୍ଷା। ଆଗାମୀ ୨୪ଘଣ୍ଟାରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ବରଗଡ଼ରେ ପ୍ରବଳ ବର୍ଷା ହୋଇପାରେ। ଏହାସହ ଜୁଲାଇ ୭ ତାରିଖ ବେଳକୁ ବଙ୍ଗୋ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ। ତେଣୁ ବର୍ଷାର ପରିମାଣ ବଢ଼ିବ। ୬ରୁ ୮ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ମୟୂରଭଂଜ, କେନ୍ଦୁଝର, ରାୟଗଡ଼ା ଓ ଗଜପତି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ଆଶଙ୍କା ଥିବାରୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ତେବେ ମୟୂରଭଞ୍ଜରେ ବର୍ଷାଭାବ ଯୋଗୁଁ ଚିନ୍ତାରେ ପଡିଛନ୍ତି ଚାଷୀ।



ଦିଲ୍ଲୀ ସେଭେନ୍ ଲୋକକଲ୍ୟାଣ ମାର୍ଗ ବାସଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିଛନ୍ତି ଭାରତୀୟ କ୍ରିକେଟ ଟିମ୍।

## ଚାଷୀଙ୍କୁ ୧୧ ହଜାର କୋଟିର ଋଣ

ଭୁବନେଶ୍ୱର,୪।୭(ମହାଭାରତ): ରାଜ୍ୟ ସରକାର ଚଳିତ ଖରିଫ ଋତୁରେ ଚାଷୀଙ୍କୁ ଫସଲ ପାଇଁ ୧୧ ହଜାର କୋଟି ଟଙ୍କାର ଋଣ ଯୋଗାଇ ଦେବେ। ଏହାସହିତ ପ୍ରତ୍ୟେକ ଚାଷୀଙ୍କୁ ଏକ ଟଙ୍କା ପ୍ରିମିୟମରେ ପ୍ରଧାନମନ୍ତ୍ରୀ ଫସଲ ବୀମା ସୁବିଧା ମଧ୍ୟ ମିଳିବ। ଏନେଇ ରାଜ୍ୟ ସମବାୟ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ଏନେଇ ଆବଶ୍ୟକ ନିର୍ଦ୍ଦେଶନାମା ଜାରି ହୋଇଛି। ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଉପରେ ଚାଷୀଙ୍କୁ କୌଣସି ସୁଧ ଦେବାକୁ ପଡ଼ିବ ନାହିଁ। ହେଲେ ୧ରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଉପରେ ୨ପ୍ରତିଶତ ସୁଧ ଦେବାକୁ ପଡିବ ବୋଲି ଜଣାପଡିଛି।

# ଖୁବ୍ ଶୀଘ୍ର ଖୋଲିବ ରତ୍ନଭଣ୍ଡାର



**ଭୁବନେଶ୍ୱର,୪।୭(ମହାଭାରତ):** ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୁବ୍ ଶୀଘ୍ର ଖୋଲିବ। ମହାପ୍ରଭୁଙ୍କ ଏହି ଦିବ୍ୟ ରତ୍ନଭଣ୍ଡାର ଖୋଲିବା ପୂର୍ବରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ କରାଯିବ। ରାଜ୍ୟ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ସନ୍ଧ୍ୟାରେ ଗଣମାଧ୍ୟମକୁ ଏହା କହିଛନ୍ତି।

ଆଇନ୍ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କରିଛନ୍ତି, ଓଡ଼ିଆ ଜାତିର ବହୁ ପ୍ରତିକ୍ଷୀତ ମୁହୂର୍ତ୍ତର ଅନ୍ତ ଘଟିବାକୁ ଯାଉଛି। ରତ୍ନଭଣ୍ଡାରକୁ ନେଇ ବିଚାରବିମର୍ଶ ପରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଏହା ଖୁବ୍ ଶୀଘ୍ର ଖୋଲାଯିବ। ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଅନୁଯାୟୀ ଖୋଲାଯିବ ରତ୍ନଭଣ୍ଡାର। ୪୫ ବର୍ଷ ପରେ ରତ୍ନଭଣ୍ଡାର ଖୋଲୁଛି। ଏଣୁ ଏକ ଦକ୍ଷ କମିଟି ଏଥିପାଇଁ କାର୍ଯ୍ୟ କରିବ। ଏଥିପାଇଁ ୧୬ ଜଣିଆ କମିଟି ଗଠନ ହୋଇଛି। ଆସନ୍ତା ୬ ତାରିଖରେ ଏହି କମିଟିର ବୈଠକ ହେବ କାର୍ଯ୍ୟ କିପରି ହେବ, ସେନେଇ ଆଲୋଚନା ହେବ।

ମହାପ୍ରଭୁ ମନ୍ଦିରରେ ନଥିବା ସମୟ ମଧ୍ୟରେ ରତ୍ନଭଣ୍ଡାର ଖୋଲିବ। ଅଳଙ୍କାର ମାନ ପରୀକ୍ଷଣ ନେଇ କମିଟି ନିଷ୍ପତ୍ତି ନେବେ। କମିଟିର ନିଷ୍ପତ୍ତି ନେଇ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ପୁରୀ ଜଗନ୍ନାଥ ମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବୈଠକ ହେବ। ହାଇକୋର୍ଟଙ୍କ ପୂର୍ବତନ ବିଚାରପତି ବିଶ୍ୱନାଥ ରଥ ଏହି କମିଟିରେ ଅଧ୍ୟକ୍ଷତା କରିବେ। ମରାମତି ଓ ଗଣନା କାର୍ଯ୍ୟ ନିର୍ଧାରଣ କରିବ କମିଟି। ଏତଦ୍ ବ୍ୟତୀତ ରତ୍ନଭଣ୍ଡାର ଖୋଲାଯିବା ନେଇ ଆଉ କଣ ପ୍ରକ୍ରିୟା ରହିଛି, ସେ ନେଇ କମିଟି ସ୍ଥିର କରିବ।

ଯେବେ ସରକାର ନିଷ୍ପତ୍ତି ନେବେ, ସେବେ ରତ୍ନ ଭଣ୍ଡାର ଖୋଲାଯିବ। ତେବେ ଆସନ୍ତା ୮ ତାରିଖରେ ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିନପାରେ। ଉକ୍ତ ଦିନ ରଥ ଯାତ୍ରା ଥିବାରୁ ରତ୍ନ ଭଣ୍ଡାର ଖୋଲାଯିବା ସମ୍ଭାବନା କମ୍। ଭୁବନେଶ୍ୱରରେ ପହଞ୍ଚିବା ପରେ ଏପରି ମନ୍ତବ୍ୟ ଦେଇଛନ୍ତି ରତ୍ନଭଣ୍ଡାର ଯାଂଚ କମିଟିର ଅଧ୍ୟକ୍ଷ ତଥା ସୁପ୍ରିମକୋର୍ଟର ଅବସରପାପ୍ତ ବିଚାରପତି ଜଷ୍ଟିସ୍ ଅରିଜିତ୍ ପଶାୟତ।

ଆଜି ଭୁବନେଶ୍ୱର ବିମାନବନ୍ଦରରେ ପହଂଚିବା ପରେ ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଅବସରପାପ୍ତ ଜଷ୍ଟିସ୍ ଅରିଜିତ୍ ପଶାୟତ କହିଛନ୍ତି, ଆସନ୍ତା ୮ ତାରିଖରେ ରଥ ଯାତ୍ରା ଥିବାରୁ ସେଦିନ ରତ୍ନ ଭଣ୍ଡାର ଖୋଲାଯିବା ଆଶା କ୍ଷୀଣ। ଏ ସମ୍ପର୍କରେ ନିଷ୍ପତ୍ତି ସରକାର ନେବେ। ଯେବେ ସରକାର ନିଷ୍ପତ୍ତି ନେବେ, ସେବେ ରତ୍ନ ଭଣ୍ଡାର ଖୋଲାଯିବ। ସେ ଆସନ୍ତାକାଲିଠାରୁ ୨୭ ତାରିଖ ପର୍ଯ୍ୟନ୍ତ ପୁରୀରେ ରହିବେ। ଏହା ମଧ୍ୟରେ ସେ ରତ୍ନଭଣ୍ଡାର ଇନଭେଂଟାରି କମିଟିର ବୈଠକରେ ଯୋଗଦେବେ।

## ଶପଥ ନେଲେ ହେମନ୍ତ ସୋରେନ

ରାଞ୍ଚି,୪।୭(ଏଜେନ୍ସି): ହେମନ୍ତ ସୋରେନ ଗୁରୁବାର ଦିନ ସନ୍ଧ୍ୟାରେ ଝାଡଖଣ୍ଡର ୧୩ ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଝାଡଖଣ୍ଡର ରାଜ୍ୟପାଳ ସିପି ରାଧାକୃଷ୍ଣନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଏହି କ୍ରମରେ ହେମନ୍ତ ସୋରେନ ତୃତୀୟଥର ପାଇଁ ଝାଡଖଣ୍ଡର



ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ବୁଧବାର ଦିନ ସୋରେନ ବିଧାୟକ ଦଳ ନେତା ଭାବେ ନିର୍ବାଚିତ ହୋଇଥିଲେ। ଏହାପରେ ସେ ଗତକାଲି ରାଜ୍ୟପାଳଙ୍କୁ ଭେଟି ବହୁମତ ପ୍ରମାଣ ଦେଇଥିଲେ । ଜେଏମଏମ ଏହାପରେ କହିଥିଲା କି ରାଜ୍ୟପାଳ ସିପି ରାଧାକ୍ରିଷ୍ଣନ ହେମନ୍ତ ସୋରେନଙ୍କୁ ରାଜ୍ୟରେ ସରକାର ଗଠନ କରିବାକୁ ନିମନ୍ତ୍ରଣ କରିଛନ୍ତି। ହେମନ୍ତ ସୋରେନ ଚଳିତମାସ ୭ ତାରିଖରେ ଶପଥ ନେବେ । ହେଲେ କିଛି ସମୟ ପରେ ଏହି ନିଷ୍ପତ୍ତି ବଦଳିଥିଲା । ଏବେ ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି।

ଚମ୍ପାଇ ସୋରେନ ବୁଧବାର ଦିନ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଜମି ଦୁର୍ନୀତି ଓ ଅର୍ଥ ହେରଫେର ମାମଲାରେ ହେମନ୍ତ ସୋରେନ ଜେଲ ଯିବା ପରେ ଚମ୍ପାଇ ସୋରେନ ମୁଖ୍ୟମନ୍ତ୍ରୀ ହୋଇଥିଲେ ।ହେଲେ ୫ ମାସ ପରେ ହେମନ୍ତ ସୋରେନ ଜେଲରୁ ଜାମିନ ପାଇ ଫେରିବା ପରେ ପୁଣି ମୁଖ୍ୟମନ୍ତ୍ରୀ ଭାବେ ଆଜି ଶପଥ ନେଇଛନ୍ତି। କିନ୍ତୁ ଇଡି ଏହି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି ଜଣାପଡ଼ିଛି।

# ଓଡ଼ିଆରେ ମେଡିକାଲ ପାଠପଢା

**ଭୁବନେଶ୍ୱର,୪।୭(ମହାଭାରତ):** ଓଡ଼ିଆରେ ଏମ୍‌ବିବିଏସ୍ ପାଠ୍ୟପୁସ୍ତକ ପାଇଁ ୨୨ ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ନିର୍ବାଚନୀ ଇସ୍ତାହାରରେ ବିଜେପି ଦେଇଥିବା ପ୍ରତିଶ୍ରୁତି ଆଧାରରେ ରାଜ୍ୟ ସରକାର ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମାନସ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ୨୨ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛନ୍ତି। ଏହି କମିଟି ୧୫ଦିନ ମଧ୍ୟରେ ତାଙ୍କର ରିପୋର୍ଟ ସ୍ୱାସ୍ଥ୍ୟ ବିଭାଗକୁ ଦେବେ। ଓଡ଼ିଆ ଭାଷାରେ ଏମବିବିଏସ୍ ଶିକ୍ଷାଦାନ ପାଇଁ ଅତ୍ୟାବଶ୍ୟକ ପାଠ୍ୟକ୍ରମର ଓଡ଼ିଆରେ ଅନୁବାଦ, କେତେ ସମୟ ଲାଗିବ ଓ ଏସବୁ ନିମନ୍ତେ ଆବଶ୍ୟକ ପାଣ୍ଠି ଆଦି ନେଇ ଏହି କମିଟି ତାଙ୍କର ରିପୋର୍ଟ ଦେବେ ବୋଲି ଜଣାପଡ଼ିଛି।

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁସାରେ, ୨୨ଜଣିଆ ବିଶେଷଜ୍ଞ କମିଟିର ଅଧ୍ୟକ୍ଷ ଭାବେ ପ୍ରଫେସର ଡାକ୍ତର ସାହୁ ରହିଥିବାବେଳେ ଓଡ଼ିଶା ସ୍ୱାସ୍ଥ୍ୟ ବିଜ୍ଞାନ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କୁ ଆବାହକ ଅଛନ୍ତି। ସଦସ୍ୟ ଭାବେ ବିଭିନ୍ନ ମେଡିକାଲ କଲେଜ ଓ ଭୁବନେଶ୍ୱର ଏମସ୍ ପ୍ରଫେସରମାନଙ୍କୁ ସାମିଲ କରାଯାଇଛି । ସଦସ୍ୟମାନେ ହେଲେ ଡାକ୍ତର ପ୍ରଭାସ ତ୍ରିପାଠୀ, ପ୍ରଫେସର, ଅର୍ଚ୍ଚନା ମିଶ୍ର,ପ୍ରଫେସର ମନସ୍ୱିନୀ ମଙ୍ଗରାଜ, ପ୍ରଫେସର ନିରଞ୍ଜନ ରାଉତ, ଡାକ୍ତର ଭାରତ ପଟେଲ, ଡାକ୍ତର ପ୍ରଦୀପ କୁମାର ନାୟକ, ଡାକ୍ତର ବିଶ୍ୱରଞ୍ଜନ ପାଢ଼ୀ, ପ୍ରଫେସର ଦୁର୍ଗା ଶତପଥୀ, ପ୍ରଫେସର ପ୍ରଦୀପ୍ତ ପରିଡ଼ା, ପ୍ରଫେସର ପ୍ରସନ୍ନ କୁମାର ରାଠୋର, ଡାକ୍ତର ଲକ୍ଷ୍ମଣ ବାଗ, ପ୍ରଫେସର ଗୀତାଞ୍ଜଳି ବେହେରା, ପ୍ରଫେସର ବିଷ୍ଣୁ ପାତ୍ର, ପ୍ରଫେସର ଭାଗିରଥୀ ଦ୍ୱିବେଦୀ, ଡାକ୍ତର ବିଶ୍ୱନାଥ ବେହେରା, ପ୍ରଫେସର ମିହିର ରଞ୍ଜନ ନାୟକ, ପ୍ରଫେସର ରଞ୍ଜିତା ମହାପାତ୍ର,ଡାକ୍ତର ସୁଦୀପ୍ତ ନାୟକ, ଡାକ୍ତର ରାଜଶ୍ରୀ ରାଉତ ରହିଛନ୍ତି। ଏମାନଙ୍କ ବ୍ୟତୀତ ଓଡ଼ିଆ ଭାଷା ପ୍ରତିଷ୍ଠାନର କାର୍ଯ୍ୟକ୍ରମ ଉପଦେଷ୍ଟା ଡଃ ପ୍ରେମାନନ୍ଦ ମହାପାତ୍ର ମଧ୍ୟ ସଦସ୍ୟ ରହିଛନ୍ତି।

## ୮ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି

ଭୁବନେଶ୍ୱର,୪।୭(ମହାଭାରତ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଉପଲକ୍ଷେ ଓଡ଼ିଶା ସରକାର ଜୁଲାଇ ୮ ତାରିଖ (ସୋମବାର) ଦିନଟିକୁ ସରକାରୀ ଛୁଟିଦିନ ଭାବରେ ଘୋଷଣା କରିଛନ୍ତି। ଏଥି ପାଇଁ ଜୁଲାଇ ୮ ତାରିଖ (ସୋମବାର) ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ସୋମବାର ପ୍ରଥମ ଜନଶୁଣାଣୀରେ ମୁଖ୍ୟମନ୍ତ୍ରୀ ପ୍ରାୟ ୫ ହଜାର ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ।

## ଜଙ୍ଗଲରୁ ୩ ମୃତଦେହ ଉଦ୍ଧାର

**ସୋର, ୪।୭ (ମହାଭାରତ) :** ବାଲେଶ୍ୱର ଜିଲ୍ଲା ଔପଦା ଥାନା ବଡ଼ପୋଖରୀ ପଂଚାୟତ ବରପଦା ଗାଁରେ ୩ଜଣଙ୍କୁ ହତ୍ୟା କରାଯାଇଥିବା ବେଳେ ସେମାନନଙ୍କର ମୃତଦେହ ପାହାଡ଼ ଉପରୁ ଉଦ୍ଧାର କରାଯାଇଛି। ମୃତକମାନଙ୍କ ମଧ୍ୟରେ ଦଂପତି ଦାମ୍ପା ସିଂ, ତାଙ୍କର ସ୍ତ୍ରୀ ଜାଳିଅ। ସିଂହ ଓ ସମ୍ବାରି ସିଂ ଅଛନ୍ତି। ଅଭିଯୋଗ ପରେ ପୁଲିସ ସଦଳବଳେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଗାଁ ୬ ଜଣ ଯୁବକଙ୍କୁ ଅଟକ ରଖିଛି। ୪ ଯୁବକ ହତ୍ୟା କରି ଫିଙ୍ଗିଥିବା ସ୍ୱୀକାର କରିଛନ୍ତି। ପୁଲିସ ସେମାନଙ୍କ ମଧ୍ୟରୁ ମୁଖ୍ୟ ଅଭିଯୁକ୍ତକୁ ଆଣି ସ୍ଥାନ ଚିହ୍ନଟ କରିବା ସହିତ ମୃତଦେହକୁ ଉଦ୍ଧାର କରିଛି। ପାହାଡ଼ିଆ। ଅଂଚଳ ହୋଇଥିବାରୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଶବଗୁଡ଼ିକୁ ସ୍ଥଳଭାଗକୁ ଅଣାଯାଇ ପାରିନାହିଁ। ବାଲେଶ୍ୱର ଜିଲ୍ଲା ଔପଦା ଅଞ୍ଚଳରେ ସମ୍ଭବତଃ ଏହା ପ୍ରଥମ ଘଟଣା ବୋଲି କୁହାଯାଉଛି। ତେଣୁ ଏହି ଅଭାବନୀୟ ଘଟଣା ନେଇ ଚର୍ଚ୍ଚା ହେଉଛି।

# ନଦୀବନ୍ଧ ଓ ଘାଇକୁ ତୁରନ୍ତ ମରାମତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୪।୭(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ-୨୦୨୪ରେ ଅଧ୍ୟକ୍ଷତା କରି ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । କମିଟିର ସଦସ୍ୟ ମାନଙ୍କ ମତାମତ ଶୁଣିବା ପରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଥିବା ଦୁର୍ବଳ ଥିବା ନଦୀବନ୍ଧ ଏବଂ ଅତୀତରେ ସୃଷ୍ଟି ହୋଇଥିବା ଘାଇକୁ ତୁରନ୍ତ ମରାମତି ପାଇଁ ଜଳସେଚନ ବିଭାଗ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପ୍ରବଳ ବର୍ଷା ଯୋଗୁଁ ସହରାଂଚଳରେ ବନ୍ୟା ସୃଷ୍ଟି ହୋଇଥିବାରୁ ନଗର ଉନ୍ନୟନ ବିଭାଗ ପୌରାଂଚଳରେ ଥିବା ଡ୍ରେନ୍ ଗୁଡିକର ପଙ୍କ ଉଦ୍ଧାର କାର୍ଯ୍ୟ ଏବଂ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ସେହିପରି ଭୁବନେଶ୍ୱର ମହାନଗର ନିଗମ ସହରାଂଚଳ ବନ୍ୟା ପରିଚାଳନା ନିମନ୍ତେ ୨୦୦ କୋଟି ଟଙ୍କାର ଏକ ପ୍ରସ୍ତାବ ପ୍ରସ୍ତୁତ କରି ଯଥାଶୀଘ୍ର ପ୍ରଦାନ କରିବେ । ଏହାସହିତ କଟକ, ଭୁବନେଶ୍ୱର ଓ ଅନ୍ୟ ସହରାଞ୍ଚଳରେ ବନ୍ୟା ପରିଚାଳନା ନିମନ୍ତେ ଆଇଆଇଟି ଦିଲ୍ଲୀର ବୈଷୟିକ ସହାୟତାରେ ଏକ ଦୀର୍ଘସୂତ୍ରୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ ବୋଲି ସେ କହିଛନ୍ତି। ରାଜ୍ୟ, ଜିଲ୍ଲା ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟରେ ୨୪ ଘଂଟା କଂଟ୍ରୋଲ ରୁମ୍ କାର୍ଯ୍ୟ କରିବ । ସାଧାରଣତଃ ବର୍ଷା ଦିନେ ସାପକାମୁଡାର ଅଧିକ ସମ୍ଭାବନା ରହିଥିବା ହେତୁ ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ କାମୁଡା ଇଞ୍ଜେକ୍ସନ (ଆଂଟି ସ୍ନେକ୍ ଭେନମ୍) ଗଚ୍ଛିତ ରଖିବା ପାଇଁ ସ୍ୱାସ୍ଥ୍ୟ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସତର୍କ ମୋବାଇଲ୍ ଆପ୍ ମାଧ୍ୟମରେ



ଯେପରି ଭାବରେ ଜନସାଧାରଣଙ୍କୁ ବିଭିନ୍ନ ବିପର୍ଯ୍ୟୟ ବିଷୟରେ ଆଗୁଆ ସୂଚନା ଦିଆଯାଇପାରିବ ସେଥିପାଇଁ ପଦକ୍ଷେପ ନିଆଯିବ ଏବଂ ଜନସାଧାରଣଙ୍କ ମଧ୍ୟରେ ଏହି ଆପ୍ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମଗ୍ର ଦେଶରେ ଓଡ୍ରାଫ୍ ହେଉଛି ପ୍ରଥମ ରାଜ୍ୟସ୍ତରୀୟ ଡିଜାଷ୍ଟର ରେସପନ୍ସ ଫୋର୍ସ ଏବଂ ଏହା ସର୍ବ ଭାରତୀୟ ସ୍ତରରେ ମଧ୍ୟ ଶ୍ରେଷ୍ଠ । ରାଜ୍ୟ ଭିତରେ ଏବଂ ରାଜ୍ୟ ବାହାରେ ବିଭିନ୍ନ ବିପର୍ଯ୍ୟୟ ସମୟରେ ଓଡ୍ରାଫ୍ ଓଡିଶାକୁ ସୁନାମ ଆଣିଛି । ବର୍ତ୍ତମାନ ଏହା ୨୦ ଟି ୟୁନିଟ୍ ଥିବାବେଳେ ଏହାକୁ ୩୦ ଟି ୟୁନିଟ୍ କରିବା ସହ ଏକ ଓରୟସମବସ୍ତରୟ ଲକ୍ଷ୍ମବମର କରିବା ନିମନ୍ତେ ଗୃହ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ସେହିପରି ଅଗ୍ନିଶମ ବିଭାଗ ଜିଲ୍ଲା ସ୍ତରରେ ଯେକୌଣସି ବିପର୍ଯ୍ୟୟ ହେଲେ ପ୍ରଥମେ ଅଂଶଗ୍ରହଣ କରନ୍ତି । ବିପର୍ଯ୍ୟୟ ସହାୟତା ପାଣ୍ଠି ରୁ ୩୯୪ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଅଗ୍ନିଶମ ବିଭାଗର ଦକ୍ଷତା ବୃଦ୍ଧି କରାଯାଉଛି । ଏଥିପାଇଁ ଆଉ ୨୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯିବ। ବାହାନଗାର ଟ୍ରେନ୍ ଦୁର୍ଘଟଣା ଭଳି ବିଭିନ୍ନ ଆକସ୍ମିକ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ୫ ଟି ରିଜିନାଲ ଫାୟାର ସର୍ଭିସ୍ ହବ୍ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ବ୍ୟବସ୍ଥା କରାଯିବ ବୋଲି ସେ କହିଥିଲେ। ଏହାସହିତ ଏ ବର୍ଷ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ୍ କମିଶନର ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରିବେ ଏବଂ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତି କିପରି ହ୍ରାସ କରାଯିବ ସେଥିପ୍ରତି ସମସ୍ତ ବିଭାଗ ଯତ୍ନବାନ ହେବାକୁ ସେ ପରାମର୍ଶ ଦେଇଥିଲେ।

ବୈଠକର ପ୍ରାରମ୍ଭରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଆମ ରାଜ୍ୟ ଓଡିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଅଟେ । ଭୌଗୋଳିକ ଅବସ୍ଥିତି ଦୃଷ୍ଟିରୁ ରାଜ୍ୟରେ ବନ୍ୟା ଓ ବାତ୍ୟାର ଆଶଙ୍କା ଅଧିକ ରହିଥିଲେ ମଧ୍ୟ ବଜ୍ରପାତ, ଅଂଶୁଘାତ, ଘୂର୍ଣ୍ଣିଝଡ, ପାଣିରେ ବୁଡି ମୃତ୍ୟୁ, ଅଗ୍ନିକାଣ୍ଡ ଆଦି ଅନ୍ୟାନ୍ୟ ବିପର୍ଯ୍ୟୟମାନ ବର୍ଷ ତମାମ ଲାଗିରହିଥାଏ । ବାହାନଗାରେ ରେଳ ଦୁର୍ଘଟଣାରେ ଆହତମାନଙ୍କ ଉଦ୍ଧାର କାର୍ଯ୍ୟ ଏବଂ ଉପଯୁକ୍ତ ଚିକିତ୍ସା ଆଦିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପଦକ୍ଷେପ ପ୍ରଶଂସନୀୟ ଏବଂ ଉଦ୍ଧାର କାର୍ଯ୍ୟରେ ସ୍ଥାନୀୟ ଜନସାଧାରଣଙ୍କର ଅବଦାନ ମଧ୍ୟ ଅତୁଳନୀୟ ବୋଲି ସେ ପ୍ରଶଂସା କରିଥିଲେ। ଏହା ସହିତ ନିକଟ ଅତୀତରେ ଝାରସୁଗୁଡା ଜିଲ୍ଲାରେ ଘଟିଯାଇଥିବା ମହାନଦୀ ଡଙ୍ଗାବୁଡି, ପୁରୀର ଅଗ୍ନିକାଣ୍ଡ ଏବଂ ପଶ୍ଚିମ ଓଡିଶାର ଅଂଶୁଘାତ ଜନିତ ମୃତ୍ୟୁ ନିମନ୍ତେ ସେ ଉଦବେଗ ପ୍ରକାଶ କରିଥିଲେ ।

ସେ କହିଥିଲେ ଯେ ଆମ ସରକାର ହେଉଛି ଲୋକଙ୍କ ସରକାର । ଲୋକଙ୍କ ସମସ୍ୟା ପ୍ରତି ଆମେ ସବୁବେଳେ ସ୍ୱତନ୍ତ୍ର ଗୁରୁତ୍ୱ ଦେଇ ଆସିଛୁ । ପ୍ରାକୃତିକ ବିପର୍ଯ୍ୟୟରେ ମଧ୍ୟ ଯେପରି କୌଣସି ଜୀବନ ହାନୀ ନ ହୁଏ ସେଥି ପ୍ରତି ଗୁରୁତ୍ୱ ଦେଇ ପ୍ରଚଳିତ ବ୍ୟବସ୍ଥାକୁ ଆମକୁ ସୁଦୃଢ କରିବାକୁ ହେବ । ସେଥି ପାଇଁ ଏ ସବୁର ସଫଳ ମୁକାବିଲା ନିମନ୍ତେ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ମଧ୍ୟ ନିଆଯିବ ବୋଲି ସେ ଦୃଢୋକ୍ତି ପ୍ରକାଶ କରିଥିଲେ ।ସାରା ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗମନ ହୋଇଗଲାଣି ଏବେଠାରୁ ଆସନ୍ତା ଅକ୍ଟୋବର ମାସ ପର୍ଯ୍ୟନ୍ତ ଆମ ରାଜ୍ୟ ପାଇଁ ପ୍ରଚୁର ବୃଷ୍ଟିପାତ, ବନ୍ୟା, ବାତ୍ୟା ଆଦି ବିପର୍ଯ୍ୟୟର ସମ୍ଭାବନା ରହିଛି । ତେଣୁ ଏହି ସମୟ ଆମ ସମସ୍ତଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ।

## ମୁଗଡାଲି କଟ୍‌ଲେଟ୍

ଆବଶ୍ୟକ ସାମଗ୍ରୀ: ମୁଗ ଡାଲି,ସିଝା ଆଳୁ, ବ୍ରେଡ କ୍ରମ୍, କଟା ଧନିଆପତ୍ର, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ,ଗରମ ମସଲା, ହେଙ୍ଗୁ, କଟା ଅଦା କଞ୍ଚାଲଙ୍କା, ସ୍ୱାଦ ଅନୁସାରେ ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗୋଟିଏ ପାତ୍ରରେ ସିଝା ଆଳୁ, ମୁଗ ଡାଲି, ଲଙ୍କା ଗୁଣ୍ଡ, ଲୁଣ ଗରମ ମସଲା,କଟା ଅଦା, ଧନିଆ ପତ୍ର ,ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କା ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ଗୋଲ ଗୋଲ କରି ବ୍ରେଡ କ୍ରମ୍ସରେ ଏପଟ ସେପଟ କରି ରଖନ୍ତୁ । ଏବେ ଏକ କଡେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ମିଶ୍ରଣରୁ ପ୍ରସ୍ତୁତ କଟଲେଟ ଗୁଡିକୁ ଛାଣନ୍ତୁ । ଦୁଇପଟ ଲାଲ୍ ହୋଇଗଲେ ଏହାକୁ ପ୍ଲେଟକୁ କାଢିଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ମୁଗଡାଲି କଟଲେଟ୍' । ଏହାକୁ ପୋଦିନା ଚଟଣୀ କିମ୍ବା ସସ୍ ସହିତ ପରଷନ୍ତୁ ।



**ଖବର**

## କଳ୍କି ୨୮୯୮ ଏଡି ବକ୍ସ ଅଫିସ୍ କଲେକସନ୍ ; ୭ ଦିନରେ ୭୦୦ କୋଟି..



କଳ୍କି ୨୮୯୮ ଏଡି ସେଭଳି ଚଳଚ୍ଚିତ୍ର ମଧ୍ୟରୁ ଗୋଟିଏ , ଯାହା ବକ୍ସ ଅଫିସ୍ କଲେକସନର ରେକର୍ଡ ଭାଙ୍ଗୁଛି । କେବଳ ଏତିକି ନୁହେଁ ବର୍ଷ ୨୦୨୪ର ସବୁଠାରୁ ଅଧିକ ଲୋକପ୍ରିୟତା ହାସଲ କରିଥିବା ସହ ବର୍ଷର ସର୍ବାଧିକ ଆୟ କରିଥିବା ଚଳଚ୍ଚିତ୍ର ବୋଲି ଜଣାପଡିଛି । ବଡ ବଜେଟ୍ ର ଚଳଚ୍ଚିତ୍ର ହେବା ସହ ପ୍ରଭାସ, ଅମିତାଭ ବଚ୍ଚନ ଏବଂ ଦୀପିକା ପାଦୁକୋନଙ୍କ ଏହି ଫିଲ୍ମ ମାତ୍ର ୭ ଦିନରେ ବିଶ୍ୱବ୍ୟାପି କଲେକସନ୍ ହାସଲ କରିଛି । ଏହା ମଧ୍ୟରେ ଭାରତରେ କଳ୍କି ୨୮୯୮ ଏଡିର ସାତ ଦିନର କଲେକସନ୍ ସାମ୍ନାକୁ ଆସିଛି, ଯାହା ଆଶ୍ଚର୍ଯ୍ୟ କରି ଦେବ।ପ୍ରାଥମିକ ତଥ୍ୟ ଅନୁଯାୟୀ, କଳ୍କି ୨୮୯୮ ସପ୍ତମ ଦିନରେ ଭାରତରେ ୨୩.୨ କୋଟି ଟଙ୍କା ଆୟ କରିଛି। ଏହା ପରେ କଳ୍କି ଭାରତରେ ୩୯୩.୪ କୋଟି ଟଙ୍କା ଆୟ କରିଛି ।ଭାଷାରେ ସଂଗ୍ରହକୁ ଦେଖିବାକୁ ଗଲେ ଚଳଚ୍ଚିତ୍ରଟି ତେଲୁଗୁରେ ୨୦୨.୮ କୋଟି, ତାମିଲରେ ୨୨.୧ କୋଟି, ହିନ୍ଦୀରେ ୧୫୨ କୋଟି, କନ୍ନଡରେ ୨.୬ କୋଟି ଏବଂ ମାଲାୟାଲମରେ ୧୩.୪ କୋଟି ଟଙ୍କା ସାତ ଦିନ ମଧ୍ୟରେ ଆୟ କରିଛି । ବିଶ୍ୱବ୍ୟାପୀ ଏହି ସଂଖ୍ୟା ୭୦୦ କୋଟି ଅତିକ୍ରମ କରିଛି। ଫିଲ୍ମର ବଜେଟ୍ ହେଉଛି ୬୦୦ କୋଟି ଟଙ୍କା, ଯାହା ଚଳଚ୍ଚିତ୍ରଟି ସାତ ଦିନ ମଧ୍ୟରେ ସାରା ବିଶ୍ୱର ସଂଗ୍ରହରୁ ହାସଲ କରିଛି ।ଛଅ ଦିନର କଲେକସନ୍ କୁ ଦେଖିଲେ ପ୍ରଥମ ଦିନରେ ଫିଲ୍ମ ୯୫.୩ କୋଟି ଟଙ୍କା ହାସଲ କରିବାରେ ସଫଳ ହୋଇଥିଲା। ଏହା ପରେ ଦ୍ୱିତୀୟ ଦିନରେ ସଂଗ୍ରହ ଥିଲା ୫୭.୬ କୋଟି। ତୃତୀୟ ଦିନରେ ଏହି ସଂଖ୍ୟା ୬୪.୫ କୋଟିରେ ପହଞ୍ଚିଛି ।ଚତୁର୍ଥ ଦିନରେ ସଂଗ୍ରହ ୮୮.୨ କୋଟିରେ ପହଞ୍ଚିଛି। ପଞ୍ଚମ ଦିନରେ ଏହି ସଂଖ୍ୟା ୩୪.୧୫ କୋଟି ଥିଲା। ଏହି ଚଳଚ୍ଚିତ୍ରଟି ଷଷ୍ଠ ଦିନରେ ୨୭.୦୫ କୋଟି ଟଙ୍କା ଆୟ କରିଥିଲା। ଏହା ପରେ ଲାଗୁଛି ଯେ ଦ୍ୱିତୀୟ ସପ୍ତାହ ଶେଷରେ ଏହି ଚଳଚ୍ଚିତ୍ର ଭାରତରେ ୫୦୦ କୋଟି ଟଙ୍କା ଏବଂ ବିଶ୍ୱରେ ୧୦୦୦ କୋଟି ଟଙ୍କା ସଂଗ୍ରହ କରିବ।

## ଶଚି ଓ ଇନ୍ଦ୍ରଙ୍କ କଥା



ଦେବରାଜ ଇନ୍ଦ୍ର ଏବଂ ଦେବୀ ଶଚିଙ୍କ ମଧ୍ୟରେ ବିବାହ ହୋଇଥିଲା । ଦେବୀ ପାର୍ବତୀଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ଶଚିଦେବୀ ଦେବରାଜଙ୍କୁ ପତି ରୂପରେ ପାଇଥିଲେ । ଶଚିଙ୍କ ସମ୍ବନ୍ଧରେ ସ୍କନ୍ଦ ପୁରାଣରେ ଉଲ୍ଲେଖ ରହିଛି । ପୁଲୋମାଙ୍କ କନ୍ୟା ଶଚିଙ୍କ ବିଷୟରେ ବେଦରେ ମଧ୍ୟ ବର୍ଣ୍ଣନା ଥିବା ଦେଖିବାକୁ ମିଳିଥାଏ । ସ୍କନ୍ଦ ପୁରାଣରେ ରହିଥିବା ବର୍ଣ୍ଣନା ଅନୁଯାୟୀ, ସତ୍ୟଯୁଗରେ ଦୈତ୍ୟରାଜ ପୁଲୋମାଙ୍କ କନ୍ୟା ଶଚି ଦେବରାଜ ଇନ୍ଦ୍ରଙ୍କୁ ପତି ରୂପରେ ପାଇବା ଲାଗି ଜ୍ୱାଳପାଧାମରେ ହିମାଳୟର ଅଧିଷ୍ଠାତ୍ରୀ ଦେବୀ ପାର୍ବତୀଙ୍କୁ ଉପାସନା କରିଥିଲେ । ମା' ପାର୍ବତୀ ଶଚିଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ତାଙ୍କୁ ଦୀପ୍ତ ଜ୍ୱାଳେଶ୍ୱରୀ ରୂପରେ ଦର୍ଶନ ଦେଇଥିଲେ । ତାଙ୍କରି ଆଶୀର୍ବାଦ କ୍ରମେ ଶଚିଦେବୀ ଇନ୍ଦ୍ରଙ୍କୁ ପତି ରୂପରେ ପାଇଥିଲେ । ଏହି ସ୍ଥାନ ଆଧୁନିକ ଉତ୍ତରାଖଣ୍ଡରେ ରହିଛି ବୋଲି ବିଶ୍ୱାସ କରାଯାଇଥାଏ । ସେଠାରେ ବର୍ତ୍ତମାନ ମଧ୍ୟ ଜ୍ୱାଳାଦେବୀଙ୍କୁ ପୂଜା କରାଯାଉଛି । ଦେବୀ ଶଚିଙ୍କୁ ଇନ୍ଦ୍ରାଣୀ ମଧ୍ୟ କୁହାଯାଏ । ସେ ନିଜ ପତିଙ୍କ ସୁରକ୍ଷା ପାଇଁ ବ୍ରାହ୍ମଣଙ୍କ ଦ୍ୱାରା ଇନ୍ଦ୍ରଦେବଙ୍କ ହାତରେ ରକ୍ଷାସୂତ୍ର ବାନ୍ଧିଥିଲେ । ଏହି ରକ୍ଷାସୂତ୍ର କାରଣରୁ ଦେବରାଜ ଇନ୍ଦ୍ର ଦେବାସୁର ସଂଗ୍ରାମରେ ବିଜୟ ଲାଭ କରିଥିଲେ ।

## ଲେମ୍ବୁ ଜୁସ୍ ପିଇଲେ ବଢ଼ିବ ରୋଗ ପ୍ରତିରୋଧକ ଶକ୍ତି



ଲେମ୍ବୁରେ ବହୁ ଔଷଧୀୟ ଗୁଣ ରହିଛି। ମଣିଷ ଶରୀରରେ ଜଳୀୟ ଅଂଶ ବୃଦ୍ଧିରେ ଲେମ୍ବୁ ପାଣି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ଆମେ କେଉଁ କାଳରୁ ଏହି ଉପାୟକୁ ପ୍ରୟୋଗ କରି ଆସୁଛୁ। ଘରେ ଘରେ ପରିଚିତ ଏହି ଲେମ୍ବୁ ପାଣି ଏବେ କରୋନା ବିରୋଧୀ ଲଢେଇରେ ଗେମ ଚେଞ୍ଜର ସାବ୍ୟସ୍ତ ହେଉଛି। ବିଶେଷଜ୍ଞଙ୍କ ମତରେ ପ୍ରତିଦିନ ସକାଳେ ଉଷୁମ୍ ପାଣିରେ ଲେମ୍ବୁ ଓ ଲୁଣ ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ। ଯାହା ମହାମାରୀ କରୋନାକୁ ମାତ୍ ଦେବାରେ ସକ୍ଷମ ହୋଇଥାଏ। ସମଗ୍ର ବିଶ୍ୱ କରୋନା ମାୟା ଜାଲରେ ଛନ୍ଦି ହୋଇ ପଡ଼ିଥିବା ବେଳେ ଲେମ୍ବୁ ପାଣିର ଉପକାରୀତା ସମ୍ପର୍କରେ ନୋଏଡା ସ୍ଥିତ ଫୋରଟିସ୍ ହସ୍ପିଟାଲର ମୁଖ୍ୟ ଡାକ୍ତର ନମୀତା ନାଦାର ଏହି ସୂଚନା ଦେଇଛନ୍ତି। ତାଙ୍କ ମତରେ ପ୍ରତିଦିନ ସକାଳେ ଉଷୁମ୍ ପାଣିରେ ଲେମ୍ବୁ ଓ ଲୁଣ ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ। ଯାହା ଯେକୌଣସି ବିଦେଶୀ ଭୂତାଣୁ ବିରୋଧରେ ଲଢ଼େଇ କରିବାକୁ ସକ୍ଷମ। କେମିତି ପ୍ରସ୍ତୁତ କରିବେ ଲେମ୍ବୁ ସର୍ବତ:ପ୍ରଥମେ ଗୋଟିଏ ଗ୍ଲାସ ଉଷୁମ ପାଣିରେ ଏକରୁ ଦୁଇ ଚାମଚ ଲେମ୍ବୁ ରସ ମିଶାଇବେ। ପରେ ସେଥିରେ ଗୋଟିଏ ଚାମଚର ଏକ ଚତୁର୍ଥାଂଶ ସମୁଦ୍ର ଲୁଣ ମିଶାଇବେ। ଦିନକୁ ଦୁଇ ଥର ଏହି ପାଣି ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇବ। ଲେମ୍ବୁ ପାଣି ଶରୀରକୁ ଭିଟାମିନ୍ ସି ଯୋଗାଇଥାଏ। ଡାକ୍ତର ନମୀତା ନାଦାରଙ୍କ କହିବା ଅନୁସାରେ ଲେମ୍ବୁ ପାଣି ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିଥାଏ। ଏହା ଥଣ୍ଡା ଓ ବିଭିନ୍ନ ଭାଇରାଲ୍ ଜ୍ୱର ବିରୋଧରେ ଲଢ଼େଇ କରିଥାଏ। ଲେମ୍ବୁରେ ଭିଟାମିନ୍-ସି ଓ ଆଣ୍ଟିଅକ୍ସିଡେଣ୍ଟ ରହିଛି, ଯାହା ଶରୀର ପାଇଁ ବହୁ ଉପକାରୀ। ଯଦି ନିୟମିତ ଭାବରେ ଲେମ୍ବୁ ଖାଉଥିବା ଓ ଲେମ୍ବୁ ପାଣି ପିଉଥିବେ, ତା'ହେଲେ ଜଣେ ବ୍ୟକ୍ତିର ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ହୃଦରୋଗ ସମସ୍ୟାକୁ ବି ହ୍ରାସ କରିଥାଏ। କିଡନୀ ଷ୍ଟୋନ୍ ବିରୋଧୀ ଲଢ଼େଇରେ ଲେମ୍ବୁ ପାଣି ସଞ୍ଜିବନୀ ସାବ୍ୟସ୍ତ ହୋଇଥାଏ। ଆପଣ ଏହି ଲେମ୍ବୁ ପାଣିକୁ ସକାଳେ ପିଇ ପାରିବେ। ସେହିପରି ଏହାକୁ ଗ୍ରୀନ ଟି' ଆକାରରେ ଦିନରେ ଯେତେବେଳେ ଇଚ୍ଛା ସେତେବେଳେ ମଧ୍ୟ ପିଇ ପାରିବେ ବୋଲି ଡାକ୍ତର କହିଛନ୍ତି।

## ପାପ ଭାର କମାଏ ଫୁଲ ଦ୍ୱାରା ପୂଜା



ସନାତନ ଧର୍ମରେ ପ୍ରତୀମା ପୂଜାର ପରମ୍ପରା ଆରମ୍ଭରୁ ଚାଲିଆସିଛି । ଠାକୁରଙ୍କ ମୂର୍ତ୍ତି ପୂଜା ସମୟରେ ଫୁଲ ଚଢ଼ାଇବାର ପରମ୍ପରା ମଧ୍ୟ ବହୁଦିନରୁ ପ୍ରଚଳିତ ।ତେବେ ଏହି ପରମ୍ପରା କାହିଁକି ପାଳନ କରାଯାଏ, ସେ ସମ୍ପର୍କରେ ଶାସ୍ତ୍ରରେ ବର୍ଣ୍ଣନା ରହିଛି । ଶାସ୍ତ୍ରରେ ଫୁଲ ସମ୍ପର୍କରେ କୁହାଯାଇଛି "ପୁଣ୍ୟ ସଂବର୍ଦ୍ଧନାଚ୍ଚାପି ପାପୌଘପରିହାରତ । ପୁଷ୍କଲାର୍ଥ ପ୍ରଦାନାର୍ଥ ପୁଷ୍ପମିତ୍ୟଭିଧୀୟତେ" । ଏହାର ଅର୍ଥ ହେଉଛି ପୁଣ୍ୟ ବୃଦ୍ଧି କରିବା, ପାପ ଭାର କମାଇବା ଏବଂ ଫଳ ପ୍ରଦାନ କରୁଥିବା ହେତୁ ଏହାକୁ ଫୁଲ କୁହାଯାଇଥାଏ । "ଦେବସ୍ୟ ମସ୍ତକଂ କୁର୍ଯ୍ୟାତ୍‌କୁସୁମୋପହିତଂ ସଦା" । ଦେବତାଙ୍କ ମସ୍ତକ ସର୍ବଦା ଫୁଲ ଦ୍ୱାରା ସୁଶୋଭିତ ରହିବା ଆବଶ୍ୟକ । "ପୁଷ୍ପୈର୍ଦେବାଂ ପ୍ରସିଦନ୍ତି ପୁଷ୍ପେ ଦେବାଶ୍ଚ ସଂସ୍ଥିତା । ନ ରତ୍ନୈର୍ନ ସୁବର୍ଣ୍ଣେନ ନ ବିତ୍ତେନ ଚ ଭୂରିଣା, ତଥା ପ୍ରସାଦମାୟାତି ଯଥା ପୁଷ୍ପୈର୍ଜନାର୍ଦନ" । ଏହାର ଅର୍ଥ ଦେବତାମାନେ ରତ୍ନ, ସୁବର୍ଣ୍ଣ, ଭୂରି ଦ୍ରବ୍ୟ, ବ୍ରତ, ତପସ୍ୟା ଏବଂ ଅନ୍ୟ କୌଣସି ଜିନିଷ ଦ୍ୱାରା ଯେତେ ପ୍ରସନ୍ନ ହୋଇନଥାନ୍ତି, ଫୁଲ ଚଢ଼ାଇବା ଦ୍ୱାରା ତା'ଠାରୁ ଅଧିକ ପ୍ରସନ୍ନତା ଲାଭ କରିଥାନ୍ତି ।

ଫୁଲ ଚଢ଼ାଇବା ଦ୍ୱାରା ଭଗବାନ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି । ଫୁଲର ସୁଗନ୍ଧ ଦ୍ୱାରା ଘରର ବାତାବରଣ ମହକି ଉଠିଥାଏ । ଏହାଦ୍ୱାରା ମନକୁ ଶାନ୍ତି ମିଳିଥାଏ । ମସ୍ତିଷ୍କରେ ସର୍ବଦା ସକାରାତ୍ମକ ବିଚାର ଆସିଥାଏ । ନକାରାତ୍ମକ ଶକ୍ତିର ପ୍ରଭାବ ଘରୁ ନଷ୍ଟ ହୋଇଯାଇଥାଏ । ଫଳରେ ଜୀବନ ଜିଇଁବା ପାଇଁ ପ୍ରେରଣା ପ୍ରାପ୍ତ ହୋଇଥାଏ । ଫୁଲର ଆୟୁଷ କମ୍ ହୋଇଥାଏ । କିନ୍ତୁ ମଉଳିଯିବା ପୂର୍ବରୁ ଏହାର ସୁଗନ୍ଧ ବାତାବରଣକୁ ମହକାଇ ଦେଇଥାଏ । ଏଣୁ ଆମେ ଜୀବନରେ ସର୍ବଦା ଏଭଳି ବଞ୍ଚିବା ଉଚିତ୍, ଯେପରି ଆମ ଆଖପାଖରେ ଥିବା ଲୋକମାନେ ସୁଖ ଲାଭ କରନ୍ତୁ ।

ବାସ୍ତୁ ଶାସ୍ତ୍ର ଅନୁଯାୟୀ ଘରେ ବଗିଚା ରହିବା ଅନିର୍ବାଯ୍ୟ । ବଗିଚା ଅନେକ ବାସ୍ତୁ ଦୋଷ ଦୂର କରିଥାଏ । ଘର ଆଗରେ ବ୍ରହ୍ମକମଳ, ଗୁଡହଲ୍, ମିଠା ନିମ୍ବ, ଚାନ୍ଦିନୀ ଆଦି ବୃକ୍ଷ ଲାଗାଇଲେ ବାସ୍ତୁ ଦୋଷ ଦୂର ହୁଏ । ଏହା ବ୍ୟତୀତ ପାରିଜାତ, ମୋଗରା, ଗେଣ୍ଡୁ, ସେବତୀ ଫୁଲ ଘର ଅଗଣାରେ ରହିବା ଶୁଭ ହୋଇଥାଏ । ଏହି ସବୁ ଫୁଲ ଘରେ ସକାରାତ୍ମକ ବାତାବରଣ ସୃଷ୍ଟି କରିଥାନ୍ତି । ଫଳରେ ପରିବାରରେ ସର୍ବଦା ହସଖୁସିର ବାତାବରଣ ରହିଥାଏ ।

## ଯୁବା ଦିଶିବାର ସହଜ ଉପାୟ

ମୁଖମଣ୍ଡଳରେ ବାର୍ଦ୍ଧକ୍ୟର ଛାପ ଦିଶିଲେ ଅଧା ସୌନ୍ଦର୍ଯ୍ୟ ସେଇଟି କମିଯାଏ। ଏପରି ପରିସ୍ଥିତିରେ ଅଧିକାଂଶ ଲୋକ ସଂକୋଚ ଅନୁଭବ କରିଥାନ୍ତି। ଆପଣଙ୍କ ଚର୍ମର ରଙ୍ଗ ଯାହା ହେଉ ପଛେ ତାହା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ,



ଆପଣ କେତେ ଆକର୍ଷଣୀୟ ଭାବେ ନିଜକୁ ଉପସ୍ଥାପିତ କରୁଛନ୍ତି ତାହା ହିଁ ଗୁରୁତ୍ୱପୂର୍ଣ୍ଣ। ନିମ୍ନରେ ସେ ସଂପର୍କରେ ଉଲ୍ଲେଖ କରାଯାଇଛି। ଏହି ସବୁ ଦିଗକୁ ଧ୍ୟାନ ଦେଲେ ଆପଣ ବି ଦିଶିବେ ଚୀର ସବୁଜ। ଡାକ୍ତରଙ୍କଠାରୁ ଆରମ୍ଭ କରି ଯୋଗ ଗୁରୁ, ସେଲିବ୍ରେଟି ଏବଂ ସବୁ ଧରଣର ବିୟୁଟିସିଆନମାନେ ମତ ଦିଅନ୍ତି ଯେ ପାଣି ପିଇବା ଉତ୍ତମ ତ୍ୱଚା ପାଇଁ ସବୁଠାରୁ ଅଧିକ ଜରୁରୀ। ଯିଏ ଯେତେ ପରିମାଣରେ ପାଣି ପିଅନ୍ତି ତାଙ୍କ ତ୍ୱଚା ସେତେ ଚିକ୍କଣ ଦିଶେ। ବ୍ରଣ ସମସ୍ୟା ମଧ୍ୟ ପାଖ ପଶେ ନାହିଁ। ଫଳ, ପରିବା, ଦୁଗ୍ଧ ଜାତୀୟ ଖାଦ୍ୟ ନିଶ୍ଚୟ ଖାଆନ୍ତୁ। ଫଳରେ ତ୍ୱଚା ତେଲିଆ ଦିଶେ। ଦୂରରୁ ମଧ୍ୟ ଆପଣଙ୍କ ଚେହେରା ଚକମକ କରିବ। ପାରୁଛନ୍ତି ଯଦି କଲରା, ଲାଉ ଏବଂ ଗାଜର ରସ ପିଅନ୍ତୁ। ଚା, କଫି କିମ୍ବା ଫାଷ୍ଟଫୁଡରୁ ନିଜକୁ ଦୂରେଇ ରଖନ୍ତୁ। ମନେ ରଖନ୍ତୁ ଫାଷ୍ଟଫୁଡ ପ୍ରିୟ ଲୋକଙ୍କ ମଧ୍ୟରେ ଖୁବ୍ କମ୍ ବୟସରେ ବାର୍ଦ୍ଧକ୍ୟର ଛାପ ସ୍ପଷ୍ଟ ବାରି ହୋଇପଡ଼େ। ମଝିରେ ମଝିରେ ମୁହଁରେ ଅମୃତଭଣ୍ଡା, କଦଳୀ, ଆଳୁ, ବିଲାତି ବାଇଗଣ କିମ୍ବା ମହୁ କୌଣସିରୁ ଗୋଟାଏ ଲେପ ଦିଅନ୍ତୁ। ଏହା ଦ୍ୱାରା ତ୍ୱଚା ନରମ ହୋଇଥାଏ। ଅଧିକରୁ ଅଧିକ ଥର ମୁହଁ ଧୁଅନ୍ତୁ। ଥଣ୍ଡା ପାଣିରେ ମୁହଁ ଧୋଇଲେ ବେଶି ଭଲ। ବ୍ରଣ, ଦାଗ କିମ୍ବା ଛଉ ଆଦି ସମସ୍ୟା ପାଖ ପଶେ ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାତିରେ ଜଲ୍‌ଦି ଶୋଇ ଜଲ୍‌ଦି ଉଠନ୍ତୁ। ବିଳମ୍ବିତ ରାତିରେ ଶୋଇବା ତ୍ୱଚା ପାଇଁ ଆଦୌ ଶୁଭଙ୍କର ନୁହେଁ।

# ରଥଯାତ୍ରା ସମୟରେ ଯାତ୍ରୀ ସୁବିଧା ଯୋଗାଇବ ପୂର୍ବତଟ ରେଳପଥ

**ଭୁବନେଶ୍ୱର,୪।୭ (ମହାଭାରତ):** ରଥ ଯାତ୍ରା ସମୟରେ ଯାତ୍ରୀ ଭିଡକୁ ଦୃଷ୍ଟିରେ ରଖି ରେଳ ମନ୍ତ୍ରଣାଳୟ ତୀର୍ଥଯାତ୍ରୀଙ୍କ ସମସ୍ତ ପ୍ରକାର ସୁବିଧା ପ୍ରଦାନ କରାଇବା ପାଇଁ ବିଶେଷ ଭାବରେ ରେଳ ଦ୍ୱାରା ପୁରୀକୁ ଆସୁଥିବା ଭକ୍ତମାନଙ୍କୁ ଅଧିକ ଯାତ୍ରା ଅଭିଜ୍ଞତା ଉପଲବ୍ଧ କରାଇବାକୁ ନିଷ୍ପତି ନେଇଛି।

ରଥ ଯାତ୍ରା ସମୟରେ ସ୍ୱତନ୍ତ୍ର ଟ୍ରେନର ସୁରକ୍ଷା, ନିରାପତା ଏବଂ ସମୟାନୁବର୍ତୀତା ମାନଦଣ୍ଡ ଯୋଗାଇଦେବା ସହିତ ବହୁ ଜନସମାଗମକୁ ଦୃଷ୍ଟିରେ ରଖି ଷ୍ଟେସନ ପରିସରର ପରିମଳ ଏବଂ ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱାରୋପ କରାଯାଇଛି । ଯାତ୍ରୀମାନଙ୍କ ସମସ୍ୟା ତଥା ଟ୍ରେନ୍ ଚଳାଚଳ ସୁଗମ କରିବା ପାଇଁ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଉଛି । ଷ୍ଟେସନରେ ରେଳବାଇ ସୂଚନା ସମ୍ବନ୍ଧରେ ପ୍ରଭାବଶାଳୀ ଘୋଷଣା ଏବଂ ଅତିରିକ୍ତ ଟିକେଟ୍ ବୁକିଂ କାଉଂଟର ମାଧ୍ୟମରେ



ଟିକେଟ୍ ସୁଗମ ଉପଲବ୍ଧ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବ । ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନଗୁଡ଼ିକରେ ଟ୍ରାଫିକ୍ ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ଏବଂ ସୁବିଧା ପ୍ରତି ମଧ୍ୟ ଧ୍ୟାନ ଦେବା ପାଇଁ ରେଳବାଇ ଯୋଜନା କରିଛି।

ଭିଡ ଏଡ଼ାଇବା (କ୍ରାଉଡ୍ ମ୍ୟାନେଜମେଂଟ), ଟ୍ରେନ୍ ସୂଚନା ବ୍ୟବସ୍ଥା / ଅନୁସନ୍ଧାନ କାଉଣ୍ଟର, ଭିଡିଓ ୱାଲ୍ ପ୍ରଦର୍ଶନ, ୟୁଟିଏସ୍ ମୋବାଇଲ୍ ଆପ୍, ୨୫ ହଜାରରୁ ରୁ ଅଧିକ ତୀର୍ଥଯାତ୍ରୀ ଏବଂ ଭକ୍ତଙ୍କ ରହିବା ପାଇଁ ମେଳା ସେଡ ଓ ତୀର୍ଥଯାତ୍ରୀ ଅପେକ୍ଷା କ୍ଷେତ୍ର / ଶେଡ୍, ଟିକେଟ୍ ବୁକିଂ କାଉଣ୍ଟର ଏବଂ ମୋବାଇଲ୍ ଟିକେଟ୍ କାଉଣ୍ଟର, ମେଳା ଶେଡ୍, ସୁରକ୍ଷା ବ୍ୟବସ୍ଥା, କ୍ୟାଟରିଂ ଏବଂ ଆତିଥ୍ୟ, ମେଡିକାଲ୍ ସୁବିଧା ଏବଂ ଆମ୍ବୁଲାନ୍ସ, ସେବା, ବିଦ୍ୟୁତ୍ ଯୋଗାଣ, ଜଳ ଯୋଗାଣ, ଯାତ୍ରୀ ବିଶେଷକରି ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ସ୍ୱଚ୍ଛତା, ସୁରକ୍ଷା, ପାନୀୟ ଜଳ ଏବଂ ପର୍ଯ୍ୟାପ୍ତ ଶୌଚାଳୟ ଇତ୍ୟାଦିର ବ୍ୟାପକ ବନ୍ଦୋବସ୍ତ କରାଯାଇଅଛି । ଚଳିତ ବର୍ଷ ରେଳବାଇ ୧୫ ଲକ୍ଷ ଯାତ୍ରୀଙ୍କୁ ପୁରୀକୁ ଏବଂ ପୁରୀ ଠାରୁ ନିଜ ଗନ୍ତବ୍ୟ ସ୍ଥଳକୁ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି । ଏହା ବ୍ୟତୀତ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଆଧାରିତ କାର୍ଯ୍ୟଶୀଳ ସିଡ୍ୟୁଲିଙ୍ଗ ସିଷ୍ଟମ୍ ବ୍ୟବହାର କରି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯିବାକୁ ବ୍ୟବସ୍ଥା କରାଯାଉଅଛି ଯାହାଦ୍ୱାରା ଯାତ୍ରୀ ଚାହିଦା କୁ ଦୃଷ୍ଟିରେ ରଖି ରେଳବାଇ ନିର୍ଦ୍ଦିଷ୍ଟ ଗନ୍ତବ୍ୟସ୍ଥଳକୁ ଅଧିକ ଟ୍ରେନ୍ ଚଳାଚଳ କରାଇ ପାରିବ। ଟ୍ରେନ ଗୁଡିକର ସୁପରିଚାଳନା, ଅତିରିକ୍ତ ଟିକେଟ କାଉଣ୍ଟର, ଯାତ୍ରୀ ସହାୟତା ଓ ଅତିରିକ୍ତ ସୂଚନା କେନ୍ଦ୍ର, ଟ୍ରେନ ସମୟ ସାରଣୀର ସୂଚନା ପ୍ରଦର୍ଶନ, ମେଳା ସେଡ ର ପରିଚାଳନା, ଖାଦ୍ୟ ଓ ପାନୀୟ ବ୍ୟବସ୍ଥା, ଷ୍ଟେସନ ପରିସରର ପରିମଳ ଏବଂ ପରିଷ୍କାର ପରିଚ୍ଛନ୍ନତା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସହାୟତା ଓ ଆମ୍ବୁଲାନ୍ସ ସେବା, ଆଲୋକୀକରଣ, ଏଲସି ଗେଟ ପରିଚାଳନା, ମନ୍ଦିର ପ୍ରଶାସନକୁ ସହାୟତା, ବ୍ୟାପକ କର୍ମବଳ, ସୁରକ୍ଷା ଓ ନିରାପତ୍ତା ସହିତ ଭିଡ଼ ଏଡ଼ାଇବାକୁ ବ୍ୟବସ୍ଥା ଓ ସିସିଟିଭି ଦ୍ୱାରା ନିରୀକ୍ଷଣ ଇତ୍ୟାଦି ପ୍ରତି ବିଶେଷ ଧ୍ୟାନ ଦିଆଯାଇ ଯାତ୍ରୀ ସୁବିଧା ଯୋଗାଇଦିଆଯିବାକୁ ରେଳବାଇ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

# ଭୁବନେଶ୍ୱରରେ ଜୁଲାଇ ୫ରୁ ୧୧ ପର୍ଯ୍ୟନ୍ତ ଦିବ୍ୟାଙ୍ଗ ଜନ ରୋଜଗାର ମେଳା

**ଭୁବନେଶ୍ୱର,୪।୭ (ପିଆଇବି):** ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନ ଭିନ୍ନକ୍ଷମ (ଦିବ୍ୟାଙ୍ଗଜନ) ସଶକ୍ତୀକରଣ ବିଭାଗ ପକ୍ଷରୁ ଜାତୀୟ ଦିବ୍ୟାଙ୍ଗଜନ ଫାଇନାନ୍ସ ଆଣ୍ଡ ଡେଭଲପମେଣ୍ଟ କର୍ପୋରେସନ୍ (ଏନଡିଏଫଡିସି) ଜରିଆରେ ଦିବ୍ୟ କଳା ଶକ୍ତି ଓ ଦିବ୍ୟ କଳା ମେଳା ଆୟୋଜନ କରିବାକୁ ଯାଉଛି । ସାରା ଦେଶର ଦିବ୍ୟାଙ୍ଗ ଉଦ୍ୟୋଗୀ ଓ ଶିଳ୍ପୀଙ୍କ ପ୍ରତିଭା ଏବଂ କାରିଗରୀକୁ ପ୍ରଦର୍ଶିତ କରୁଥିବା ଏହା ଏକ ଅଭିନବ କାର୍ଯ୍ୟକ୍ରମ । ଏହି ଦିବ୍ୟ କଳା ମେଳା ଓ ଦିବ୍ୟ କଳା ଶକ୍ତି କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ କିଟ୍ କ୍ୟାମ୍ପସରେ ଆସନ୍ତାକାଲି ଠାରୁ ଅର୍ଥାତ୍ ୫ରୁ ୧୧ ଜୁଲାଇ ପର୍ଯ୍ୟନ୍ତ ଆୟୋଜନ କରାଯିବ।

୫ ଜୁଲାଇ ୨୦୨୪ ଅପରାହ୍ଣ ଗୋଟାଏ ବେଳେ ଦିବ୍ୟ କଳା ମେଳା ଓ ଦିବ୍ୟ କଳା ଶକ୍ତି କାର୍ଯ୍ୟକ୍ରମକୁ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବି.ଏଲ. ବର୍ମା ଉଦଘାଟନ କରିବେ । ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଉତ୍ତରାଖଣ୍ଡ ଏବଂ ଓଡ଼ିଶା ଭଳି ୬ଟି ରାଜ୍ୟରେ ଦିବ୍ୟାଙ୍ଗ ଜନଙ୍କ ପାଇଁ କାର୍ଯ୍ୟ କରୁଥିବା ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ।

କିଟ୍ ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଉପରୋକ୍ତ ୬ଟି ରାଜ୍ୟର ଦିବ୍ୟାଙ୍ଗ ଜନ କଳାକାରମାନେ ଐତିହାସିକ ସାଂସ୍କୃତିକ କାର୍ଯ୍ୟକ୍ରମ 'ଦିବ୍ୟ କଳା ଶକ୍ତି' ପରିବେଷଣ କରିବେ । ଦିବ୍ୟାଙ୍ଗ ଜନଙ୍କ ପ୍ରତିଭା ଓ ସାମର୍ଥ୍ୟକୁ ପ୍ରୋତ୍ସାହିତ କରିବା ତଥା କଳା ଓ ସଂସ୍କୃତି ଜରିଆରେ ସେମାନଙ୍କୁ ନେଇ ଏକ ସମାବେଶୀ ସମାଜ ଗଢ଼ିବା ଲାଗି ''ଦିବ୍ୟ କଳା ଶକ୍ତି'' କାର୍ଯ୍ୟକ୍ରମ ଜରିଆରେ ପ୍ରୟାସ କରାଯାଇଥାଏ।

୧୯୦ ଜଣ ଦିବ୍ୟାଙ୍ଗ ଶିଳ୍ପୀ, କାରୀଗର ଓ ଉଦ୍ୟୋଗୀଙ୍କ ଦ୍ୱାରା ପ୍ରସ୍ତୁତ ଉତ୍କୃଷ୍ଟ ଉତ୍ପାଦ ଏହି ମେଳାରେ ପ୍ରଦର୍ଶିତ ହେବ । ଆଗନ୍ତୁକମାନେ ଏଠାରେ ବିଭିନ୍ନ ବର୍ଗର ବ୍ୟାପକ ଉତ୍ପାଦ ପାଇପାରିବେ, ସେଗୁଡ଼ିକ ମଧ୍ୟରେ ରହିଛି : ଗୃହସଜ୍ଜା ଓ ଜୀବନଶୈଳୀ ଉତ୍ପାଦ, ପୋଷାକ, ଷ୍ଟେସନାରୀ, ପରିବେଶ ଅନୁକୂଳ ଉତ୍ପାଦ, ପ୍ୟାକେଟ୍ ଖାଦ୍ୟ, ଜୈବିକ ଉତ୍ପାଦ, ଖେଳନା, ଉପହାର, ବ୍ୟକ୍ତିଗତ ସାମଗ୍ରୀ ତଥା ଅଳଙ୍କାର ଓ କ୍ଲଚ୍ ବ୍ୟାଗ, ଚିତ୍ରକଳା।

ଏହି କାର୍ଯ୍ୟକ୍ରମ ''ଭୋକାଲ୍ ଫର୍ ଲୋକାଲ'' ଅଭିଯାନକୁ ପ୍ରୋତ୍ସାହିତ କରିଥାଏ, ଯାହା ଦ୍ୱାରା ଆଗନ୍ତୁକମାନେ ଦିବ୍ୟାଙ୍ଗ କାରିଗରମାନଙ୍କ ଦ୍ୱାରା ଅତ୍ୟନ୍ତ ଦୃଢ଼ ସମର୍ପଣ ସହ ନିର୍ମିତ ଅଭିନବ ଜିନିଷ କିଣିପାରିବେ ।

କାର୍ଯ୍ୟକ୍ରମ ସୂଚୀ:-କିଟ୍ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ-୬ରେ ଜୁଲାଇ ୫ରୁ ୧୧ ତାରିଖ ପର୍ଯ୍ୟନ୍ତ ସକାଳ ୯ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ଏଥିରେ ଦିବ୍ୟାଙ୍ଗଜନ କଳାକାର ଓ ଜଣାଶୁଣା ପେସାଦାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାବ୍ୟତୀତ ଏହି କାର୍ଯ୍ୟକ୍ରମରେ ଆଗନ୍ତୁକମାନେ ବିଭିନ୍ନ ଆଞ୍ଚଳିକ ଖାଦ୍ୟର ମଜା ନେଇପାରିବେ।

# ଅଧ୍ୟକ୍ଷଙ୍କୁ ପିଟିଲେ ଅଧ୍ୟାପକ

**ଭୁବନେଶ୍ୱର,୪।୭ (ମହାଭାରତ):** ଖୋର୍ଦ୍ଧାରେ ଥିବା ହଳଦିଆ। ଡିଗ୍ରୀ କଲେଜର ଅଧ୍ୟକ୍ଷଙ୍କୁ ହୋଇଛି ପ୍ରବଳ ମାଡ। କଲେଜର ପରିଚାଳନା କମିଟି ସଭାପତି ଓ ଜଣେ ଅଧ୍ୟାପକ ତାଙ୍କୁ ଚ୍ୟାମ୍ବରରେ ପଶି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଅଧ୍ୟକ୍ଷଙ୍କୁ ମାଡ଼ ମାରାଯାଇଥିବା ଖୋର୍ଦ୍ଧା ଶିକ୍ଷାଞ୍ଚଳ ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାଇ ଅଧ୍ୟକ୍ଷ ଉମାକାନ୍ତ ପାତ୍ର ଆଜି ସକାଳ ପ୍ରାୟ ୮.୩୦ରେ ସମୟରେ ନିଜ ପ୍ରକୋଷ୍ଠରେ ଗାମୁଛା ପିନ୍ଧି ବସି ରହିଥିଲେ। ଏହି ସମୟରେ କଲେଜ ପରିଚାଳନା କମିଟି ସଭାପତି ରଞ୍ଜନ କୁମାର ଭଞ୍ଜ, ଇତିହାସ ବିଭାଗର ଅଧ୍ୟାପକ ବିଜୟ କୁମାର ଭଞ୍ଜ ଦେଓଙ୍କ ସମେତ ସ୍ଥାନୀୟ ଅଞ୍ଚଳର ରବି ନାରାୟଣ ଭଞ୍ଜ ସାମନ୍ତ, ପ୍ରଦୀପ୍ତ କୁମାର ଭଞ୍ଜ, ଭବାନୀ ପ୍ରସାଦ ପଟ୍ଟନାୟକ ଓ ଶ୍ରୀକାନ୍ତ କୁମାର ଭଞ୍ଜ ସେଠାରେ ପହଞ୍ଚିଥିଲେୟ ସେମାନେ ପ୍ରଥମେ କିଛି କାଗଜ ଦେଖାଇଥିଲେ।

ଏହାପରେ ଅଧ୍ୟକ୍ଷ ଉମାକାନ୍ତଙ୍କୁ ପ୍ରିନ୍ସିପାଲଙ୍କ ସିଟ୍ ଓ କଲେଜ କ୍ୟାମ୍ପସ ଛାଡ଼ି ଚାଲି ଯିବାକୁ କହିଥିଲେ। ହେଲେ ଉମାକାନ୍ତ ସେମାନଙ୍କ କଥାରେ ରାଜି ହୋଇ ନଥିଲେ। ଆଇନଗତ ଉପାୟରେ ସବୁ କିଛି ସେମାନେ କରିପାରିବେ ବୋଲି କହିଥିଲେ।

ଏକଥା ଶୁଣି ସେମାନେ ପ୍ରଫେସର ଉମାକାନ୍ତଙ୍କୁ ଧକ୍କା ଓ ଚପୁଡ଼ା ମାରିଥିଲେ। ଇତିହାସ ଅଧ୍ୟାପକ ଭଞ୍ଜ ଦେଓ ତାଙ୍କ ତଣ୍ଟିକୁ ଧରି ରୁମରୁ ଠେଲି ବାହାର କରିଦେବାକୁ ଚେଷ୍ଟା କରିଥିଲେ। ଏଥିଯୋଗୁ ଉମାକାନ୍ତଙ୍କ ବେଗରେ ଆଘାତ ଲାଗିଛି। ଘଟଣା ବେଳେ କଲେଜର ପିଓନ ଓ ୱାଚମ୍ୟାନ ଉପସ୍ଥିତ ଥିବା ଉମାକାନ୍ତ ତାଙ୍କ ଅଭିଯୋଗରେ ଉଲ୍ଲେଖ କରିଛନ୍ତି।

ଘଟଣା ପରେ ଆକ୍ରମଣକାରୀମାନେ ଫେରାର ହୋଇ ଯାଇଥିଲେ। ପୂରା ଦୃଶ୍ୟ ସିସିଟିଭିରେ ମଧ୍ୟ କଏଦ ହୋଇଛି। ସ୍ଥାନୀୟ ଅଞ୍ଚଳର କିଛି ଲୋକ ଖବର ପାଇ ଆକ୍ରମଣରେ ସାମାନ୍ୟ ଆହତ ହୋଇଥିବା ଉମାକାନ୍ତଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ।

ସେଠାରେ ନିଜର ଚିକିତ୍ସା କରାଇବା ପରେ ଅଧ୍ୟକ୍ଷ ଉମାକାନ୍ତ ପାତ୍ର ଖୋର୍ଦ୍ଧା ଶିକ୍ଷାଞ୍ଚଳ ଥାନାରେ ପହଂଚି ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏନେଇ କାହାର ବି ପ୍ରତିକ୍ରିୟା ମିଳିପାରି ନାହିଁ। ପୁଲିସ୍ ଏବେ ଘଟଣାର ତଦନ୍ତ ଆରମ୍ଭ କରିବା ସହ ସିସିଟିଭି ଫୁଟେଜର ଯାଞ୍ଚ ଆରମ୍ଭ କରିଛି।

# ବିଜେପି ଯୁବମୋର୍ଚ୍ଚାର ହିଂସାକାଣ୍ଡକୁ କଂଗ୍ରେସର ନିନ୍ଦା

**ଭୁବନେଶ୍ୱର,୪।୭ (ମହାଭାରତ):** ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ଅଶାନ୍ତିର ବୀଜ ବୁଣୁଛି ବିଜେପି। ବିରୋଧୀ ଦଳ ନେତା ସମ୍ମାନୀୟ ରାହୁଲ ଗାନ୍ଧୀଙ୍କ ପ୍ରତି ଓଡ଼ିଶା ବିଜେପି ଯୁବମୋର୍ଚ୍ଚା ଯେଉଁଳି ବ୍ୟବହାର ପ୍ରଦର୍ଶନ କଲା ଏବଂ କଂଗ୍ରେସ ଭବନ ଆଗରେ ହିଂସାକାଣ୍ଡ ଘଟାଇଲା ତାହା ଅତ୍ୟନ୍ତ ନିନ୍ଦନୀୟ। କଂଗ୍ରେସ ଭବନ ଆଗରେ ହିଂସାକାଣ୍ଡ ଘଟାଇଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଆସନ୍ତାକାଲି (ଶୁକ୍ରବାର) ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ ଓ ଅନ୍ୟ କାର୍ଯ୍ୟକର୍ତାମାନେ ଭୁବନେଶ୍ୱର ଡିସିପିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିବେ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ କହିଛନ୍ତି।

ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକ କହିଲେ ଯେ କ୍ଷମତାକୁ ଆସିବାର ମାତ୍ର ଏକ ମାସ ହୋଇଛି, ବିଜେପିର ନେତାମାନେ ଯେଉଁଳି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କଲେଣି ତାହା ଘୋର ଚିନ୍ତାର ବିଷୟ। ରାଜ୍ୟ



ରାଜଧାନୀରେ ପୋଲିସ ପ୍ରଶାସନ ଉପସ୍ଥିତିରେ ବିଜେପିର କାର୍ଯ୍ୟକର୍ତାମାନେ ଗୁଣ୍ଡାଗର୍ଦ୍ଦି କଲେ। ପୋଲିସ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନି । ସରକାରୀ ଦଳର ଆଚରଣ ଓ ଉଚ୍ଚାରଣକୁ ରାଜ୍ୟବାସୀ ଦେଖୁଛନ୍ତି ଓ ଆଗାମୀ ଦିନରେ ଓଡ଼ିଶାବାସୀ ଏହାର ଦୃଢ଼ ଜବାବ ଦେବେ।

ସାମ୍ବାଦିକ ସମ୍ମିଳନୀରେ ସାଂସଦ ସପ୍ତଗିରି ଉଲ୍ଲାକା କହିଲେ ଯେ ସଂସଦରେ ବିରୋଧୀ ଦଳର କ୍ଷମତା ବୃଦ୍ଧି ଓ ରାହୁଲ ଗାନ୍ଧୀଙ୍କ ଜବାବକୁ ବିଜେପି ନେତାମାନେ ସହିପାରୁନାହାନ୍ତି। ତେଣୁ ସେମାନେ ହିଂସ୍ର ହୋଇପଡ଼ିଛନ୍ତି। ବିଜେପି ନେତାମାନେ ରାହୁଲ ଗାନ୍ଧୀ ପୁରା ହିନ୍ଦୁ ସମାଜକୁ ଆକ୍ଷେପ କରୁଥିବା ମିଥ୍ୟା ଅଭିଯୋଗ ଆଣି ବିଶୃଙ୍ଖଳା ସୃଷ୍ଟି କଲେ। ଓଡ଼ିଶାରେ ବିଜେପି କାର୍ଯ୍ୟକର୍ତାମାନେ ଯେଉଁଳି ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି କଲେ ତାହା ନିନ୍ଦନୀୟ।

ସେହିପରି ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡ.ବିଶ୍ୱରଞ୍ଜନ ମହାନ୍ତି କହିଲେ ଯେ ଏମ୍ଏସ୍‌ପିକୁ ଆଇନଗତ କରିବା ପାଇଁ ଆମେ ଦାବି ରଖିଥିଲୁ। କିନ୍ତୁ ସଂସଦରେ ସେ ସମ୍ପର୍କରେ ଆଲୋଚନା କରିବାକୁ ଦିଆଗଲା ନାହିଁ। ଓଡ଼ିଶାରେ ଖୋଦ୍ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀମାନେ ଦ୍ୱନ୍ଦ୍ୱରେ ଅଛନ୍ତି। ସେମାନଙ୍କ ମଧ୍ୟରୁ କିଏ କେତେବେଳେ କ'ଣ କହୁଛନ୍ତି, ତାହା ସେମାନେ ନିଜେ ମଧ୍ୟ ଜାଣନ୍ତି ନାହିଁ। ତେଣୁ ଚାଷୀଙ୍କୁ ଖରିଫ୍ ଋତୁରେ ଏମ୍ଏସପି ଦିଆଯିବ କି ରବି ଋତୁରେ ଏମ୍ଏସ୍‌ପି ଦିଆଯିବ ତାହା ପଛକଥା। ପ୍ରଥମେ ଚାଷୀଙ୍କୁ ଏମ୍ଏସ୍‌ପିର ଆଇନଗତ ଅଧିକାର ପ୍ରଦାନ କରାଯିବା ଆବଶ୍ୟକ। ସେହିପରି ଓଡ଼ିଆ ଅସ୍ମିତାର କଥା କହି ଶାସନକୁ ଆସିଥିବା ବିଜେପି ସରକାର ଓଡ଼ିଶାରେ ଗୁଜୁରାଟ ମଡେଲ ଚଲାଇଲାଣି। ଖୋଦ୍ ବିଜେପି ରାଜ୍ୟ ସଭାପତି ସାମ୍ବାଦିକ ସମ୍ମିଳନୀ ଡାକି ଯେଉଁଳି ଭାବେ ଆମର ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଅରୁଚିକର ମନ୍ତବ୍ୟ ଦେଲେ ଏବଂ ସେହିଦିନ ବିଜେପି ଯୁବମୋର୍ଚ୍ଚାର କର୍ମୀମାନେ ଆସି ହିଂସାକାଣ୍ଡ ଘଟାଇଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ସମ୍ମିଳନୀରେ ପିସିସି ଉପସଭାପତି ସନତ ଦାଶ ଉପସ୍ଥିତ ଥିଲେ।

## ଦାବନଗେରେ ଇଥାନଲ ଉତ୍ପାଦନ ରଣନୀତି ଉନ୍ମୋଚିତ

**ଭୁବନେଶ୍ୱର,୪।୭ :** ୨୦୨୪-୨୦୨୫ ଆର୍ଥିକ ବର୍ଷରେ, ଦାଭାଙ୍ଗେରେ ସୁଗାର କମ୍ପାନୀ ଲିମିଟେଡ୍ (ବିଏସଇ: ୫୪୩୨୬୭, ଏନଏସଇ: ଡାଭାଙ୍ଗେରେ) ଅକ୍ଟୋବର ୨୦୨୪ରେ କ୍ରସିଂ ଋତୁ ଆରମ୍ଭ ହେବା ପର୍ଯ୍ୟନ୍ତ ମୁଖ୍ୟତଃ ମକା ଏବଂ ଅନ୍ୟକ୍ଷତିଗ୍ରସ୍ତ ଶସ୍ୟରୁ ଇଥାନଲ ଉତ୍ପାଦନ କରିବାକୁ ଯୋଜନା କରିଛି। ଇଥାନଲ ଉତ୍ପାଦନ କୁ ବୃଦ୍ଧି କରିବା ପାଇଁ କମ୍ପାନୀ ଦେଶର ବିଭିନ୍ନ ଅଞ୍ଚଳରୁ ଅଧିକ ପରିମାଣର ମକା କିଣିବାକୁ ଲକ୍ଷ୍ୟ ରଖିଛି । ସରକାରୀ ନୀତି ବର୍ତମାନ ମକାରୁ ଇଥାନଲ ଉତ୍ପାଦନକୁ ପ୍ରୋତ୍ସାହିତ କରୁଛି ଏବଂ କେନ୍ଦ୍ର ସରକାର କୃଷକମାନଙ୍କଠାରୁ ମକା କ୍ରୟ କରି ଇଥାନଲ ଉତ୍ପାଦନ ପାଇଁ ଚିନି କାରଖାନାଗୁଡ଼ିକୁ ଯୋଗାଣ କରିବା ପାଇଁ ଏକ ଜାତୀୟ ସମନ୍ୱୟ ଏଜେନ୍ସି ଗଠନ କରିବା ପ୍ରକ୍ରିୟାରେ ଅଛନ୍ତି । ନିରନ୍ତର, ବର୍ଷସାରା କାର୍ଯ୍ୟ ପାଇଁ ପର୍ଯ୍ୟାପ୍ତ ପରିମାଣର ମକା ଯୋଗାଣ ସୁନିଶ୍ଚିତ କରି ଏହି ପଦକ୍ଷେପ ଆମ କାରଖାନା ଏବଂ ଅନ୍ୟମାନଙ୍କୁ ଉପକୃତ କରିବ।

# ଛାତ୍ର ସଂସଦ ନିର୍ବାଚନ ଓ ନିଟ୍ ଉଚ୍ଛେଦ ପାଇଁ ଦାବି

**ଭୁବନେଶ୍ୱର,୪।୭ (ମହାଭାରତ):** ଚଳିତ ବର୍ଷ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ କରାଯିବା ଓ ଛାତ୍ର ବିରୋଧି ନିଟ୍ ପରୀକ୍ଷା ଉଚ୍ଛେଦ ପାଇଁ ଓଡ଼ିଶା ବିଧାନସଭାରେ ପ୍ରସ୍ତାବ ଗ୍ରହଣ କରିବା ଦାବିରେ ଏଆଇଏସ୍ଏଫ୍ ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଗତ ୨୦୧୮ ମସିହାଠାରୁ ରାଜ୍ୟରେ ଛାତ୍ର ସଂସଦ ର୍ନିବାଚନ ବନ୍ଦ ଥିବାରୁ ଛାତ୍ରଛାତ୍ରୀ ନିଜ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ନେତୃତ୍ୱର ସଂକଟ ବୃଦ୍ଧି ପାଇବା ସହ କ୍ୟାମ୍ପସରେ ରାଗିଂ ଓ ଅନ୍ୟାନ୍ୟ ସମସ୍ୟା ମଧ୍ୟ ବୃଦ୍ଧି ପାଇଛି।

ତେଣୁ ଅବିଳମ୍ବେ +୨ ମହାବିଦ୍ୟାଳୟ ସମେତ ସମସ୍ତ ଉଚ୍ଚ



ଶିକ୍ଷାନୁଷ୍ଠାନରେ ଶାନ୍ତି ଶୃଙ୍ଖଳା ସହ ଛାତ୍ର ସଂସଦ ନିର୍ବାଚନ କରାଯିବା ଦାବିରେ ସଂଘ ପକ୍ଷରୁ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି। ଏହା ସହିତ ନିଟ୍ ଭଳି କେନ୍ଦ୍ରୀୟ ପରୀକ୍ଷା ବ୍ୟବସ୍ଥା ଦ୍ୱାରା ଗ୍ରାମାଞ୍ଚଳ ଓ ଗରିବ ଶ୍ରେଣୀର ପିଲା ଡାକ୍ତରୀ ଶିକ୍ଷାରୁ ବଞ୍ଚିତ ହେଉଥିବାରୁ ନିଟ୍ ପରୀକ୍ଷା ଉଚ୍ଛେଦ ପାଇଁ ଓଡ଼ିଶା ବିଧାନସଭାରେ ପ୍ରସ୍ତାବ ପାରିତ ହେବା ଆବଶ୍ୟକ। ଯାହାଦ୍ୱାରା ଓଡ଼ିଶାର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି।

ଏହି ଦୁଇ ଦାବି ସଂପର୍କରେ ଆଲୋଚନା ଅବସରରେ ମାନ୍ୟବର ମନ୍ତ୍ରୀ ଛାତ୍ର ସଂସଦ ନିର୍ବାଚନ ପାଇଁ ଏକ ପ୍ରସ୍ତୁତି ବୈଠକର ଆୟୋଜନ କରି ସମସ୍ତଙ୍କ ମତ ଆଧାରରେ ସୁବ୍ୟବସ୍ଥିତ ଢଙ୍ଗରେ ନିର୍ବାଚନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ନିଟ୍ ଉଚ୍ଛେଦ ଦାବି ଉପରେ ନିରବ ରହିଥିଲେ। ଏହି ଦାବି ପତ୍ର ପ୍ରଦାନ ପାଇଁ ସଂଘର ରାଜ୍ୟ ସଭାପତି ସଙ୍ଘମିତ୍ରା ଜେନାଙ୍କ ନେତୃତ୍ୱରେ ଏକ ୫ଜଣିଆ ପ୍ରତିନିଧି ମଣ୍ଡଳୀ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ। ଏଥିରେ ସଂଘର ଉପସଭାପତି ମନୋରଞ୍ଜନ ରାଉତ, ଯୁଗ୍ମ ସମ୍ପାଦକ ଦେଶପ୍ରିୟ ପଣ୍ଡା, କାର୍ଯ୍ୟକାରିଣୀ ସଦସ୍ୟ ଅମରେଶ ପରିଡ଼ା ଓ ସୋମ୍ୟରଞ୍ଜନ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

# ସାଂସଦ ପ୍ରତିନିଧିଙ୍କୁ ଓୟୁଜେ ପକ୍ଷରୁ ସମ୍ବର୍ଦ୍ଧନା

**ଭୁବନେଶ୍ୱର,୪।୭ (ମହାଭାରତ):** ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ଭୁବନେଶ୍ୱର ସାଂସଦ ପ୍ରତିନିଧି ଦିଲ୍ଲିପ କୁମାର ହୋତାଙ୍କୁ ଓଡ଼ିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (ଓୟୁଜେ)ଖୋର୍ଦ୍ଧା ଶାଖା ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ କୁ ସାମ୍ବାଦିକ ତଥା ଓୟୁଜେ ର ଜିଲ୍ଲା ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର ଙ୍କ ସଂଯୋଜନା ଓୟୁଜେ ଖୋର୍ଦ୍ଧା ଜିଲ୍ଲା ଶାଖା ର ସଭାପତି ତପନ କୁମାର ନାୟକ ଙ୍କ ସହିତ ସମସ୍ତ ସଭ୍ୟ ମାନେ ପ୍ରଥମେ ଉପସ୍ଥିତ ସାଂସଦ ପ୍ରତିନିଧି ଙ୍କୁ ଶୁଭେଚ୍ଛା ଜଣାଇବା ପରେ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସାମ୍ବାଦିକ ଙ୍କ ବିଭିନ୍ନ ସମସ୍ୟାର ସମାଧାନ ଉପରେ ଅଲୋଚନା ପରେ ଓୟୁଜେ ଖୋର୍ଦ୍ଧା ଶାଖା



ର ରହିଥିବା ଅନେକ ସମସ୍ୟାର ସମାଧାନ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସେହିପରି ଓୟୁଜେ ର ବାର୍ଷିକ ଉତ୍ସବ କରାଯିବା କୁ ନିଷ୍ପତି ହୋଇଥିଲା। ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର କୁମାର ମିଶ୍ର, ରାଜ୍ୟ ସମ୍ପାଦକ ପ୍ରସନ୍ନ ପାଇକରାୟ, ସନତ କୁମାର ପଟ୍ଟନାୟକ, ସୁଶାନ୍ତ ବିଶ୍ୱାଳ, ଶ୍ରୀକାନ୍ତ ପ୍ରଧାନ, ସତ୍ୟନାରାୟଣ ସାମନ୍ତରାୟ, ରାଜେଶ ଚନ୍ଦ୍ର ମହାନ୍ତି, ଅୟସ ମହାନ୍ତି, ଏମ ଡି କୁତୁବୁଦ୍ଦିନ ଖାଁ, ଶୁଭଲକ୍ଷ୍ମୀ ସାମନ୍ତରାୟ, ଚନ୍ଦନ କୁମାର ସୁନ୍ଦରାୟ, ଗୋପାଳକୃଷ୍ଣ ପ୍ରଧାନ,ପ୍ରଭାତ ମହାନ୍ତି, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସୟଦ ଅନସର ଅଲ୍ଲୀ, ଲକ୍ଷ୍ମୀନାରାୟଣ ମହାପାତ୍ର, ସେକ ଅନୁଅର ଅଲ୍ଲୀ, ସନ୍ଦୀପ ବର୍ମନ ପ୍ରମୁଖ ଉପସ୍ଥିତ ଥିଲେ।

# ଏସଆଇପି ଆବାକସ୍ ପ୍ରତିଯୋଗିତାରେ ୧୧ଶହ ଛାତ୍ରଛାତ୍ରୀ ସାମିଲ



**ଭୁବନେଶ୍ୱର,୪।୭ (ମହାଭାରତ):** ପ୍ରଥମ ଥର ପାଇଁ ଓଡିଶାରେ ଆୟୋଜିତ ହୋଇଥିବା ଏସଆଇପି ଆବାକସ୍ ପ୍ରତିଯୋଗିତାରେ ଛାତ୍ରଛାତ୍ରୀଙ୍କୁ ଗଣିତରେ ଏଭଳି ଦକ୍ଷ ହେବା ଦେଖିବା ଏକ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ଥିଲା। ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ୧୧୦୦ରୁ ଅଧିକ ଅଂଶଗ୍ରହଣକାରୀ ଏକତ୍ରିତ ହୋଇ ଗାଣିତିକ ଉତ୍କର୍ଷ ଉତ୍ସବରେ ସେମାନଙ୍କ ଗଣିତ ଦକ୍ଷତା ପ୍ରଦର୍ଶନ କରିଥିଲେ। ଓଡିଶାର ସମସ୍ତ ଜିଲ୍ଲାରୁ ଏସଆଇପି ଆବାକସ୍‌ର ସମସ୍ତ ଶାଖାମୁଖ୍ୟ ଏବଂ ଶିକ୍ଷକ ଶିକ୍ଷୟତ୍ରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଏସଆଇପି ଆବାକସ୍ ଇଣ୍ଡିଆ ଏବଂ ଇଣ୍ଟରନ୍ୟାସନାଲର ଏମ୍‌ଡି ଦୀନେଶ ଭିକ୍ଟର ପ୍ରତିଯୋଗିତାର ଅନନ୍ୟ ଆଭିମୁଖ୍ୟକୁ ବର୍ଣ୍ଣନା କରି କହିଲେ, ଏସଆଇପି ପ୍ରୋଡିଜି ହେଉଛି ଭାରତର ଅନ୍ୟତମ ବୃହତ୍ତମ ପ୍ରତିଯୋଗିତା ଏହାର ଜଟିଳତା ଏବଂ ମାପକାଠି ଏହାକୁ ସ୍ୱତନ୍ତ୍ର କରେ କଳ୍ପନା କରନ୍ତୁ ପିଲାମାନେ କେବଳ ଗାଣିତିକ ସମାଧାନ କରୁନାହାଁନ୍ତି, ମାତ୍ର ୧୧ ମିନିଟରେ ୩୦୦ ରାଶିର ସମାଧାନ କରୁଛନ୍ତି। ଏହିପରି ଆତ୍ମବିଶ୍ୱାସ ଏବଂ ଗତି ସହିତ ଯୁବପିଢ଼ି ଗଣିତକୁ କରିବା ପ୍ରକୃତରେ ଆଶ୍ଚର୍ଯ୍ୟଜନକ। ଏସଆଇପି ଆବାକସ୍ ପ୍ରୋଗ୍ରାମ୍‌ରେ କରାଯାଇଥିବା ଏକାଗ୍ରତା କୌଶଳ ପ୍ରଦର୍ଶନ ମାଧ୍ୟମରେ ପିଲାମାନଙ୍କ ବିକଶିତତାକୁ ଦର୍ଶାଯାଇଛି। ରାଜ୍ୟରୁ ୬-୧୪ ବର୍ଷ ବୟସର ପିଲାମାନେ ଏଥିରେ ଭାଗ ନେଇଥିଲେ। ସେମାନେ ୧୧ ମିନିଟ୍ ମଧ୍ୟରେ ପ୍ରାୟ ୩୦୦ ରାଶି ସମାଧାନ କରିଥିଲେ। ଯୁବପିଢିଙ୍କ ପାଇଁ କୌଣସି ସମସ୍ୟା ଅତ୍ୟନ୍ତ କଠିନ ନଥିଲା।

## ପଶ୍ଚିମବଙ୍ଗର କୋଲକାତାରେ ଷ୍ଟୋରି ଦେଭାସୋମ ସ୍ପା ଏବଂ ରିସର୍ଟର ଶୁଭାରମ୍ଭ

**ଭୁବନେଶ୍ୱର,୪।୭ :** ଆଇଟିସି ହୋଟେଲ ପକ୍ଷରୁ ପାନ ଇଣ୍ଡିଆରେ ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ କୋଲକାତାରେ ଷ୍ଟୋରି ଦେଭାସୋମ ରିସର୍ଟ ଆଣ୍ଡ ସ୍ପା ମାଧ୍ୟମରେ ପଶ୍ଚିମବଙ୍ଗରେ ପ୍ରବେଶ କରିଛି। ୩ ଏକର ପରିମିତ ଜମିରେ ବିସ୍ତାରିତ ଏହି ଆରାମଦାୟକ ରିସୋର୍ଟ ଏକ ଷ୍ଟେକେସନ କିମ୍ବା ଏକ ସ୍ପା ହଲିଡେ ପାଇଁ ଉପଯୁକ୍ତ ପଥ ସାବ୍ୟସ୍ତ ହେବ। ବନ୍ଧୁ ଏବଂ ପରିବାର ସହିତ ଏକକ ଭ୍ରମଣ ହେଉ କିମ୍ବା ଉତ୍ସବ ହେଉ, ଷ୍ଟୋରି କୋଲକାତା ଆପଣଙ୍କୁ ଏକ ସ୍ମରଣୀୟ ରହଣି ପାଇଁ ଅନେକ ବିକଳ୍ପ ଯୋଗାଇବ। ସାଉଥ ସିଟି ଜିଲ୍ଲାରେ ଅବସ୍ଥିତ, ଇଷ୍ଟର୍ଣ୍ଣ ମେଟ୍ରୋପଲିଟାନ (ଇଏମ) ବାଇପାସ ଠାରୁ ୨୦ ମିନିଟର ଡ୍ରାଇଭ, ଷ୍ଟୋରି କୋଲକାତା ଆପଣଙ୍କୁ ସହରୀ ଜୀବନର କୋଳାହଳରୁ ବ୍ୟକ୍ତିଗତ ଏବଂ ନବଜୀବନ ଅନୁଭୂତି ପ୍ରଦାନ କରିଥାଏ ଯାହା ମନ ଏବଂ ଶରୀରକୁ ଶାନ୍ତ କରିବାକୁ ସକ୍ଷମ ହେବ। ସ୍ଥାନୀୟ ଉପାଦାନଗୁଡିକ ପ୍ରଦର୍ଶନ କରିବାକୁ ପ୍ରତିଶ୍ରୁତିବଦ୍ଧ ଷ୍ଟୋରି କୋଲକାତାରେ ଚମତ୍କାର ଓଭରହାଙ୍ଗ, ଆଶ୍ରୟସ୍ଥଳ ପଥ ଏବଂ ଜୀବନ୍ତ ବଗିଚା ରହିଛି।

# ମିନିଚିନପାଟଣା ପ୍ରାଥମିକ ବିଦ୍ୟାଳୟରେ ବନମହୋତ୍ସବ



**ଭୁବନେଶ୍ୱର,୪।୭ (ମହାଭାରତ):** ଖୋର୍ଦ୍ଧା ଜିଲ୍ଲା ଚନ୍ଦକା ବନଖଣ୍ଡ ଅଧିନ ହଳଦିଆ। ବନ୍ୟ ପ୍ରାଣୀ ରେଞ୍ଜ ପକ୍ଷରୁ ଅଙ୍ଗାରପଡା ପଞ୍ଚାୟତ ମିନଚିନପାଟଣା ପ୍ରାଥମିକ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଅତିଥି ରୂପେ ସ୍ଥାନୀୟ ରେଞ୍ଜର ରୋହିତ କୁମାର,ଯୋଗ ଦେଇ ମାପାଇଁ ଗଛ ଟିଏ ଲଗାଇବା ପାଇଁ ଚଳିତ ବର୍ଷ ସରକାର ନିଷ୍ପତ୍ତି ନେଇଥିବା ବେଳେ ବର୍ତ୍ତମାନ ଯେଉଁ ଭଳି ଜଳବାୟୁ ପରିବର୍ତ୍ତନ ହୋଇଚାଲିଛି। ତାହାକୁ ରୋକିବାକୁ ହେଲେ କେବଳ ବୃକ୍ଷରୋପଣ ଦ୍ୱାରା ହିଁ ରୋକି ହୋଇପାରିବ ବୋଲି କହିଥିଲେ। ଏଥିପାଇଁ ଆମେ ସମସ୍ତେ ନିଜ ମାଙ୍କ ନାମରେ ଗୋଟିଏ ଗଛ ଲଗାଇବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବନରକ୍ଷୀ ହରିହର ମହାରଣା,ପ୍ରଧାନ ଶିକ୍ଷକ ଅରୁଣ କୁମାର ପଟ୍ଟନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୂର୍ଯ୍ୟମଣି ନାୟକ, ପ୍ରମୁଖ ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀ ଓ ଅଭିଭାବକ ଙ୍କୁ ବୃକ୍ଷରୋପଣ ର ଦ୍ୱାରା ଆମ ସମାଜ କଣ ଉପକାର ହୋଇଥାଏ ତାହା ଉପରେ କହିଥିଲେୟପରେ ବିଦ୍ୟାଳୟ ପରିସର ରେ ବିଭିନ୍ନ କିସମ ର ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ,ବିଦ୍ୟାଳୟ କମିଟିର ସଭ୍ୟ ସଭ୍ୟା,ଜଙ୍ଗଲ ବିଭାଗ ର କର୍ମଚାରୀ ସହଯୋଗ କରିଥିଲେ।

## ସାମସଙ୍ଗ ସ୍ମାର୍ଟଫୋନ ନିମନ୍ତେ ପୂର୍ବ-ସଂରକ୍ଷଣ ପ୍ରକ୍ରିୟାକୁ ଖୋଲା କରିଛି

**ଭୁବନେଶ୍ୱର,୪।୭ :** ସାମସଙ୍ଗର ଗାଲାକ୍ସି ଜେଡ୍ ଶୃଙ୍ଖଳକୁ ପୂର୍ବ-ସଂରକ୍ଷଣ କରିପାରିବେ ଯାହା ଦ୍ୱାରା ସେମାନେ ଏହାକୁ ଅତିଶୀଘ୍ର ପାଇବାକୁ ଯୋଗ୍ୟ ସହିତ ରହିଥିବା ବିଶେଷ ଅଫର ମଧ୍ୟ ପାଇପାରିବେ। ଗ୍ରାହକମାନେ କେବଳ ୨୦୦୦ ଟଙ୍କାର ଏକ ଟୋକନ ପରିମାଣ ସାମସଙ୍ଗ ଡ଼ଟକମ୍ ସାମସଙ୍ଗ ଏକ୍ସକ୍ଲୁଜିଭ ଷ୍ଟୋରରେ ପଇଠ କରି ଏହି ପୂର୍ବ-ସଂରକ୍ଷଣର ସୁବିଧା ନେଇପାରିବେ। ଏଥି ସହିତ ଆମାଜନ ଡ଼ଟ ଇନ, ଫ୍ଲିପକାର୍ଟ ଡ଼ଟ କମ୍ ତଥା ସମଗ୍ର ଭାରତରେ ରହିଥିବା ଅଧିକୃତ ଖୁଚୁରା ଷ୍ଟୋର ମାନଙ୍କରେ ମଧ୍ୟ ଏହି ସୁବିଧା ଉପଲବ୍ଧ। ଏଇ ନିକଟରେ ସମାସଙ୍ଗ ଘୋଷଣା କରିଥିଲା ଯେ, ଜୁଲାଇ ୧୦ ତାରିଖ ଏହାର ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଅବସରରେ ସାମସଙ୍ଗ ଆଜି ଏହାର ଗାଲାକ୍ସି ଜେଡ ସ୍ମାର୍ଟଫୋନ ତଥା ପରିବେଶ ସନ୍ତୁଳିତ ଉପକରଣ ସମୂହ ଶୁଭାରମ୍ଭର ଘୋଷଣା କରିଛି। ଆଗକୁ ଆସୁଥିବା ଏହି ଭାଙ୍ଗ ଯୁକ୍ତ ସାମଗ୍ରୀ ଗୁଡ଼ିକରେ ସାମସଙ୍ଗ ଅନୁକୂଳିତ ଏଆଇର ବିଶେଷ ଅଦ୍ୱିତୀୟ ଗୁଣର ଅଭିଜ୍ଞତା ଭରି ରହିଥିବାର ସୂଚନା ବିଶ୍ଳେଷକମାନେ ପ୍ରଦାନ କରିଛନ୍ତି।

# ଆତଙ୍କବାଦୀଙ୍କୁ ସୁରକ୍ଷା

ସମ୍ବିଧାନର ଧାରା ୩୭୦ ଉଚ୍ଛେଦ ସହ କାଶ୍ମୀର ପରିସ୍ଥିତିରେ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। କେନ୍ଦ୍ର ସରକାରଙ୍କ କଠୋର ଆଭିମୁଖ୍ୟ ଏବଂ ଆତଙ୍କବାଦ ଦମନ ଲାଗି କ୍ରମାଗତ ପ୍ରୟାସ ଯୋଗୁ ଉପତ୍ୟକାରେ ଆତଙ୍କବାଦୀ କାର୍ଯ୍ୟକଳାପ ବହୁ ମାତ୍ରାରେ କମିଛି। ନିକଟରେ ଅନୁଷ୍ଠିତ ସଂସଦୀୟ ନିର୍ବାଚନରେ ବିପୁଳ ମତଦାନ ପ୍ରମାଣ କରୁଛି ଯେ, କାଶ୍ମୀରବାସୀ ଦେଶର ମୁଖ୍ୟସ୍ରୋତରେ ଅଛନ୍ତି। ଦେଶର ସମ୍ବିଧାନ ପ୍ରତି ସେମାନଙ୍କର ଆସ୍ଥା ଓ ବିଶ୍ୱାସ ରହିଛି। କାଶ୍ମୀରରେ ସୁରକ୍ଷା ବାହିନୀ ଉପରକୁ ଟେକା ପଥର ମାଡ଼ ଏବେ ଇତିହାସ। ଏହା ସମ୍ଭବ ହୋଇଛି ମୋଦି ସରକାରଙ୍କ ଆତଙ୍କବାଦ ପ୍ରତି ଜିରୋ ଟଲେରାନ୍ସ ନୀତି ଯୋଗୁ। ଏଥିରେ ବିଚଳିତ ହୋଇ ଆତଙ୍କବାଦୀ ସଙ୍ଗଠନ ଗୁଡ଼ିକ ସେମାନଙ୍କ ସ୍ଥିତି ଜାହିର କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଗତ ସପ୍ତାହକ ଭିତରେ ଘଟିଥିବା ଆତଙ୍କବାଦୀଙ୍କ ଆକ୍ରମଣରେ ଅନେକ ସାଧାରଣ ଲୋକ ଏବଂ ଜଣେ ସୁରକ୍ଷା କର୍ମୀ ନିହତ ହୋଇଛନ୍ତି। ଏହା ପରେ ଗୃହମନ୍ତ୍ରୀ ଅମିତ ଶାହା ଏକ ଉଚ୍ଚସ୍ତରୀୟ ବୈଠକରେ ପରିସ୍ଥିତିର ସମୀକ୍ଷା କରିଛନ୍ତି। କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ପ୍ରତି ଜିରୋ ଟଲେରାନ୍ସ ନୀତିକୁ ସେ ଦୋହରାଇଛନ୍ତି। ସାଧାରଣ ଲୋକଙ୍କ ଧନଜୀବନର ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସେ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆତଙ୍କବାଦୀଙ୍କୁ ଉପଯୁକ୍ତ ଜବାବ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, କାଶ୍ମୀର ଉପତ୍ୟକାରେ ଆତଙ୍କୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଅଧିକାଂଶ ହେଉଛନ୍ତି ଅନୁପ୍ରବେଶକାରୀ ବିଦେଶୀ ନାଗରିକ। ତେଣୁ କାଶ୍ମୀର ଉପତ୍ୟକାରେ ଆତଙ୍କବାଦର ଦମନ ଲାଗି ପ୍ରଥମେ ଅନୁପ୍ରବେଶକୁ ରୋକାଯିବା ଜରୁରୀ। ଏଥିଲାଗି ସୀମାରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବା ଉଚିତ। ସେହିପରି ଗତ ୩ ମାସ ମଧ୍ୟରେ ଦେଶର ବିଭିନ୍ନ ମାଓ ଉପଦ୍ରୁତ ରାଜ୍ୟରେ ଅନେକ ମାଓବାଦୀ ସୁରକ୍ଷା ବାହିନୀ ଗୁଳିରେ ପ୍ରାଣ ହରାଇଛନ୍ତି। ମାଓବାଦୀଙ୍କ ସହ ଅଧିକାଂଶ ଏନକାଉଣ୍ଟର ଛତିଶଗଡ଼ରେ ହୋଇଛି। ଗତ ବର୍ଷ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏକ ସମୀକ୍ଷା ବୈଠକରେ ମାଓଦମନ ଅଭିଯାନକୁ ତ୍ୱରାନ୍ୱିତ କରିବା ଲାଗି ଅର୍ଦ୍ଧସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଫଳ ଏବେ ମିଳୁଛି। ଏହା ରାତାରାତି ସମ୍ଭବ ନୁହେଁ। ଏଥିନିମନ୍ତେ ସମୟ ଆବଶ୍ୟକ। ମାଓଦମନ ଅଭିଯାନରେ ସଫଳତା ପଛରେ ଏକ ବଡ଼ କାରଣ ହେଲା। ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ। ମାଓବାଦୀଙ୍କ ଗୁପ୍ତ ଆଡ୍ଡା, ସେମାନଙ୍କ ଗତିବିଧି ଏବଂ ସେମାନଙ୍କୁ ମିଳୁଥିବା ସହାୟତା ସମ୍ପର୍କରେ ଗୁପ୍ତ ତଥ୍ୟ ମିଳିଲେ ମାଓଦମନ ଅଭିଯାନ ସହଜ ଏବଂ ସୁବିଧାଜନକ ହୋଇପାରିବ। ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ଏହି କାରଣରୁ ମାଓଦମନ ଅଭିଯାନରେ ସଫଳତା ମିଳିଛି। କାଶ୍ମୀର ଉପତ୍ୟକାରେ ଆତଙ୍କବାଦ ଦମନ ଲାଗି ମଧ୍ୟ ସମାନ ଆବଶ୍ୟକତା ରହିଛି। ଅତ୍ୟାଧୁନୀକ ବ୍ୟବସ୍ଥା ସହିତ ଗୁଇନ୍ଦା ବ୍ୟବସ୍ଥାର ସୁଦୃଢ଼ୀକରଣ ନିହାତି ଜରୁରୀ। ଏଥିଲାଗି ସାଧାରଣ ଜନତାଙ୍କୁ ସୁରକ୍ଷା ବ୍ୟବସ୍ଥା ସହ ଯୋଡ଼ିବାକୁ ପଡ଼ିବ। ସାଧାରଣ ଜନତା ଯେତେବେଳେ ସୁରକ୍ଷା କର୍ମୀଙ୍କୁ ସହଯୋଗ କରିବେ ସେତେବେଳେ ଆତଙ୍କବାଦର ମୁକାବିଲା ସହଜ ହୋଇପାରିବ। ଅତୀତରେ କାଶ୍ମୀର ଉପତ୍ୟକାରେ ସୁରକ୍ଷା ବାହିନୀକୁ ଏଭଳି ସହଯୋଗ ମିଳୁନଥିଲା। ସାଧାରଣ ଜନତା ସ୍ୱଇଚ୍ଛାରେ ହେଉ ବା ବାଧ୍ୟବାଧକତାରେ ହେଉ ଆତଙ୍କବାଦୀଙ୍କୁ ସୁରକ୍ଷା ପ୍ରଦାନ କରୁଥିଲେ।

# ସୋସିଆଲ ମିଡ଼ିଆ ଓ ଟ୍ରେଡ଼ିଂ ଆପ୍ ଠକେଇ

॥ ଯୁଧିଷ୍ଠିର ମହାରଣା ॥

*ଟ୍ରେଡ଼ିଂରେ ନିବେଶ ନିଶାରେ କୋଟି କୋଟି ଲୋକ ଉବୁଟୁବୁ ହେଉଛନ୍ତି। ଯାହାର ଫାଇଦା ପଠାଉଛନ୍ତି ସାଇବର ଅପରାଧୀ। ନକଲି ଟ୍ରେଡ଼ିଂ ଆପକୁ ଅସ୍ତ୍ର କରୁଛନ୍ତି। ସନ୍ଦେହଜନକ ୱେବସାଇଟ ଓ ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଜାଲ ବିଛାଉଛନ୍ତି। ଅଧିକ ଟଙ୍କା ଫେରସ୍ତ ପ୍ରଲୋଭନରେ ଥୋପ ପକାଇ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ଗଲ ୪ ମାସରେ ଭାରତୀୟମାନେ ହରାଇଲେଣି ୧୭୫୦ କୋଟି ଟଙ୍କା। ୪ ଦିନ ତଳେ ନଭି ମୁମ୍ବାଇ ଜଣେ ବ୍ୟବସାୟୀ ଟ୍ରେଡ଼ିଂ ସ୍କାମରେ ଫସି ୧.୦୭ କୋଟି ଟଙ୍କା କ୍ଷତି ସହିଛନ୍ତି।*

ଘରେ ବସି କମ ସମୟରେ ଟଙ୍କା ରୋଜଗାର କରିବାକୁ ଚାହୁଁଛନ୍ତି ? ଏଥିପାଇଁ ବିଶେଷ ପରିଶ୍ରମ କରିବାକୁ ପଡ଼ିବ ନାହିଁ। କାହାକୁ କିଛି ଅର୍ଥ ଦେବାକୁ ପଡ଼ିବ ନାହିଁ। ଘରେ ବସି ମାସିକ ୫୦୦ରୁ ୫୦,୦୦୦ ଟଙ୍କା ରୋଜଗାର କରିପାରିବେ। କେବଳ ସ୍ମାର୍ଟଫୋନ ଥିଲେ ଯଥେଷ୍ଟ। ଆପଣଙ୍କୁ କେବଳ ଏକ ଭିଡ଼ିଓ ଲିଙ୍କ ପଠାଯିବ। ସେହି ଭିଡ଼ିଓକୁ ଆପଣ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଲାଇକ, ସେୟାର ଓ କମେଣ୍ଟ କରିବେ। ଯଦି ଏହି ସୁଯୋଗର ଲାଭ ଉଠେଇବାକୁ ଚାହୁଁଛନ୍ତି ତେବେ ଆମର ୱାଟସଆପ୍ ନମ୍ବର ୯୨୩୩୩୩୩୩୩୩ରେ ଜଏନ କରନ୍ତୁ। ଏପରି ବିଜ୍ଞାପନ ଆଜିକାଲି ସମସ୍ତଙ୍କ ଫେସବୁକ ଓ ହ୍ୱାଟସପଆପକୁ ଆସୁଛି। ରୋଜଗାର ଆଶାୟୀ ଯୁବକଯୁବତୀ ଓ ଗୃହିଣୀ ଘରେ ବସି ଅର୍ଥ ହାସଲ କରିବା ଲାଳସାରେ ସାଇବର ଅପରାଧୀଙ୍କ ଜାଲରେ ପଡ଼ି କାଙ୍ଗାଳ ହୋଇ ଯାଉଛନ୍ତି। ପ୍ରଥମେ କିଛି ଟଙ୍କା ପଠାଇ ପରେ ସେମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଉଛନ୍ତି ଠକ। ଏହାକୁ ଟେଲିଗ୍ରାମ ଠକେଇ କୁହାଯାଉଥିବା ବେଳେ ଆହୁରି ବିଭିନ୍ନ ଧରଣର ଘଟଣା ମଧ୍ୟ ସାମ୍ନାକୁ ଆସୁଛି। ଆପଣ ବିଶ୍ୱାସରେ ଟଙ୍କା ପଠାଇ ଚାଲନ୍ତି ଏବଂ ଆପଣଙ୍କ ନିବେଶ ବଢ଼ିବାରେ ଲାଗେ। ଯେତେବେଳେ ଲକ୍ଷାଧିକ ଟଙ୍କା ପୈଠ କରିବା ପରେ ଆପଣ ଟଙ୍କା ଉଠାଇବାକୁ ଚାହିଁବେ ହଠାତ ରାତାରାତି ସେଇ ସାଇଟ ବନ୍ଦ ହୋଇଯିବ। ନ ହେଲେ ଦେଖାଇବ ନଟ ରେସପଣ୍ଡିଙ୍ଗ, ଦ ସରଭର ଇଜ ଅଣ୍ଡର ପ୍ରୋସେସ। ଆପଣ ପୁଣି ଏହାକୁ ଲଗ ଇନ କରିବାକୁ ଚେଷ୍ଟା କରିବେ ଏହି ପର୍ଯ୍ୟାୟ ଚାଲୁଥିବା ସମୟ ଭିତରେ ଠକମାନେ ସେମାନଙ୍କ ସଂସ୍ଥା ବନ୍ଦ କରି ସାରିଥିବେ।

ରାତାରାତି ବଡ଼ଲୋକ ହେବା ପାଇଁ ଆମ ଗହଣରେ ଥିବା ଅନେକ ଲୋକ ଇଚ୍ଛା ରଖନ୍ତି। ବିନା ପରିଶ୍ରମରେ ଘରେ ବସି କିପରି ଗୋଡ଼ ଲମ୍ବାଇ ବଡ଼ ଲୋକ ହୋଇଯିବ ଏହି ଚିନ୍ତାଧାରା ହିଁ କିଛି ଲୋକଙ୍କ ପାଇଁ କେବଳ ବିପଜ୍ଜନକ ସାବ୍ୟସ୍ତ ହୋଇନଥାଏ ବରଂ ଜଣ ଜଣଙ୍କୁ ଅର୍ଥସ୍ୱାନ୍ତକରି କାଙ୍ଗାଳ କରିଦିଏ। ଆଉ କେହି କେହି ଅନ୍ୟ ବ୍ୟକ୍ତି ବା ସଂସ୍ଥା ଠାରୁ ଆଣିଥିବା କରଜ ସୁଝିବା ପାଇଁ ନିଜ ମୂଲ୍ୟବାନ ଜୀବନକୁ ହାରିବା ପାଇଁ ବାଧ ହୋଇଥାନ୍ତି। ସାଇବର ଠକମାନେ ଅନଲାଇନ ଟ୍ରେଡ଼ିଂ ନାମରେ କୋଟି କୋଟି ଟଙ୍କା ଲୁଟ କରି ଅନେକଙ୍କୁ ରାସ୍ତା କଡ଼ରେ ଭିକାରୀ କରିଦେଉଥିଲେ ମଧ୍ୟ ଏ ଖବରକୁ ଲୋକମାନେ ଗଣମାଧ୍ୟମରୁ ଜାଣିବା ସତ୍ତ୍ୱେ ନିଜକୁ ସୁଧାରି ପାରୁନାହାଁନ୍ତି। ଆଜିକାଲି ଠକମାନେ ଅନଲାଇନର ବଡ଼ ସାହାଯ୍ୟ ନେଉଛନ୍ତି। କାରଣ ସୂଚନା ପ୍ରଯୁକ୍ତିର ଅତ୍ୟାଧୁନିକ କୌଶଳ ଏଥିରେ ରହିଥିବାରୁ ଲୋକମାନଙ୍କ ପାଖକୁ ପ୍ରତିଦିନ ସେମାନଙ୍କ ହାତ ପାଖରେ ଥିବା ମୋବାଇଲ ଫୋନକୁ ଅନେକ ମିଛ ପ୍ରଲୋଭନର ସୂଚନା ଆସୁଛି। ଲୋକମାନେ ଏ ସମ୍ବନ୍ଧରେ କୌଣସି ତଦନ୍ତ ନକରି ବା ଭଲ ଭାବେ କୌଣସି ତଥ୍ୟ ସଂଗ୍ରହ ନକରି କିପରି ଇଜି ମନି ରୋଜଗାର ଦ୍ୱାରା ବଡ଼ଲୋକ ହୋଇଯିବେ ଏହି ଚିନ୍ତାଧାରା ହିଁ ସେମାନଙ୍କୁ ତଳିତଳାନ୍ତ କରିଦେଉଛି।

ସାଇବର ଠକେଇ ଦିନକୁ ଦିନ ବଢ଼ି ଚାଲୁଥିବାବେଳେ ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଭଳି ଠକଙ୍କୁ ମଧ୍ୟ ଧରିବା ସହଜ ହେଉନାହିଁ। ଏହି ଠକମାନେ ଅନଲାଇନ ଟ୍ରେଡ଼ିଂକୁ ମାଧ୍ୟମ କି ସମ୍ପ୍ରତି ସକ୍ରିୟ ହୋଇପଡ଼ିଛନ୍ତି। ଅନଲାଇନ ଟ୍ରେଡ଼ିଂ କରୁଥିବା ବ୍ୟକ୍ତିଙ୍କ ଟାର୍ଗେଟ କରି ସାଇବର ଠକମାନେ ଲୁଟି ଚାଲିଛନ୍ତି। ଦ୍ୱୈତନଗରୀ କଟକ-ଭୁବନେଶ୍ୱରରେ ମଧ୍ୟ ଏଭଳି ମାମଲା ବଢ଼ିବା ଦେଖିବାକୁ ମିଳିଲାଣି। ସାଇବର ଥାନା ସୂତ୍ରରୁ ମିଳିଥିବା ସୂଚନାନୁସାରେ ପ୍ରାୟ ୫୦ରୁ ଅଧିକ ମାମଲା ରୁଜୁ ହୋଇଛି। ଅଭିଯୋଗକାରୀମାନେ ପ୍ରାୟ ଅଧ କୋଟିରୁ ଅଧିକ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଏହି ମାମଲାରେ କାହାକୁ ଗିରଫ କରାଯାଇନାହିଁ। କିନ୍ତୁ ତଦନ୍ତ ଜାରି ରହିଛି ବୋଲି ସାଇବର ଥାନା ପୁଲିସ ସୂଚନା ଦେଇଛି। ଅନଲାଇନ ଟ୍ରେଡ଼ିଂରେ ବହୁ ବ୍ୟବସାୟୀ ଓ ଯୁବପିଢ଼ୀ ଏହି ବ୍ୟବସାୟ କରି ଲାଭବାନ ହୋଇଥାଆନ୍ତି। ଏବେ ଏହି ବ୍ୟବସାୟକୁ ଟାର୍ଗେଟ କରିଛନ୍ତି ସାଇବର ଠକ। ଠକ ନିଜକୁ ଜଣେ ବ୍ରୋକର ଭାବେ ପରିଚୟ ଦେଇ ସୋସିଆଲ ମିଡ଼ିଆରେ ଲୋକଙ୍କ ସହ ଯୋଡ଼ି ହୋଇଥାନ୍ତି। ବିଶ୍ୱାସଭାଜନ ହେବାକୁ ନାନା ମନଭୁଲା କଥା କହିଥାଆନ୍ତି। ତା ଜରିଆରେ ଟ୍ରେଡ଼ିଂ କରି କିଭଳି ବହୁତ ଲୋକ ଲକ୍ଷ ଲକ୍ଷ ଟଙ୍କା ଲାଭ କରିଛନ୍ତି ସେ ସବୁର କାହାଣୀ ଶୁଣାନ୍ତି। ବିଶ୍ୱାସ ଜନ୍ମାଇବାକୁ ବିଭିନ୍ନ ଲୋକଙ୍କ ପୋର୍ଟଫୋଲିଓ ଦେଖାଇଥାନ୍ତି। କିନ୍ତୁ ସେ ସବୁ ନକଲି ଥାଏ। ଏହାପରେ ଠକ ବିଭିନ୍ନ ନକଲି ୱେବସାଇଟ ଜରିଆରେ ଟ୍ରେଡ଼ିଂ କରିବାକୁ ପ୍ରବର୍ତ୍ତାଇଥାନ୍ତି। ବିଭିନ୍ନ କମ୍ପାନୀର ଷ୍ଟକ, ବଣ୍ଡ, ମ୍ୟୁଚୁଆଲ ଫଣ୍ଡ ଓ ଆସେଟ ଇତ୍ୟାଦିରେ ଟଙ୍କା ବିନିଯୋଗ କରିବାକୁ ଲୋଭ ଦେଖାଇଥାନ୍ତି। ସେହିଭଳି ଅନଲାଇନ ଟ୍ରେଡ଼ିଂ ବାବଦରେ ଜାଣିବାକୁ ଇଣ୍ଟରନେଟ ସର୍ଚ୍ଚ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଟାର୍ଗେଟ କରନ୍ତି ଏହି ଗ୍ୟାଙ୍ଗ। ସାଇବର ଠକ ତାଙ୍କ ଆଇପି ଆଡ୍ରେସରୁ ସବୁ ତଥ୍ୟ ହାତେଇବା ପରେ ଫୋନ ନମ୍ବର ଟେଲିଗ୍ରାମ କିମ୍ବା ଅଧିକ ଟଙ୍କା ବିନିଯୋଗ କରିବାକୁ ଲୋଭ ଦେଖାନ୍ତି। କିନ୍ତୁ ଟଙ୍କା ଉଠାଇବାକୁ ମଉକା ଦିଅନ୍ତି ନାହିଁ। କେବଳ ୱେବସାଇଟରେ ଲାଭ କେତେ ହେଲା, ତାହା ଦେଖାଇ ଦିଅନ୍ତି। ଏମିତିରେ ସାଧାରଣତଃ କିଛି ବ୍ୟକ୍ତି ଲୋଭର ବଶବର୍ତ୍ତୀ ହୋଇ ଅଧିକ ପୁଞ୍ଜି ନିବେଶ କରନ୍ତି। ଏହା ଭିତରେ କେହି ଟଙ୍କା ଉଠାଇବାକୁ ଅଡ଼ି ବସିଲେ ଠକ ପାଲଟା ତାଙ୍କୁ ଧମକ ଦେଇଥାଏ। ଅଧାରୁ ଟଙ୍କା ଉଠାଇନେଲେ ମୂଳ କି କିଛି ଲାଭ ମିଳିବନାହିଁ। ଠକାମିର ଶିକାର ହେବା ସନ୍ଦେହ କରି ନିବେଶକାରୀ ଆଉ ଯଦି ଟଙ୍କା ନଲଗାଉଛି ତେବେ ଠକ ତାର ସାଇଟ ବନ୍ଦ କରିଦିଏ। ନିବେଶକାରୀ ଯେତେ ଚେଷ୍ଟା କଲେ ମଧ୍ୟ ସାଇଟ ଖୋଲିବାର ବାଟ ପାଏ ନାହିଁ।

ଟ୍ରେଡ଼ିଂରେ ନିବେଶ ନିଶାରେ କୋଟି କୋଟି ଲୋକ ଉବୁଟୁବୁ ହେଉଛନ୍ତି। ଯାହାର ଫାଇଦା ପଠାଉଛନ୍ତି ସାଇବର ଅପରାଧୀ। ନକଲି ଟ୍ରେଡ଼ିଂ ଆପକୁ ଅସ୍ତ୍ର କରୁଛନ୍ତି। ସନ୍ଦେହଜନକ ୱେବସାଇଟ ଓ ବିଭିନ୍ନ ସୋସିଆଲ ମିଡ଼ିଆ ପ୍ଲାଟଫର୍ମରେ ଜାଲ ବିଛାଉଛନ୍ତି। ଅଧିକ ଟଙ୍କା ଫେରସ୍ତ ପ୍ରଲୋଭନରେ ଥୋପ ପକାଇ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ଗଲ ୪ ମାସରେ ଭାରତୀୟମାନେ ହରାଇଲେଣି ୧୭୫୦ କୋଟି ଟଙ୍କା। ୪ ଦିନ ତଳେ ନଭି ମୁମ୍ବାଇ ଜଣେ ବ୍ୟବସାୟୀ ଟ୍ରେଡ଼ିଂ ସ୍କାମରେ ଫସି ୧.୦୭ କୋଟି ଟଙ୍କା କ୍ଷତି ସହିଛନ୍ତି। ଏହି ଅଦୃଶ୍ୟ ଜଗତର ଠକେଇ ଓଡ଼ିଶାରେ ବି ଛାଇଗଲାଣି। ଗଲା ମାର୍ଚ୍ଚରେ ଅନୁଗୁଳ ବଅଁରପାଳର ନରେନ୍ଦ୍ର ସାହୁଙ୍କଠୁ ୨୫ ଲକ୍ଷ ଲୁଟିଥିଲେ। କୌଣସି ଟ୍ରେଡ଼ିଂ ସମ୍ପର୍କିତ ଆପକୁ ଇନଷ୍ଟଲ କରିବା ପୂର୍ବରୁ ଲୋକମାନେ ଆପକୁ ନେଇ କଣ ମତ ଓ ମନ୍ତବ୍ୟ ଦେଇଛନ୍ତି। ତାହାକୁ ଧ୍ୟାନ ଦିଅନ୍ତୁ। ତୃତୀୟ ପକ୍ଷ ଷ୍ଟୋର ବିଭିନ୍ନ ୱେବସାଇଟ, ଅନଲାଇନ ବିଜ୍ଞାପନ କିମ୍ବା ସୋସିଆଲ ମିଡିଆ ପୋଷ୍ଟ / ନାଟ୍/ଏସଏମଏସରୁ ଟ୍ରେଡ଼ିଂ ସମ୍ପର୍କିତ ଆପ ଡାଉନଲୋଡ଼ କରନ୍ତୁ ନାହିଁ। ବୈଧ ୱେବସାଇଟ କିମ୍ବା ଅନୁମତିପ୍ରାପ୍ତ ଆପ ଷ୍ଟୋର ଭଳି ଭରସାଯୋଗ୍ୟ ସ୍ରୋତରୁ ହିଁ ଟ୍ରେଡ଼ିଂ ଆପ ଗୁଡ଼ିକ ଡାଉନଲୋଡ଼ କରନ୍ତୁ। ଆପ ଡାଉନଲୋଡ଼ କରିବା ପୂର୍ବରୁ ଡେଭଲପରଙ୍କ ୱେବସାଇଟକୁ ଯାଇ ଆପ ସମ୍ପର୍କିତ ତଥ୍ୟ ଯାଞ୍ଚ କରାଇ ନିଅନ୍ତୁ। କୌଣସି ଆପକୁ ଅନୁମତି ଦେବା ପୂର୍ବରୁ ଉକ୍ତ ଆପର ଗୋପନୀୟତା ଦିଗକୁ ଭଲ ଭାବେ ପଢ଼ନ୍ତୁ। ଟ୍ରେଡ଼ିଂରେ ଟଙ୍କା ନିବେଶ ପୂର୍ବରୁ ଆପ ପ୍ରତିଶ୍ରୁତି ଓ ଯୋଜନାକୁ ସତର୍କତାପୂର୍ବକ ଯାଞ୍ଚ କରନ୍ତୁ। ଆପ ଚଳାଇବା ପାଇଁ କେବଳ ଆବଶ୍ୟକୀୟ ଅନୁମତି ଦିଅନ୍ତୁ। ଫଟୋ ଗ୍ୟାଲେରୀ, ଭଏସ ଭଳି ଗୋପନୀୟ ତଥ୍ୟ ସମ୍ବଳିତ ବିକଳ୍ପକୁ ଅନୁମତି ଦିଅନ୍ତୁନି। ଆପଣଙ୍କ ଆପର ଲଗଇନ ତଥ୍ୟକୁ କୌଣସି ମତେ ଅନ୍ୟ କାହା ସହ ସେୟାର କରନ୍ତୁନି। ସମ୍ବେଦନଶୀଳ ସୂଚନାଭିତ୍ତିକ କ୍ଷେତ୍ରରେ ବହୁସ୍ତରୀୟ ପ୍ରମାଣକୁ ଅନ କରନ୍ତୁ।

ଏହା ସହିତ ଅନଲାଇନ ଲୋନ ଆପ, ସପିଂ ସାଇବ, ଫ୍ରି ରିଚାର୍ଜ, ଗିଫ୍ଟ, ଲଟେରି ଲୋଭ ଦେଖାଇ ସାଇବର ଠକମାନେ କୋଟି କୋଟି ଟଙ୍କା ଲୁଟୁଛନ୍ତି। ସେହିପରି କମ ସମୟ ମଧ୍ୟରେ ଟଙ୍କାକୁ ଦୁଇଗୁଣା, ଚାରିଗୁଣା ଓ ୫୦ ଗୁଣା ଫେରସ୍ତ ଲୋଭ ଦେଖାଉଛନ୍ତି ସାଇବର ଅପରାଧୀ। ଏହି ଅନଲାଇନ ଚିଟଫଣ୍ଡ ଜାଲରେ ପଡ଼ି କଷ୍ଟାର୍ଜିତ ଅର୍ଥ ହରାଉଛନ୍ତି ଲୋକେ। ଏବେ ରାଜ୍ୟରେ ଶହ ଶହ ସଂଖ୍ୟାରେ ଅନଲାଇନ ଚିଟଫଣ୍ଡ ଚଳାଉଛନ୍ତି ସାଇବର ଅପରାଧୀ। ପ୍ରଥମରୁ ଥିବା ସଦସ୍ୟମାନେ ଟଙ୍କା ପାଉଛନ୍ତି। ଲୋଭରେ ପରେ ସଦସ୍ୟ ହେଉଥିବା ଲୋକେ କିନ୍ତୁ ଠକାମିର ଶିକାର ହେଉଛନ୍ତ। କେତେକ ଲୋକଲଜ୍ଜାରେ ଅଭିଯୋଗ କରିପାରୁନାହାନ୍ତି। ଠକେଇ ବିଷୟରେ ଯେତେବେଳେ ପୁଲିସ ପାଖରେ ଅଭିଯୋଗ ପହଞ୍ଚୁଛି ସେତେବେଳେ ତଦନ୍ତରୁ ମଧ୍ୟ ଚାଞ୍ଚଲ୍ୟକର ତଥ୍ୟ ମିଳୁଛି। ଏବେ ଗରିବଙ୍କୁ ସାଇବର ଅପରାଧୀମାନେ ଟାର୍ଗେଟ କରୁଛନ୍ତି। ସେମାନଙ୍କର ବ୍ୟାଙ୍କ ତଥ୍ୟ ହାସଲ କରି ପ୍ରି ଆକ୍ଟିଭେଟ ସିମ ଜରିଆରେ ବ୍ୟାଙ୍କ କାରବାର କରୁଛନ୍ତି। ସେହିପରି ଅଶିକ୍ଷିତ ଓ ଅଳ୍ପଶିକ୍ଷିତଙ୍କ ପରିଚୟ ପତ୍ର ନେଇ ସେମାନଙ୍କ ନାଁରେ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଦେଉଛନ୍ତି। ଏହି ଆକାଉଣ୍ଟକୁ ଠକେଇ ଟଙ୍କା ନେଇ ପରେ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରି ଦେଉଛନ୍ତି। ସୋସିଆଲ ମିଡ଼ିଆ ଅଫରକୁ ସମ୍ପୂର୍ଣ୍ଣ ନା : ପାର୍ଟ ଟାଇମ ନିଯୁକ୍ତି ଅଫର ଏବେ ସାଇବର ଠକେଇର ପ୍ରମୁଖ ଉପାୟ ସାଜିଛି। ଠକେଇ ସଂସ୍ଥା ଗୁଡ଼ିକ ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଖାଇ ମୁଖ୍ୟତଃ ମହିଳାମାନଙ୍କୁ ଜାଲରେ ଫସାଉଛନ୍ତି।

# ଭାରତୀୟ ନ୍ୟାୟ ସଂହିତା ଓ ହିଟ ଆଣ୍ଡ ରନ୍

॥ ଅଲେଖ ଚନ୍ଦ୍ର ସାମଲ ॥

ମନେପକାନ୍ତୁ ୨୦୦୦ ମସିହା ସେପ୍ଟେମ୍ବର ୨୮ ତାରିଖ ମୁମ୍ବାଇ ବାନ୍ଦ୍ରାର ସେହି ଅଶୁଭ ରାତିର ଘଟଣାଟିକୁ ବଲିଉଡ ଅଭିନେତା ସଲମାନ ଖାନ ତାଙ୍କ ବିଳାସପୂର୍ଣ୍ଣ ଟୋୟୋଟା ଲ୍ୟାଣ୍ଡକ୍ରୁଇଜର ଏକ ବେକରୀ ବାହାରେ ଫୁଟପାଥରେ ଶୋଇଥିବା ପାଞ୍ଚଜଣଙ୍କ ଉପରେ ଏକ ପ୍ରକାର ଦଳି ଚକଟି ସେମାନଙ୍କ ଅକାରଣରେ ଜୀବନ ନେଇଯାଇଥିଲା। ବିଚାର ହୋଇ ସଲମାନ ଖାନଙ୍କୁ ମୁମ୍ବାଇ ସେସନ କୋର୍ଟ ତାଙ୍କୁ ପାଞ୍ଚବର୍ଷ ଜେଲ ଦଣ୍ଡାଦେଶ ଦେଇଥିଲେ। ତେବେ ଏହି ମାମଲାର ଅନ୍ତଃ ଘଟିବାକୁ ତେର ବର୍ଷ ସମୟ ଲାଗିଥିଲା। ଏପରି ଅନେକ ହିଟ ଆଣ୍ଡ ରନ ମାମଲା ସାଧାରଣରେ ଆଲୋଡ଼ନ ଓ ଅଭାବନୀୟ ଚର୍ଚ୍ଚା ସୃଷ୍ଟି କରିଥାଏ। ନିକଟରେ ଶେଷ ହୋଇଥିବା ସଂସଦର ଶୀତକାଳୀନ ଅଧିବେଶନରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଆସିଥିବା ଭାରତୀୟ ନ୍ୟାୟ ସଂହିତା ଆଇନ ପାରିତ ହୋଇଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ଏହି ନୂତନ ଆଇନରେ ହିଟ୍ ଆଣ୍ଡ ରନ୍ ମାମଲାକୁ ନେଇ ଯେଉଁ ଦଣ୍ଡ ବିଧାନ ରହିଛି ତାହା ଗାଡ଼ି ଚାଳକଙ୍କ ଭିତରେ ଏକ ପ୍ରକାର ଆତଙ୍କ ସୃଷ୍ଟି କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ସରକାରଙ୍କ ଯୁକ୍ତି ହେଉଛି ଯେ ଦେଶରେ ହିଟ ଆଣ୍ଡ ରନ୍ ମାମଲା ବୃଦ୍ଧିକୁ ରୋକିବା ପାଇଁ ଏପରି କଠୋର ନିୟମର ଆବଶ୍ୟକତା ରହିଛି। ଯାହାଦ୍ୱାରା ଏହି କଡ଼ା ନିୟମ ଲାଗୁ ହେଲେ ଗାଡ଼ି ଚାଳକମାନେ ସତର୍କ ରହିବେ ଏବଂ ଦୁର୍ଘଟଣା ଘଟିବା ପରେ ପୀଡ଼ିତଙ୍କୁ ସଠିକ ସହାୟତା ନ ମିଳୁଥିବାରୁ ଏହି ନୂଆ ଆଇନରେ ଦୁର୍ଘଟଣାରେ ପୀଡ଼ିତଙ୍କୁ ସାହାଯ୍ୟ କରିବା ଦୁର୍ଘଟଣା ଘଟାଇଥିବା ବ୍ୟକ୍ତିର ପ୍ରଥମ କର୍ତ୍ତବ୍ୟ ଭାବେ ବିଚାର ରହିଛି। ଏଠାରେ ସୂଚନା ଥାଉକି ହିଟ୍ ଆଣ୍ଡ ରନ୍ ମାମଲାରେ କଠୋର ଦଣ୍ଡ ପାଇଁ ଅନେକ ଦିନରୁ ସବୁ ମହଲରୁ ଦୃଢ଼ ଦାବୀ ହୋଇଆସୁଥିଲା। କେବଳ ସେତିକି ନୁହେଁ ମାନ୍ୟବର ସୁପ୍ରିମକୋର୍ଟ ଏନେଇ କଠୋର କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ସମ୍ପର୍କରେ ମଧ୍ୟ ନିଜ ମତ ରଖିଥିଲେ।

ଆସନ୍ତା ସର୍ବପ୍ରଥମେ ଜାଣିବା ପ୍ରକୃତରେ ଏହି ହିଟ୍ ଆଣ୍ଡ ରନ୍ ମାମଲା କ'ଣ? ଯଦି କୌଣସି ଗାଡ଼ି ଚାଳକ ବେପରୁଆ ଭାବେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାନ୍ତି; ଦୁର୍ଘଟଣାରେ କାହାରି ମୃତ୍ୟୁ ଘଟେ ଏବଂ ଦୁର୍ଘଟଣା ପରେ ତୁରନ୍ତ କୌଣସି ପୁଲିସ ଅଧିକାରୀ କିମ୍ବା ମାଜିଷ୍ଟ୍ରେଟଙ୍କୁ ନ ଜଣାଇ ସଂପୃକ୍ତ ଚାଳକ ଘଟଣାସ୍ଥଳରୁ ଗାଡ଼ି ସହ ଫେରାର ହୋଇଯାଆନ୍ତି ଏ ପ୍ରକାର ଘଟଣାକୁ ହିଟ ଆଣ୍ଡ ରନ ମାମଲା ରୂପେ ବିବେଚନା କରାଯାଇଥାଏ। ନୂଆ ନିୟମ ଅନୁଯାୟୀ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୬ (୨) ଅନୁଯାୟୀ ଯଦି କୌଣସି ଗାଡ଼ି ଚାଳକ ବେପରୁଆ ଗାଡ଼ି ଚାଳନା କରି କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟାଇଥାଏ ଏବଂ ଦୁର୍ଘଟଣା ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ନଜଣାଇ ଘଟଣାସ୍ଥଳରୁ ଫେରାର ହୋଇଯାଏ ତେବେ ତାଙ୍କୁ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ ୭ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ମଧ୍ୟ ଦେବାକୁ ପଡ଼ିବ।

ଏହା ପୂର୍ବରୁ ଆମର ପୁରୁଣା କାଳିଆ ବ୍ରିଟିଶ ସମୟର ପ୍ରଚଳିତ ରହିଥିବା ଭାରତୀୟ ଦଣ୍ଡବିଧି ଆଇନ ଆଇପିସିରେ ହିଟ ଆଣ୍ଡ ରନ ମାମଲା ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନଥିଲା। ଆଇପିସିର ଧାରା ୩୦୪ (କ) ଅନୁଯାୟୀ ଏଭଳି ମାମଲାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଥିଲା। ଏହି ଧାରା ଅନୁଯାୟୀ ବେପରୁଆ ଚାଳନା କିମ୍ବା ଅବହେଳା ଜନିତ କାର୍ଯ୍ୟ ଯୋଗୁ ଅନ୍ୟର ମୃତ୍ୟୁ ଘଟିଲେ ସର୍ବାଧିକ ୨ବର୍ଷ ପାଇଁ ଜେଲ ଦଣ୍ଡ କିମ୍ବା ଜରିମାନା ହେଉଥିଲା। କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯାଉଥିଲା। ଆଇପିସିର ଧାରା ୩୦୪ (କ) ଅନୁଯାୟୀ ହିଟ ଆଣ୍ଡ ରନ ମାମଲାକୁ ଅନ୍ୟାନ୍ୟ ମାମଲା ଭଳି ରୁଜି କରାଯାଉଥିଲା।

ନ୍ୟାସନାଲ କ୍ରାଇମ ରେକର୍ଡ଼ ବ୍ୟୁରୋ ଏନସିଆରବି ଅନୁଯାୟୀ ୨୦୨୨ରେ ଭାରତରେ ମୋଟ ୪୭୮୦୬ ହିଟ ଆଣ୍ଡ ରନ ଘଟଣାରେ ୫୦୮୧୫ ଜଣଙ୍କ ମୃତ୍ୟୁ ହୋଇଛି। ଅର୍ଥାତ୍ ପ୍ରତି ଘଣ୍ଟାରେ ହିଟ ଆଣ୍ଡ ରନ ମାମଲାରେ ପାଖାପାଖି ୬ଜଣଙ୍କ ମୃତ୍ୟୁ ହେଉଥିବା ବେଳେ ଦୈନିକ ୧୪୦ ଜଣ ପ୍ରାଣ ହରାଉଛନ୍ତି। ୨୦୨୧ରେ ୪୭୫୩୦ଟି ଘଟଣା ୪୩୪୯୯ ଜଣଙ୍କ ମୃତ୍ୟୁ ହୋଇଥିଲା। ହିଟ୍ ଆଣ୍ଡ ରନ୍ ମାମଲାରେ ଭାରତୀୟ ନ୍ୟାୟ ସଂହିତାରେ ଯେଉଁ କଠୋର ଦଣ୍ଡ ବିଧାନ ବ୍ୟବସ୍ଥା ରହିଛି ଏହାକୁ ଅନେକେ ସ୍ୱାଗତ କରୁଥିଲେ ମଧ୍ୟ କେହି କେହି ଏହାକୁ ଏକ ଯୋଜନାବଦ୍ଧ ଅପରାଧ ନୁହେଁ ବୋଲି ବିଚାର କରି ଏହି ଘଟଣାରେ ୧୦ବର୍ଷ ଜେଲ ଓ ୭ଲକ୍ଷ ଟଙ୍କା ଜରିମାନାକୁ ନାପସନ୍ଦ କରିଛନ୍ତି। ସେମାନଙ୍କ ଯୁକ୍ତି ହେଉଛି ଯେ ଜଣେ ଗାଡ଼ି ଚାଳକର ଜଣାତରେ ଏଭଳି ଘଟଣା ହୋଇନଥାଏ ଏବଂ ଜଣେ ଗାଡ଼ି ଚାଳକର ମଧ୍ୟ ନିଜ ବଞ୍ଚିବାର ଅଧିକାର ଅଛି। ତେଣୁ ଏଭଳି କଠୋର ଦଣ୍ଡ ବ୍ୟବସ୍ଥା ଜଣେ ଗାଡ଼ି ଚାଳକକୁ ସମ୍ବିଧାନର ଧାରା ୨୧ ପ୍ରଦାନ କରିଥିବା ମୌଳିକ ଅଧିକାରର ଉଲ୍ଲଂଘନ। ତେବେ ଯାହାହେଉନା କାହିଁକି ଭାରତୀୟ ନ୍ୟାୟ ବ୍ୟବସ୍ଥାକୁ ଏବଂ ସର୍ବୋପରି ଭାରତୀୟ ନ୍ୟାୟ ସଂହିତାକୁ ଆମ ସମସ୍ତଙ୍କୁ ସମ୍ମାନ ଦେବାକୁ ପଡ଼ିବ। ହିଟ୍ ଆଣ୍ଡ ରନ୍ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଓ ଅମାନବୀୟ ଜଘନ୍ୟ ତ୍ରୁଟି କହିଲେ ଅତ୍ୟୁକ୍ତି ହେବନାହିଁ। ନିଶାସକ୍ତ ହୋଇ ଗାଡ଼ି ଚଳାଇବା, ମୋବାଇଲ ଫୋନରେ କଥା ହେବା ଏବଂ ପୂର୍ବରୁ ଅନ୍ୟ କୌଣସି ଦୁର୍ଘଟଣାକରି ହଡ଼ବଡ଼ ହୋଇଯାଇ ଦ୍ରୁତ ଗାଡ଼ି ଚାଳନା ତଥା ସଠିକ ଭାବେ ଗାଡ଼ି ଚଳାଇବା ପ୍ରଶିକ୍ଷଣ ଶିକ୍ଷା ନକରି ମଧ୍ୟ ଗାଡ଼ି ଚଳାଇବା ଏହିପରି ଅନେକ ପ୍ରମୁଖ କାରଣ ପାଇଁ ଏପରି ଦୁର୍ଘଟଣା ସଂଗଠିତ ହୋଇଥାଏ। ଗାଡ଼ି ଚାଳନା କ୍ଷେତ୍ରରେ ସଂଯମତା ଓ ସୁରକ୍ଷିତ ଗାଡ଼ି ଚଳାଇବା ମଧ୍ୟ ଅତ୍ୟନ୍ତ ଜରୁରୀ। ଏ କ୍ଷେତ୍ରରେ କେବଳ ପ୍ରଶାସନ ବା ସରକାରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ହେବନାହିଁ। ଆମ ସମସ୍ତଙ୍କର ଏପରି କ୍ଷେତ୍ରରେ ସଚେତନଧର୍ମୀ ଦାୟିତ୍ୱ ମଧ୍ୟ ରହିଛି।

ଆଇନ୍‌ଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୨୨୫୬୮୯

# ବୃକ୍ଷ ରୋପଣ ଓ ପରିବେଶ

॥ ଅଲେଖ ଚନ୍ଦ୍ର ସାମଲ ॥

ବିଶ୍ୱ ପରିବେଶ ଦିବସ ଏକ ଅଭିଯାନ ଅଟେ। ସାରା ବିଶ୍ୱରେ ପରିବେଶର ନକରାତ୍ମକ ପ୍ରଭାବକୁ ରୋକିବା ଓ ପରିବେଶ ସୁରକ୍ଷା ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଜୁନ୍ ୫ ତାରିଖରେ ଏହା ପାଳନ କରାଯାଏ। ଏହି ଦିବସ ପାଳନ ସଂଯୁକ୍ତ ରାଷ୍ଟ୍ର ସଂଘର ପରିବେଶ କାର୍ଯ୍ୟକ୍ରମ ଅନ୍ତର୍ଗତ। ଏହିଦିନ ମାନବୀୟ ପରିବେଶକୁ ନେଇ ସଂଯୁକ୍ତ ରାଷ୍ଟ୍ର ସଂଘର ପ୍ରଥମ ବୈଠକ ୧୯୭୨ ମସିହାରେ ବସିଥିଲା। ଏଥିରେ ପ୍ରତିବର୍ଷ ବିଶ୍ୱ ପରିବେଶ ଦିବସର କେନ୍ଦ୍ର ବଦଳାଇବା ପାଇଁ ନିଷ୍ପତ୍ତି ହୋଇଥିଲା। ସେବେଠାରୁ ପ୍ରତିବର୍ଷ ଅଲଗା ଅଲଗା ଦେଶରେ ଏହି ଦିବସ ପାଳିତ ହୋଇ ଆସୁଛି। ଧରିତ୍ରୀ ସର୍ବଂସହା। ବର୍ତ୍ତମାନ ସମୟରେ ଧରିତ୍ରୀ ପାଇଁ ସୃଷ୍ଟି ହୋଇଛି ବିପଦ। ଜଳବାୟୁରେ ବାରମ୍ବାର ପରିବର୍ତ୍ତନ ଘଟିବା ଫଳରେ ସୃଷ୍ଟି ହେଉଛି ବିପର୍ଯ୍ୟୟ। କେତେବେଳେ ପ୍ରବଳ ବର୍ଷା ଯୋଗୁ ବନ୍ୟା ସୃଷ୍ଟି ହେଉଛି ତ ଆଉ କେତେବେଳେ ବିନା ବର୍ଷାରେ ମରୁଡ଼ି ଦେଖାଦେଉଛି। ଦାନା ମୁଠାଏ ପାଇଁ ଲୋକଙ୍କୁ ଉହଳ ବିକଳ ହେବାକୁ ପଡୁଛି। ରାଜ୍ୟ ତଥା ଦେଶ ବିକାଶରେ ପ୍ରତିବନ୍ଧକ ସାଜିଛି ଜଳବାୟୁ ପରିବର୍ତ୍ତନ। କିପରି ରୋକାଯାଇପାରିବ ଏଭଳି ସମସ୍ୟା। କ'ଣ ନିଆଯିବ ପଦକ୍ଷେପ ତାହାକୁ ନେଇ ବିଶେଷଜ୍ଞମାନେ ଆରମ୍ଭ କରିଦେଇଛନ୍ତି ଅବଗଣନା। ଲୋକଙ୍କୁ ସଚେତନ କରାଇବା ସହ ଆସନ୍ତା ୧୦ବର୍ଷ ମଧ୍ୟରେ ଜଳବାୟୁ ପରିବର୍ତ୍ତନ ରୋକିବା ଲାଗି ଆଗେଇ ଆସିବାକୁ ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ସମୟର ପରିବର୍ତ୍ତନ ସହ ତାଳ ଦେଇ ବଦଳିଚାଲିଛି ସବୁକିଛି। କଟାଚାଲିଛି ବୃକ୍ଷ, ସୃଷ୍ଟି ହେଉଛି କଂକ୍ରିଟ ଜଙ୍ଗଲ। ପ୍ରତିଦିନ ରାଜ୍ୟର କୋଣେ ଅନୁକୋଣରେ ଯେତିକି ଗଛ କଟାଯାଉଛି ସେହି ଅନୁଯାୟୀ ଲଗାଯାଉନି। ବୃକ୍ଷର ସ୍ଥିତି ଏଭଳି ରହିଥିବାବେଳେ ପରିବେଶ ହେଉଛି ପ୍ରଦୂଷଣ, ଯାହାର ପ୍ରଭାବ ସିଧାସଳଖ ଜଳବାୟୁ ଉପରେ ପଡୁଛି। ଯେଉଁଥି ପାଇଁ ଗ୍ରୀଷ୍ମ ଦିନେ ପ୍ରବଳ ବର୍ଷା ହେଉଛି ତ ଆଉ କେତେବେଳେ ବର୍ଷା ଦିନେ ବର୍ଷାର ଦେଖାମିଳୁନି।

ରାଜ୍ୟ ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୧୦ ମସିହାରୁ ୨୦୨୩ ମଧ୍ୟରେ ବର୍ଦ୍ଧିତ ସବୁଜ ବଳୟ, ସବୁଜ ମହାନଦୀ ମିଶନ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ, ଆମ ଜଙ୍ଗଲ ଯୋଜନା, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ ନିଯୁକ୍ତି ଯୋଜନା, କାମ୍ପା, ଜାତୀୟ ବନୀକରଣ ଯୋଜନା, ସବୁଜ ଭାରତ ମିଶନ, ଓଡ଼ିଶା ଖଣି ନିଗମ, ମହାନଦୀ କୋଇଲା ନିଗମ, ଜିଲ୍ଲା ଖଣିଜ ପାଣ୍ଠି ଇତ୍ୟାଦି ୩୫ଟି କାର୍ଯ୍ୟକ୍ରମ ବା ଯୋଜନାରେ ବୃକ୍ଷରୋପଣ କରାଯାଇଛି। ଶହେ କି ପାଞ୍ଚଶହ କୋଟି ନୁହେଁ, ଏହି ବର୍ଷ ମାନଙ୍କରେ ୨ ହଜାର ୧୩୧ କୋଟି ୫୩ ଲକ୍ଷ ୮୨ ହଜାର ଟଙ୍କା ବିନିଯୋଗ ହୋଇ ୯ଲକ୍ଷ ୩୩ ହଜାର ୫୮୩ ହେକ୍ଟର ଜମି ନୂଆ ଜଙ୍ଗଲ ସୃଷ୍ଟି କରାଯାଇଛି। ତେବେ ଏ ସବୁ ସତ୍ତ୍ୱେ ବ୍ୟାପକ ସହରୀକରଣ ଏବଂ ଗଛକଟା ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଓଡ଼ିଶାରେ ବଡ଼ ପ୍ରଭାବ ପକାଇବା ଆରମ୍ଭ କଲାଣି। ଯେଉଁ ଭୟାନକ ଚିତ୍ରଟି ସାମ୍ନାକୁ ଆସୁଛି ତାହା ହେଲା, ରାଜ୍ୟର ପାଣିପାଗ ଓ ଋତୁଚକ୍ର ପୁରାପୁରି ବିଗିଡି ଗଲାଣି। ନିକଟରେ ତତଲାଗଡ଼ର ମାନ୍ୟତା ପାଇଥିବା ବଲାଙ୍ଗୀର ଟିଟିଲାଗଡ଼ର ତାତିଠାରୁ ବଳିଗଲା ବୌଦ୍ଧ ଓ ସୋନପୁର ଜିଲ୍ଲାର ଉତ୍ତାପ। ଅନ୍ୟ ସମସ୍ତ ଜିଲ୍ଲା ଠାରୁ ଢ଼େର ଆଗରେ ଏସବୁ ଜିଲ୍ଲାର ତାପମାତ୍ରା ରହିଲା ଭାରତ ବର୍ଷରେ ବି ନୂଆ ରେକର୍ଡ଼ କଲା। ଆମେ ଭଲ ଭାବେ ଜାଣିଛେ ଜଙ୍ଗଲ ସବୁବେଳେ ସ୍ଥାନୀୟ ଜଳବାୟୁର ସ୍ଥାୟିତ୍ୱ ବୃଦ୍ଧି ସହିତ ପରିସଂସ୍ଥାନ, ଜୈବ-ବିବିଧତା, ଅଙ୍ଗାରକାମ୍ଳ ଏବଂ ଅମ୍ଳଜାନ ଚକ୍ର ନିୟନ୍ତ୍ରଣ କରିବାରେ ଏକ ଅବିଚ୍ଛେଦ୍ୟ ଭୂମିକା ଗ୍ରହଣ କରିଥାଏ। ସହର ମଧ୍ୟରେ ଜଙ୍ଗଲ ଆବରଣ ଉତ୍ତାପକୁ ଶୋଷଣ କରିବା ସହ ସ୍ଥାନୀୟ ତାପମାତ୍ରାକୁ ପ୍ରଭାବିତ କରିଥାଏ ଏବଂ ରେଫ୍ରିଜରେଜେସନ ବା ଶୀତଳୀକରଣ ପ୍ରକ୍ରିୟା ଦ୍ୱାରା ଏହା ସ୍ଥାନୀୟ ଜଳବାୟୁକୁ ଥଣ୍ଡା କରିବାରେ ବଡ଼ ଭୂମିକା ଗ୍ରହଣ କରିଥାଏ। ଏହାର ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାହା ହେଲା ଜଙ୍ଗଲ ମୃତ୍ତିକା ସବୁବେଳେ ଅଣ-ଜଙ୍ଗଲ ମୃତ୍ତିକା ତୁଳନାରେ ଅଧିକ ଜଳ ଧାରଣ କରିବା କ୍ଷମତା ରଖେ। ଅନ୍ୟଥା କିଛି ଅଞ୍ଚଳରେ ଅତି ପ୍ରବଳ ବର୍ଷା ହେବାର ଭୟ ରହିଛି। ଏବଂ ଏସବୁ ସ୍ଥାନରେ ଅକସ୍ମାତ ବନ୍ୟା ପରିସ୍ଥିତି ସୃଷ୍ଟି ସମ୍ଭାବନାକୁ ଏଡ଼ାଇ ଦେଇହେବନାହିଁ। ଯଦିଓ ବୃକ୍ଷରୋପଣ ଜଳବାୟୁ ପରିବର୍ତ୍ତନର ଏକମାତ୍ର କାରଣ ନୁହେଁ, ଏହା କିନ୍ତୁ ଗୋଟିଏ ବଡ଼ କାରଣ ବୋଲି କୁହାଯାଇପାରେ। ଅଧିକ ବୃକ୍ଷ ଥିଲେ ତାତି ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ କମିଯିବ ଏବଂ ଉତ୍ତାପ ଶୀଘ୍ର ହ୍ରାସ ପାଇବ। ଏହା ସହିତ ବର୍ଷାର ପରିମାଣ ବୃଦ୍ଧିରେ ମଧ୍ୟ ସହାୟକ ହେବ। କେଉଁ ଅଞ୍ଚଳରେ ଖଣ ଭବିଷ୍ୟତରେ ନିର୍ମାଣ ବା କାର୍ଯ୍ୟ ହାତକୁ ନିଆଯିବ, ସେ ସଂକ୍ରାନ୍ତରେ ଗୋଟିଏ ବିସ୍ତୃତ ନକ୍ସା ପ୍ରସ୍ତୁତ କରିବା ପରେ ବୃକ୍ଷରୋପଣ କରାଗଲେ ବା ବୃକ୍ଷକୁ ସୁରକ୍ଷା ଦେଇ ବିକାଶର ମାନଚିତ୍ର ପ୍ରସ୍ତୁତ କଲେ ସ୍ଥିତିରେ ଉନ୍ନତି ଘଟନ୍ତା। ଗୁଜୁରାଟ ସରକାରଙ୍କ ଉଦାହରଣ ଏ କ୍ଷେତ୍ରରେ ନିଆଯାଇପାରେ। ଗଛ କଟାଯିବା ପରେ ଏହାର ଦଶଗୁଣ ଗଛ ଲଗାଯାଉଥିବା କୁହାଯାଉଛି। ହେଲେ ସେ ଗଛ ଲାଗୁଛି କେଉଁଠି ? ଅନ୍ୟ କୌଣସି ଅଞ୍ଚଳରେ ବୃକ୍ଷ ଲଗାଗଲେ, କଟାଯାଇଥିବା ଅଞ୍ଚଳର ପାଣିପାଗରେ କି ପରିବର୍ତ୍ତନ ହେବ ? ତୃତୀୟ କଥାଟି ହେଲା ଘର ନିର୍ମାଣ ପାଇଁ ଅନୁମତି ଦିଆଯିବା ବେଳେ ପୂର୍ବରୁ ସାଢ଼େ ପାଞ୍ଚଫୁଟ ପର୍ଯ୍ୟନ୍ତ ଜାଗା ଛାଡ଼ିବାକୁ କୁହାଯାଉଥିଲା। ଏବେ ତିନି ବା ସାଢ଼େ ତିନି ଫୁଟ ଛାଡ଼ିଲେ, ସେଥିରେ କେଉଁ ଗଛ ଲାଗିପାରିବ ? ଏଭଳି ଅନେକ ବ୍ୟତିକ୍ରମ ଜଙ୍ଗଲ ବିଭାଗ ପାଇଁ ଆହ୍ୱାନ ସୃଷ୍ଟି କଲାଣି।

ମହାଭାରତ
ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



# ଚାଷୀ ପାଉନି କୀଟନାଶକ, ନିଆଁ ଲଗାଇ ପଡିଦେଉଛନ୍ତି ଅଧିକାରୀ

**ନବରଙ୍ଗପୁର,(ମହାଭାରତ) :** ଜିଲ୍ଲା ଏକ ଚାଷ ବହୁଳ ଜିଲ୍ଲା ଭାବେ ଓଡ଼ିଶାରେ ବେଶ୍ ପରିଚିତ । କିନ୍ତୁ ଏ ଭଳି ଚାଷ ବହୁଳ ଓ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ପାଇଁ କିଛି ଦୁର୍ନୀତିଖୋର୍ ବାବୁ ସାଜିଛନ୍ତି ବିନାଶକାରୀ କୀଟ ଠାରୁ ମଧ୍ୟ ଆହୁରି ମାରାତ୍ମକ । ଆମେ କହୁଛୁ ଉମରକୋଟ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର କଥା । ଏଠାରେ ଚାଷୀଙ୍କୁ ସବସିଡିରେ ଦେବାକୁ ଆସୁଥିବା କୀଟନାଶକ ଗୁଡିକୁ ଚାଷୀଙ୍କୁ ନଦେଇ ନିଆଁ ଲଗାଇ ପୋଡି ଦିଆଯିବା ଦୃଶ୍ୟ ଦେଖିବାକୁ ମିଳିଛି । ଆଜି ଜଣେ ଚାଷୀ ଉକ୍ତ ଅଫିସକୁ କୀଟନାଶକ ନେବା ପାଇଁ ଆସି ଦେଖିଥିଲେ ଯେ ସେଗୁଡିକ ଷ୍ଟୋର ରୁମରୁ ବାହାରକୁ ଆଣି ଫୋପାଡି ଦିଆଯାଉଛି । ଯେଉଁ ଥିରେ କିଛି ପୁରୁଣା(ଏକ୍ସପାରି) ହୋଇଥିବା ବେଳେ ଅନ୍ୟ ଗୁଡିକ ସମ୍ପୂର୍ଣ୍ଣ ନୂଆ ଯାହାକି ଚାଷ ପାଇଁ ଉପଯୋଗୀ ମଧ୍ୟ । ଆମ ପ୍ରତିନିଧି ଯାଇ ମଧ୍ୟ ଏ ସବୁ ଦେଖିଲା ପରେ ଅଜୟ କର (ଅତିରିକ୍ତ ଜିଲ୍ଲା କୃଷି ଅଧିକାରୀ) ଓ ପରେ ଗୋଷ୍ଠୀ କୃଷି ଅଧିକାରୀ ସନ୍ତୋଷ କୁମାର



ନାୟକଙ୍କୁ ଫୋନ କରି ଯୋଗାଯୋଗ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଫୋନ ରିଶିଭ୍ କରିନଥିଲେ । ଏହାର ମାତ୍ର କେଇ ମିନିଟ୍ ପରେ ଗୋଷ୍ଠୀ କୃଷି ଅଧିକାରୀ ସନ୍ତୋଷ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ କେଦାର ଚରଣ ବିଷୋୟୀ ନାମକ କର୍ମଚାରୀ ଶ୍ରମିକ ଙ୍କୁ କହି ଉକ୍ତ କୀଟନାଶକ ଗୁଡ଼ିକରେ ନିଆଁ ଲଗେଇ ଦେଇଥିଲେ । ଏହା ଦେଖି ଆମ ପ୍ରତିନିଧି ଯାଇ ଏ ସବୁ ଦୃଶ୍ୟକୁ କଏଦ କରିବାରୁ ବିଷୋୟୀ ବାବୁ ଶ୍ରମିକଙ୍କୁ ନିଆଁ ଲିଭାଇବା ପାଇଁ କହିଥିଲେ, କିନ୍ତୁ ସେ ପର୍ଯ୍ୟନ୍ତ ପ୍ରାୟ କୀଟନାଶକର ୭୦% ପୋଡି ନଷ୍ଟ ହୋଇଯାଇଥିଲା । ସନ୍ତୋଷ କୁମାର ନାୟକଙ୍କ ନିର୍ଦ୍ଦେଶ ଅନୁସାରେ ମୁଁ ନିଆଁ ଲଗାଇବାକୁ କହିଛି ବୋଲି ଶୁଣିବା ପରେ ଆମ ପ୍ରତିନିଧି ତାଙ୍କୁ ସାକ୍ଷାତ କରିବାକୁ ଯିବାରୁ ସନ୍ତୋଷ କୁମାର ନାୟକ ଇତସ୍ତତଃ ହୋଇ 'ମୁଁ କେବଳ ଖାଲି ପେଟି ଗୁଡିକୁ ନିଆଁ ଲଗେଇ ପାଇଁ କହିଥିଲି' ବୋଲି ନିଜ ମୁଣ୍ଡରୁ ଦୋଷ ତୁଟାଇବା ପାଇଁ ଚେଷ୍ଟା କରିଥିଲେ । ଶୁଣିବାକୁ ମିଳିଲାଣି ଯେ ଆସୁଥିବା କୀଟନାଶକ ଔଷଧ ଗୁଡିକୁ କିଛି ଦୋକାନରେ ଚଢ଼ା ଦରରେ ବିକ୍ରୀ କରି ନିଜ କମିଶନରେ ପକେଟ୍ ଗରମ କରୁଛନ୍ତି ଏହି ବାବୁ ମାନେ । ବିକ୍ରୀ ନହୋଇ ଫେରି ଆସିଥିବା କୀଟନାଶକ ଗୁଡିକ ପୁରୁଣା ବୋଲି ଦର୍ଶାଇ ନିଆଁ ଲଗେଇ ପୋଡି ଦିଆଯାଉଛି । ଏଠାରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ ମୂଲ୍ୟବାନ କୀଟନାଶକ ଗୁଡିକୁ ପୋଡି ଦିଆଗଲା ନାଁ ବଡ ଅଫିସର ମାନେ ଅଧିନସ୍ତ କର୍ମଚାରିମାନଙ୍କୁ ଢାଲ ଭାବେ ବ୍ୟବହାର କରି ନିଜ ଚାକିରି ବଞ୍ଚାଇବା ପାଇଁ ପ୍ରୟାସ କରୁଛନ୍ତି ? ଏ ବର୍ଷ ନିଅଣ୍ଟିଆ ବର୍ଷା ଯୋଗୁଁ ଚାଷୀ ଚିନ୍ତାରେ ଥିବବେଳେ ଏବେ କୀଟନାଶକ କେଲେଙ୍କରୀ । ଏହି କେଲେଙ୍କରୀ କୁ ଏକ ଉଚ୍ଚସ୍ତରୀୟ ବିଭାଗୀୟ ତଦନ୍ତ ହେବା ଦରକାର ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଲାଣି କ୍ଷ ଦେଖିବାକୁ ବାକି ରହିଲା ଏ ବର୍ଷ କେମିତି ହେବ ଚାଷ ଓ କଣ କରିବ ଚାଷୀ ।

# ଟାଟା କମ୍ପାନୀ ଶ୍ରମିକ କେଣ୍ଟିନ୍ ରେ ନିମ୍ନ ମାନର ଖାଦ୍ୟ

## ଉପମାରୁ ବାହାରିଲା ପୋକ, ଶ୍ରମିକ ଅଶାନ୍ତି

**ଯୋଡା,(ମହାଭାରତ) :** ଯୋଡ଼ା ବ୍ଲକ ବିରିକଲା ପଞ୍ଚାୟତ ବିଲେଇପଦା ଠାରେ ଅବସ୍ଥିତ ଟାଟା ଷ୍ଟିଲ ଲଙ୍ଗ ପ୍ରଡ଼କ୍ଟ ପ୍ରା: ଲିଃ ରେ ଶ୍ରମିକ ମାନଙ୍କ ପାଇଁ ଉଦିଷ୍ଟ କେଣ୍ଟିନ୍ ରେ ନିମ୍ନମାନ ର ଖାଦ୍ୟ ମିଳୁଥିବା ନେଇ ଶ୍ରମିକମାନେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ସେମାନଙ୍କୁ ଦିଆଯାଉଥିବା ଭାତ ରେ ଶିଘ୍ର ସିଝିବା ପାଇଁ ଖାଇବା ସୋଡା ବ୍ୟବହାର କରାଯାଉଛି । ସେହିପରି ବାସୀ ତରକାରୀ, ଡାଲି କୁ ସଜ ତରକାରୀ ସହିତ ମିଶାଇ ଏହାର ଖଟା ଅଂଶ କାଟିବା ପାଇଁ ପାନ ରେ ବ୍ୟବହାର କରାଯାଉଥିବା ଚୁନ କୁ ପ୍ରୟୋଗ କରାଯାଉଛି । ଫଳରେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁଁ ପେଟ ଫୁଲି ଯାଉଥିବା ଶ୍ରମିକମାନେ କହିଛନ୍ତି । ଭାତ ଉପରେ ପାଣିଆ ଡାଲି ଢାଳି ଦିଆ ଯାଉଛି । ତରକାରୀ ନିମନ୍ତେ ଅଣାଯାଉଥିବା ପରିବାରେ ପାଚିଲା ପୋଟଳ , ବୁଢା ଭେଣ୍ଡି, ଗଜା ଆଳୁ, ପୋକରା ବାଇଗଣ ତରକାରୀ କରି ଖାଇବାକୁ ଦିଆଯାଉଛି । ତାହା ମଧ୍ୟ କେତେବେଳେ ଲୁଣିଆ ,



କେତେବେଳେ ବେଶୀ ହଳଦୀ ଭାଗମାପ ନ ଥିବାରୁ ଅରୁଚି କର ଖାଦ୍ୟ ଦିଆଯାଉଛି । ଏହି ଖାଦ୍ୟ କମ୍ପାନୀର ନିୟମ ମୁତାବକ ଶ୍ରମିକମାନଙ୍କୁ ମାଗଣାରେ ପ୍ରଦାନ କରାଯାଇ ଠିକାଦାର ଠାରୁ ଆଦାୟ କରାଯାଇଥାଏ । କେଣ୍ଟିନ ଟିକୁ ଠିକା ସଂସ୍ଥା ଦ୍ୱାରା ପରିଚାଳନା କରାଯାଉଥିବା ବେଳେ ଏହି ସଂସ୍ଥାର ଖାମଖିଆଲି ନୀତି ଯୋଗୁଁ ସକାଳ ଜଳଖିଆ ରେ ଦିଆଯାଉଥିବା ଉପମା ଓ ଡାଲି ରେ ପୋକ ବାହାରିବାକୁ ନେଇ ଅସନ୍ତୋଷ ଦେଖା ଦେଇଛି । ତେବେ କମ୍ପାନୀର ଅଫିସର ଏବଂ କର୍ମଚାରୀମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ଏସି କେଣ୍ଟିନ ଓ ଉତ୍କୃଷ୍ଟ ମାନର ଖାଦ୍ୟ ବ୍ୟବସ୍ଥା ଥିବା ବେଳେ ଶ୍ରମିକମାନଙ୍କ ପାଇଁ ଏହି ଦୋହରା ନୀତି ପ୍ରଣୟନ କରାଯାଇଥାଏ । ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କୌଣସି ଦିନ ଏହି ଖାଦ୍ୟର ମାନ ଯାଞ୍ଚ କରିବା ପାଇଁ କେହି ଅଧିକାରୀ ଆସିନଥାନ୍ତି । ତେଣୁ କମ୍ପାନୀ ଏହାର ଫାଇଦା ଉଠାଇ ଅସ୍ୱାସ୍ଥ୍ୟକର ଓ ଅରୁଚି କର ଖାଦ୍ୟ ବିତରଣ କରି ଶ୍ରମିକ ମାନଙ୍କ ସ୍ୱାସ୍ଥ୍ୟ ସହିତ ଖେଳ ଖେଳିଥାଏ । ଏହି ଖାଦ୍ୟର ମାନ ପରିବର୍ତ୍ତନ କରା ନଗଲେ ଆଗାମୀ ଦିନରେ ଏହା ଆନ୍ଦୋଳନର ରୂପ ନେବ ବୋଲି ଶ୍ରମିକ ମାନେ କହିଛନ୍ତି । ଅନ୍ୟପକ୍ଷେ କମ୍ପାନୀର ବରିଷ୍ଠ ଅଧିକାରୀ ବିଭୁଦତ୍ତ ମହାନ୍ତିଙ୍କୁ ଯୋଗାଯୋଗ କରିଥିଲେ ହେଁ ସେ ଫୋନ ଉଠାଇ ନାହାନ୍ତି ।

# ଆମପାଣି ଏସ୍ଏସଡି ହାଇସ୍କୁଲରେ ବନ ମହୋତ୍ସବ

**କୋକସରା,(ମହାଭାରତ) :** ଧର୍ମଗଡ ରେଞ୍ଜ ଦକ୍ଷିଣ ବନଖଣ୍ଡ ଅଧିନ କୋକସରା ବ୍ଲକ ଆମପାଣି ଫରେଷ୍ଟ ସେକ୍ସନ ପକ୍ଷରୁ ଗୁରୁବାର ସ୍ଥାନୀୟ ସରକାରୀ ଆବାସିକ ବିଦ୍ୟାଳୟଠାରେ ୭୫ତମ ବନ ମହୋତ୍ସବ ପାଳିତ ହୋଇଛି। ଏସ୍ଏସଡି ହାଇସ୍କୁଲର ପ୍ରଧାନଶିକ୍ଷକ ଶୁଶାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଗଡ଼ ବନାଞ୍ଚଳ ଅଧିକାରୀ ଭବାନୀ ଶଙ୍କର କାଉଁର, ଉପ ବନାଞ୍ଚଳ ଅଧିକାରୀ ସୁରେନ୍ଦ୍ର କୁମାର ବେହେରା ପ୍ରମୁଖ ଅତିଥି ଯୋଗଦେଇଥିଲେ। ଅତିଥି ଓ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସ୍କୁଲ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା। ଏହି କ୍ରମରେ ବୃକ୍ଷ ରୋପଣ ପରେ କିପରି ତା'ର ଜତ୍ନ ନିଆଯିବ ସେନେଇ ଏକ ଆଲୋଚନା ଚକ୍ର ହୋଇଥିଲା। ଆମପାଣି ବନପାଳ ମନିଷା ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବନରକ୍ଷୀ ନାରାୟଣ ନାଗ, ମନୋରଞ୍ଜନ ମହାପାତ୍ର, ଆମ ଜଙ୍ଗଲ ଯୋଜନାର ଦୁର୍ଗା ପ୍ରସାଦ ମିଶ୍ର, ଆମ ଜଙ୍ଗଲ ଯୋଜନା ବିକାଶ ଅଧିକାରି ରାହୁଲ କୁମାର ସେଠୀ, ତ୍ରିବିକ୍ରମ ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ।



# ଗୁପ୍ତା ବସ ହେଲପରଙ୍କ ଦବଙ୍ଗଗିରି, ଯାତ୍ରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ

**କୋକସରା,(ମହାଭାରତ) :** ହାଇଦ୍ରାବାଦରୁ ସିନାପାଲି ଆସୁଥିବା ଏକ ଘରୋଇ ବସର ହେଲପର ମଙ୍ଗଳବାର ବସରେ ଯାତ୍ରା କରୁଥିବା ଜଣେ ଯାତ୍ରୀଙ୍କୁ ମାଡ ମାରିଥିବା ଅଭିଯୋଗ ହୋଇଛି। ଏନେଇ ଯାତ୍ରୀମାନେ ଆମପାଣିଠାରେ ବସକୁ ଅଟକ ରଖି ହୋ ହାଲ୍ଲା କରିବା ସହ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହେଇଥିଲା। ସୂଚନା ଅନୁଯାୟୀ ଜୟପାଟଣା ବ୍ଲକ ଚାଚିଗୁଡା ଗ୍ରାମର ନିରଞ୍ଜନ ସୁନାନୀ ତାଙ୍କ ଝିଅ ଓ ସ୍ତ୍ରୀ ସହ ହାଇଦ୍ରାବାଦରୁ ଆଜି ଗୁପ୍ତା ନାମକ ଘରୋଇ ବସ ଯୋଗେ ନିଜ ଗାଁକୁ ଫେରୁଥିଲେ। ତେବେ ବସ ହେଲପରଙ୍କ ସହିତ ସିଟ୍ ଦିଆ ନିଆଁ କଥାକୁ ନେଇ ବଚସା ହେଇଥିଲା। ହେଲପର ଜଣକ ରାଗିଯାଇ ବସିଲେ ବସ ନହେଲେ ଭାଗ କହି ବିଭିନ୍ନ ଅଶ୍ଳୀଳ ଭାଷା ପ୍ରୟୋଗ କରି ତାଙ୍କୁ ମାଡ଼ ମାରିଥିବା ଯାତ୍ରୀ ନିରଞ୍ଜନ ସୁନାନୀ ଅଭିଯୋଗ କରିଛନ୍ତି। ଏ ଘଟଣାକୁ ନେଇ ଗୁପ୍ତା ବସ ଆମପାଣି ପହଞ୍ଚିବା ପରେ ୨୬ ନମ୍ବର ଜାତୀୟ ରାଜପଥର ଆମପାଣି ମୁଖ୍ୟ ଛକରେ ଯାତ୍ରୀଙ୍କ ପରିଜନ ଏବଂ ଆମପାଣି ଗ୍ରାମର ଅନେକ ଲୋକ ସେଠାରେ ପହଞ୍ଚି ବସକୁ ଅଟକ ରଖି କଣ୍ଡକ୍ଟରକୁ ଘେରାଉ କରିଥିଲେ। ଦିର୍ଘ ତିନି ଘଣ୍ଟା ଧରି



ବସକୁ ସେଠାରେ ଅଟକ ରଖିଥିଲେ ଲୋକେ। ଏବଂ ହୋ ହାଲ୍ଲା ହେବା ସହ ଉତ୍ତେଜନା ମୂଳକ ପରିସ୍ଥିତି ଦେଖା ଦେଇଥିଲା। ପରେ ଅନେକ ବୁଝା ସୁଝା କରିବା ପରେ ବସଟିକୁ ଲୋକେ ଛାଡ଼ିଥିବା ଜଣାପଡିଛି। ଏବଂ ଆଗକୁ ଏଭଳି ଯାତ୍ରୀଙ୍କ ସହ ଅଘଟଣ ନ ଘଟୁ ସେଥିପ୍ରତି ଧ୍ୟାନ ଦେବାକୁ ଯାତ୍ରୀମାନେ ବସ କଣ୍ଡକ୍ଟରକୁ ଚେତାବନୀ ଦେଇଛନ୍ତି। ସୂଚନା ଯେ' ପୂର୍ବରୁ ମଧ୍ୟ ଏହି ବସର କର୍ମଚାରୀ ଜଣେ ଯାତ୍ରୀଙ୍କୁ ମାଡ଼ ମାରିଥିବା ଆମପାଣି ଥାନାରେ ଅଭିଯୋଗ ହୋଇଛି। ତେବେ ବାରମ୍ବାର ବସ କର୍ମଚାରୀଙ୍କ ଏଭଳି ଦବଙ୍ଗଗିରିକୁ ଲୋକେ ନାପସନ୍ଦ କରିବା ତିବ୍ର ନିନ୍ଦା କରିଛନ୍ତି। ଙ୍କ ଝିଅ ଓ ସ୍ତ୍ରୀ ସହ ହାଇଦ୍ରାବାଦରୁ ଆଜି ଗୁପ୍ତା ନାମକ ଘରୋଇ ବସ ଯୋଗେ ନିଜ ଗାଁକୁ ଫେରୁଥିଲେ। ତେବେ ବସ ହେଲପରଙ୍କ ସହିତ ସିଟ୍ ଦିଆ ନିଆଁ କଥାକୁ ନେଇ ବଚସା ହେଇଥିଲା। ହେଲପର ଜଣକ ରାଗିଯାଇ ବସିଲେ ବସ ନହେଲେ ଭାଗ କହି ବିଭିନ୍ନ ଅଶ୍ଳୀଳ ଭାଷା ପ୍ରୟୋଗ କରି ତାଙ୍କୁ ମାଡ଼ ମାରିଥିବା ଯାତ୍ରୀ ନିରଞ୍ଜନ ସୁନାନୀ ଅଭିଯୋଗ କରିଛନ୍ତି। ଏ ଘଟଣାକୁ ନେଇ ଗୁପ୍ତା ବସ ଆମପାଣି ପହଞ୍ଚିବା ପରେ ୨୬ ନମ୍ବର ଜାତୀୟ ରାଜପଥର ଆମପାଣି ମୁଖ୍ୟ ଛକରେ ଯାତ୍ରୀଙ୍କ ପରିଜନ ଏବଂ ଆମପାଣି ଗ୍ରାମର ଅନେକ ଲୋକ ସେଠାରେ ପହଞ୍ଚି ବସକୁ ଅଟକ ରଖି କଣ୍ଡକ୍ଟରକୁ ଘେରାଉ କରିଥିଲେ। ଦିର୍ଘ ତିନି ଘଣ୍ଟା ଧରି ବସକୁ ସେଠାରେ ଅଟକ ରଖିଥିଲେ ଲୋକେ। ଏବଂ ହୋ ହାଲ୍ଲା ହେବା ସହ ଉତ୍ତେଜନା ମୂଳକ ପରିସ୍ଥିତି ଦେଖା ଦେଇଥିଲା। ପରେ ଅନେକ ବୁଝା ସୁଝା କରିବା ପରେ ବସଟିକୁ ଲୋକେ ଛାଡ଼ିଥିବା ଜଣାପଡିଛି। ଏବଂ ଆଗକୁ ଏଭଳି ଯାତ୍ରୀଙ୍କ ସହ ଅଘଟଣ ନ ଘଟୁ ସେଥିପ୍ରତି ଧ୍ୟାନ ଦେବାକୁ ଯାତ୍ରୀମାନେ ବସ କଣ୍ଡକ୍ଟରକୁ ଚେତାବନୀ ଦେଇଛନ୍ତି। ସୂଚନା ଯେ' ପୂର୍ବରୁ ମଧ୍ୟ ଏହି ବସର କର୍ମଚାରୀ ଜଣେ ଯାତ୍ରୀଙ୍କୁ ମାଡ଼ ମାରିଥିବା ଆମପାଣି ଥାନାରେ ଅଭିଯୋଗ ହୋଇଛି। ତେବେ ବାରମ୍ବାର ବସ କର୍ମଚାରୀଙ୍କ ଏଭଳି ଦବଙ୍ଗଗିରିକୁ ଲୋକେ ନାପସନ୍ଦ କରିବା ତିବ୍ର ନିନ୍ଦା କରିଛନ୍ତି।

# ସଦର ବିଧାୟକ ସାଗର ଦାସଙ୍କୁ ସମ୍ବର୍ଦ୍ଧନା

**କଳାହାଣ୍ଡି,(ମହାଭାରତ) :** ଭବାନୀପାଟଣା/ସ୍ଥାନୀୟ ଟାଉନ ହଲ ଠାରେ ଟାଉନ କଂଗ୍ରେସ ତରଫରୁ ନବ ନିର୍ବାଚିତ ବିଧାୟକ ଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି. ଜିଲା ଉପ ସଭାପତି ଇନ୍ଦ୍ରଜିତ୍ ମହାଖୁଡ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବ ରେ ସଦର ବିଧାୟକ ସାଗର ଚରଣ ଦାସ ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା. ବିଧାୟକ ଶ୍ରୀ ଦାସ ନିର୍ବାଚନ ରେ ସକ୍ରିୟ ଥିବା କର୍ମୀ ଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସମ୍ମାନୀତ କରିଥିଲେ । ସମ୍ବର୍ଦ୍ଧନା ସଭାରେ ଜିଲା ସଭାପତି ଭାରତ ଭୂଷଣ ବେମାଲ, ମହିଳା ନେତ୍ରୀ ଦ୍ରୌପଦୀ ମାଝୀ ସଭାପତି ଉଛବ ସାହୁ, ଧନୁର୍ଦ୍ଧର ଗହୀର, ମହମ୍ମଦ୍ ଅଲ୍ଲୀ ,ବରିଷ୍ଠ ନେତା ସନ୍ତୋଷ ମୁଣ୍ଡ ସିଦ୍ଧାର୍ଥ ନାୟକ, ମହେନ୍ଦ୍ର ନାୟକ ,ଟାଉନ ସଭାପତି , ସୁକାନ୍ତି ସରାଫ ,ମାରଜିନା ପ୍ରଧାନ,ଇରିନାଇ ନାୟକ, ସଦର ବ୍ଲକ ସଭାପତି ସୁବାଷ ପ୍ରଧାନ, ପ୍ରୀତମ ବେହେରା, ସଚିନ ନାୟକ, ପ୍ରମୂଖ ଉପସ୍ଥିତ ରହି ସାଗରଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ. ମନ୍ଦାକିନୀ ବାଣୁଆ ମଞ୍ଚ ପରିଚାଳନା କରିଥିଲେ. ସମ୍ବର୍ଦ୍ଧନା ସଭାରେ ବିଧାୟକ ଶ୍ରୀ ଦାସ କହିଥିଲେ ଏହି ସମ୍ବର୍ଦ୍ଧନା ସଭା ଆପଣ ଙ୍କ ର. ଆଜି ଏହି ସମ୍ବର୍ଦ୍ଧନା ସଭାରେ ପ୍ରତିଜ୍ଞା କରିବା ୨୦୨୯ ରେ ୫ ଗୋଟି କଂଗ୍ରେସ ବିଧାୟକ ସହ ଆସନ୍ତା ପଞ୍ଚାୟତ ନିର୍ବାଚନରେ ୩୩ ଗୋଟି ଜିଲା ପରିଷଦ ସଦସ୍ୟ ଙ୍କୁ ନିର୍ବାଚିତ କରିବାକୁ ଆହ୍ୱାନ ଦେଇଥିଲେ. ପଶ୍ଚିମ ଓଡିଶାର ବିକାଶ କରା ନ ହୁଏ ତେବେ ସରକାରଙ୍କ ବିରୋଧରେ ତୀବ୍ର ଆନ୍ଦୋଳନ ହେବ ।

# ବଢୁଛି ମାଙ୍କଡ଼ା ପଥର ଚୋରା ବେପାର

## ନୂଆଗାଁରେ ମାଫିଆଙ୍କୁ ଦିଆଯାଉଛି ସୁରକ୍ଷା

**ନୂଆଗାଁ,(ମହାଭାରତ) :** ନୂଆଗାଁ ଓ ନୟାଗଡ଼ ତହସିଲ ସୀମାନ୍ତ ଅଞ୍ଚଳରୁ ଦୀର୍ଘ ବର୍ଷଧରି ବେଆଇନ ଭାବେ ମାଙ୍କଡ଼ା ପଥର ଖୋଳା ହେବା ସହିତ ବାହାରକୁ ଚାଲାଣ କରାଯାଉଛି। ଏହି ବେଆଇନ ମାଙ୍କଡ଼ା ଖଣିକୁ ବନ୍ଦ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଏଥିରେ ଅତିଷ୍ଠ ହୋଇ ଜିଲ୍ଲାପାଳଙ୍କୁ ପୂର୍ବରୁ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ନୂଆଗାଁ ତହସିଲ ପକ୍ଷରୁ ତଦନ୍ତ ସହ ସେଠାରୁ ଏକ ଜେସିବିକୁ ଜବତ କରି ଜରିମାନା ଆଦାୟ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ୨ଟି କଟର୍ ମେସିନ ଓ ଗୋଟିଏ ଟ୍ରାକ୍ଟର ଜବତ ହୋଇଥିଲା। ଇତି ମଧ୍ୟରେ ଘଟଣାକୁ ୨ ମାସ ବିତିବାକୁ ବସିଥିବା ବେଳେ ବର୍ତ୍ତମାନ ମାଫିଆ ମାନେ



ପୁଣି ଥରେ ତାଙ୍କ ବ୍ୟବସାୟକୁ ସେଠାରେ ଆରମ୍ଭ କରିଦେଲେଣି। ରାଜସ୍ୱ ବିଭାଗ ସଜାଗ ନଥିବାରୁ ଫାଇଦା ଉଠାଇ ମାଫିଆ ମାନେ କିଛିଦିନ ବ୍ୟବଧାନରେ ପୁଣି ଥରେ ରାତି ଅଧିଆ ମାଙ୍କଡ଼ା ଚୋରା ଚାଲାଣ ଆରମ୍ଭ କରିଦେଇଛନ୍ତି। ଏସବୁ ଘଟଣାରେ ମାଫିଆ ମାନଙ୍କୁ କେହି ନା କେହି ସୁରକ୍ଷା ଦେଉଥିବା ବେଳେ ବିଭାଗୀୟ ଅଧିକାରୀ ମାନଙ୍କ ଗତିବିଧି ଉପରେ ସେମାନେ ମଧ୍ୟ ନଜର ରଖୁଛନ୍ତି। ଏଭଳି ପରିସ୍ଥିତିରେ ପ୍ରଶାସନର ତାଗିଦ୍ ସତ୍ତ୍ୱେ ହେଉଥିବା ଚୋରା ଚାଲାଣ ଘଟଣା ପ୍ରଶାସନର ଜାଣତରେ ନା ଅଜାଣତରେ ହେଉଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ଏବଂ ପ୍ରଶାସନର ଲୋକ ଦେଖାଣିଆ କାର୍ଯ୍ୟାନୁଷ୍ଠାନ ମାଙ୍କଡା ଚୋରା ଚାଲାଣର ଏକ ପ୍ରମୁଖ କାରଣ ବୋଲି ଚର୍ଚ୍ଚା ହେଉଛି। ସୂଚନା ଥାଉକି, ନୂଆଗାଁ ତହସିଲ ମାଳିସାହି ପଞ୍ଚାୟତ ସୀମାନ୍ତବର୍ତ୍ତୀ ଅଞ୍ଚଳ ନାଲିମାଟି ପାଇଁ ପରିଚିତ ଏହି ଅଞ୍ଚଳରେ ମାଟିତଳୁ ମାଙ୍କଡ଼ା ପଥର ଉତ୍ତୋଳନ ହୋଇଥାଏ । ଏଠାରେ ୫୦ରୁ ଉର୍ଦ୍ଧ୍ୱ ମାଙ୍କଡା ଖଣି ଖନନ କରାଯାଇ ବେଆଇନ ଭାବେ ଲଘୁଖଣିଜ ସମ୍ପଦ ଲୁଟ୍ ହୋଇଚାଲିଛି। ରାତି ପ୍ରାୟ ୧୨ଟା ପରେ ଏହି ବ୍ୟବସାୟ ଚାଲୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ମାଳିସାହି ରାଜସ୍ୱ ନିରୀକ୍ଷକ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ତହସିଲଦାରଙ୍କ ସହ ଆଲୋଚନା କରିବି ବୋଲି।

# ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡରେ ପଶିଲେ ୨୪ ଟିକିଆ ହାତୀ ପଲ

**କରଞ୍ଜିଆ,(ମହାଭାରତ) :** ବୈତରଣୀ ନଦୀ ପାରି ହୋଇ କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ରୁ ଗତ ମଙ୍ଗଳବାର ରାତିରେ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳ କୁ ଖାଦ୍ୟ ଅନ୍ୱେଷଣରେ ପଶି ଆସିଥିବା ୨୪ ଟିକିଆ ହାତୀ ପଲ ଉତ୍ପାତ ଆରମ୍ଭ କରିଛନ୍ତି। ଏହି ହାତୀପଲ ପଡ଼ିଆବେଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବୋରିଂ ଗ୍ରାମ ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡ ନିକଟ ବୋରିଂ ସଂରକ୍ଷିତ ଜଙ୍ଗଲ ଭିତରେ ରେ ରହିଥିଲେ ।ଗୋଟିଏ ଦିନ ସେହି ଜଙ୍ଗଲ ଭିତରେ ରହିବା ପରେ ବୁଧବାର ରାତିରେ ଏହି ୨୪ ଟିକିଆ ହାତୀ ପଲ ନିକଟରେ ଥିବା ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡ ରେ ପଶି ଉତ୍ପାତ କରିଛନ୍ତି ।ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡ ରେ ଥିବା ଡାକ ବଙ୍ଗଳା ର ପାଚେରୀ କୁ ଭାଙ୍ଗି ଦେବା ସହିତ ସେଠାରେ ଥିବା ଦୋକାନ ଗୁଡିକ ମଧ୍ୟରୁ ରାଘବ ନାୟକ ଙ୍କ ଦୋକାନ କୁ ଭାଙ୍ଗି ଦେଇଛନ୍ତି ଓ ପାଖରେ ଥିବା ଆଦିବାସୀ ମାନଙ୍କର ଆରାଧ ମାରାଙ୍ଗ ବୁରୁ ପାଚେରୀ କୁ ମଧ୍ୟ ଭାଙ୍ଗି ଦେଇଛନ୍ତି। ଖବର ପାଇ ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି



ହାତୀ ମାନଙ୍କ ଉପରେ ନଜର ରଖିଛନ୍ତି। ଏହି ସମୟରେ ଧାନ ବିଲରେ ଧାନ ଚାଷ ଆରମ୍ଭ ହୋଇ ନଥିବାରୁ ଖାଦ୍ୟ ପାଇଁ ହାତୀ ପଲ ଗ୍ରାମଗୁଡିକରେ ପଶି ବାର ଆଶଙ୍କା ରହିଛି। ୨୪ ଟିକିଆ ହାତୀ ପଲ ବୋରିଂ ଜଙ୍ଗଲ ରେ ରହିଥିବା ବେଳେ ରାତିରେ ହାତୀ ଆଖ ପାଖ ଗ୍ରାମ ଗୁଡିକ ର ଘର ବାଡ଼ି ରେ ପଶିବା ଆଶଙ୍କା ରେ ଲୋକେ ଭୟଭୀତ ହୋଇଛନ୍ତି ।ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଠାକୁରମୁଣ୍ଡା ଓ ସାତକୋଶିଆ ରେଞ୍ଜ ଅଞ୍ଚଳରେ ବର୍ତ୍ତମାନ ମୋଟ ୨୯ ଗୋଟି ହାତୀ ରହିଛନ୍ତି। ସେଥିମଧ୍ୟରୁ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରେ ୨୫ ଟି ହାତୀ ଓ ସାତକୋଶିଆ ରେଞ୍ଜ ଅଞ୍ଚଳ ର ସାତକୋଶିଆ ଠାରେ ଗୋଟିଏ ଓ ଗୋଡ଼ଭଙ୍ଗା ଠାରେ ୩ ଟି ହାତୀ ଥିବା ନେଇ ବନ ବିଭାଗ ଠାରୁ ସୂଚନା ମିଳିଛି ।୨୪ ଟିକିଆ ହାତୀ ପଲ ରାତିହେଲେ ଗ୍ରାମଗୁଡିକ ଭିତର କୁ ଚାଲି ଆସିବା ଆଶଙ୍କା ରେ ଗ୍ରାମବାସୀ ଓ ବନ ବିଭାଗ ହାତୀ ଙ୍କ ଗତିବିଧି ଉପରେ ନଜର ରଖିଛନ୍ତି।

# ମୟୂରଭଞ୍ଜ ଜିଲ୍ଲାର ବିକାଶ କେବେ ?

## ଏବେବି ଅବହେଳିତ

**କପ୍ତିପଦା,(ମହାଭାରତ) :** କପ୍ତିପଦା -ସ୍ୱାଧିନତାର ୭୭ ବର୍ଷ ବିତିଯାଇଥିଲେ ମଧ୍ୟ ମୟୂରଭଞ୍ଜ ଜିଲ୍ଲା ଏବେବି ବହୁ ପଛରେ ରହିଛି ଏଠାରେ ନାଁ ଅଛି ଶିଳ୍ପ ଓ କଳକାରଖାନା ନାଁ ଅଛି ଗମନାଗମନର ସୁବିଧା । ପୁର୍ବରୁ ମୟୂରଭଞ୍ଜ ଏକ ରାଜ୍ୟ ଭାବରେ ପରିଗଣିତ ହେଉଥିବାବେଳେ ମୟୂରଭଞ୍ଜ ର ରାଜା ରାମଚନ୍ଦ୍ର ଭଞ୍ଜ ଦେବଙ୍କ ରାଜତ୍ୱ କାଳରେ ମୟୂରଭଞ୍ଜ ର ବିକାଶ ସହିତ ଓଡ଼ିଶାବାସୀ ଙ୍କ ବିକାଶ ପାଇଁ କଟକ ଠାରେ ଏକ ଡାକ୍ତରଖାନା ମଧ୍ୟ ନିର୍ମାଣ କରିଥିଲେ । ମାତ୍ର ଆଜି ଆଜି କଟକ ର ଏହି ଡାକ୍ତରଖାନା ସାରା ଭାରତରେ ନିଜର ପରିଚୟ ସୃଷ୍ଟି କରିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାର ରାଜାଙ୍କ ଦ୍ୱାରା ହୋଇଥିବା ବିକାଶ ଧିରେ ଧିରେ ଲୁପ୍ତ ହେବାକୁ ବସିଲାଣି । ସେହିପରି ଭାରତ ରେ ଇଂଗ୍ରେଜ ଶାସନ ଚାଲୁଥିବା ବେଳେ ମୟୂରଭଞ୍ଜ ରାଜା ନିର୍ମାଣ କରିଥିଲେ ରାସଗୋବିନ୍ଦପୁର ଠାରେ ଏରଡ୍ରୋମ ଫିଲ୍ଡ ଯାହାକି ଭୁବନେଶ୍ୱର ଏରଡ୍ରୋମ ଫିଲ୍ଡ ର ବହୁ ପୂର୍ବରୁ ନିର୍ମିତ ହୋଇଥିଲା ।ମାତ୍ର ବିଡ଼ମ୍ବନାର ବିଷୟ ମୟୂରଭଞ୍ଜ ର ଏରଡ୍ରୋମ ଫିଲ୍ଡ ନାମ ନିଶାନ ନଥିବା ବେଳେ ଭୁବନେଶ୍ୱର ଏରଡ୍ରୋମ ଫିଲ୍ଡ ଏବେ ପାଲଟିଛି ଅନ୍ତଃରାଷ୍ଟ୍ରୀୟ ଏରଡ୍ରୋମ ଫିଲ୍ଡ । ସେହିପରି ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ମଧ୍ୟରେ ଥିବା ବିଭିନ୍ନ ଦର୍ଶନୀୟ ସ୍ଥାନ ଏବେ ପଡ଼ିରହିଛି ଅବହେଳିତ ଅବସ୍ଥାରେ । ଓଡ଼ିଶାରେ ଏବେ ଡବଲ ଇଞ୍ଜିନ ସରକାର ଚାଲୁଥିଲେ ମଧ୍ୟ ବିକାଶ ଏଠି ପାଲଟିଛି ଦିବା ସ୍ୱପ୍ନ । କେନ୍ଦ୍ରରେ କ୍ୟାବିନେଟ ମନ୍ତ୍ରୀ ଭାବେ ପ୍ରତାପ ଷଡ଼ଙ୍ଗୀ ହେବାପରେ ଶେରଗଡ଼ ଠାରୁ ବାରିପଦା ପର୍ଯ୍ୟନ୍ତ ରାଜ୍ୟ ରାଜପଥ ୧୯ କୁ ୪ଥାକିଆ କରିବାର ସଡ଼କ ପରିବହନ ମନ୍ତ୍ରୀ ନିତିନ୍ ଗୋଡକରି ସ୍ୱିକୃତୀ ପ୍ରଦାନ କରିଥିଲେ ମଧ୍ୟ ଏହି ରାସ୍ତା ବାଲେଶ୍ୱର ଜିଲ୍ଲା ମଧ୍ୟରେ ସିମୀତ ରହିବ ଯାଇଛି । ସ୍ୱାଧିନତାର ୭୭ ବର୍ଷ ପରେ ମଧ୍ୟ ମୟୂରଭଞ୍ଜ ଜିଲ୍ଲାର ଗମନାଗମନର ମୁଖ୍ୟ ମାଧ୍ୟମ ରେଳ ରାସ୍ତାର ସୂଭାରମ୍ଭ ହୋଇ ପାରିନାହିଁ ।

# ଆଇଚର ଟ୍ରକରେ ଯାଉଥିଲା ଗଞ୍ଜେଇ ଓ ମାଡି ବସିଲା ଅବକାରୀ ବିଭାଗ

**କନ୍ଧମାଳ,(ମହାଭାରତ) :** ଟ୍ରକ ରେ ବିଝେଇ ହୋଇ କନ୍ଧମାଳ ରୁ ଭୁବନେଶ୍ୱର କୁ ଚାଲାଣ ହେଉଥିଲା ଗଞ୍ଜେଇ ଓ ଖବର ପାଇ ମାଡ଼ିବସିଲା ଅବକାରୀ ବିଭାଗ ଓ ଟ୍ରକ ରୁ ୧୦୫ କିଲୋ ଗଞ୍ଜେଇ ଜବତ ହୋଇଥିବା ବେଳେ ଶେଷରେ ଟ୍ରକ ର ଡ୍ରାଇଭର କୁ ଗିରଫ କରି କୋର୍ଟ ଚଲାଣ କରିଛି ଅବକାରୀ ବିଭାଗ ଓ ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଫିରିଙ୍ଗିଆ ଥାନା ଅଂଚଳରେ ଓ ସୂଚନା ଅନୁସାରେ କନ୍ଧମାଳ ଜିଲ୍ଲା ବାଲିଗୁଡା ପଟୁ ଏକ ଟ୍ରକ ରେ ଗଞ୍ଜେଇ ଭର୍ତି ହୋଇ ଫୁଲବାଣୀ ପଟକୁ ଯାଉଥିବା କୌଣସି ସୂତ୍ରରୁ ଅବକାରୀ ବିଭାଗ କୁ ଖବର ମିଳିଥିଲା ଓ ଖବର ପାଇ ଅବକାରୀ ବିଭାଗ କର୍ମଚାରୀ ମାନେ ଫିରିଙ୍ଗିଆ ଥାନା ମାସରୀପଡା ଛକ ନିକଟରେ ଜଗିରହିଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଟ୍ରକ କୁ ମାସରୀପଡା ନିକଟରେ ଅବକାରୀ ବିଭାଗ ଅଟକାଇ ଯାଞ୍ଚ କରିଥିଲେ ଓ ଯାଞ୍ଚ ସମୟରେ ଟ୍ରକ ରୁ ପାଞ୍ଚ ଟି ବସ୍ତାରେ ଭର୍ତି ହୋଇଥିବା ଗଞ୍ଜେଇ କୁ ଜବତ କରିବାରେ ଅବକାରୀ ବିଭାଗ ସଫଳ ହୋଇଥିଲେ ଓ ତେବେ ଗିରଫ ଅଭିଯୁକ୍ତ ଟ୍ରକ ଡ୍ରାଇଭର ଜଣକ କଟକ ଜିଲ୍ଲା ବୈଦେଶ୍ୱରପୁର ଥାନା କଳାପଥର ଗାଁ ର ବିଜୟ କୁମାର ସେଠି ବୋଲି ଜଣା ପଡ଼ିଥିବା ବେଳେ ସେ ରୀତିମତ ଭାବରେ ଏହି ଅଂଚଳରୁ ରାଜଧାନୀ ଭୁବନେଶ୍ୱର ରୁ ଟ୍ରକ ରେ ମାଳ ନେଇ ଫୁଲବାଣୀ ଆସୁଥିଲେ ଓ ଫେରିବା ସମୟରେ ଗଞ୍ଜେଇ ନେଇ ଯଉଥିଲେ ବୋଲି ତଦନ୍ତ ରୁ ଜଣା ପଡ଼ିଥିବା ଅବକାରୀ ବିଭାଗ ସ୍ପଷ୍ଟ କରିଛି ଓ ଅନ୍ୟପଟେ



ଏହିଘାଟଣା କୁ ନେଇ ଅବକାରୀ ଫୁଲବାଣୀ ଅବକାରୀ ବିଭାଗ ୧୦୦/୨୦୨୪ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଡ୍ରାଇଭର କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଅବକାରୀ ଇନେସ୍ପେକ୍ଟର ପୁର୍ଣଚନ୍ଦ୍ର ବେହେରା ଓ ସେପଟେ ବୁଧବାର ହୋଇଥିବା ଏହି ଚଢ଼ାଉ ରେ ଅନ୍ୟମାନଙ୍କ ମାଧ୍ୟରେ ଏସଏଇ ଭବାନୀ ଶଙ୍କର ସେଠି, ଏସଏଇ ଭ୍ରମ୍ୟମାନ ଟିମ ର ଏସଏଇ ସୁଜିତ କୁମାର ମୁଦୁଲି ଓ ଭୃଗୁପତି ଡିଗାଲ, ଅବକାରୀ କନେଷ୍ଟପଲ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ସାମିଲ ଥିଲେ ଓ

## ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ

ରଣପୁର, ( ମହାଭାରତ ) : ନୟାଗଡ ଜିଲ୍ଲା ରଣପୁର ବ୍ଲକ୍ ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟରେ ୭୫ତମ ବନ ମହୋତ୍ସବ ସପ୍ତାହ ପାଳନ ହୋଇ ଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ରଣପୁର ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧିକାରୀ ରସାନନ୍ଦ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଲକ୍ଷ୍ମୀଧର ସାହୁ, ସମ୍ମାନିତ ଅତିଥି ଭାବେ ଫରେଷ୍ଟର ଅବିନାଶ ଖୁଣ୍ଟିଆ, ଫରେଷ୍ଟ ଗାର୍ଡ ରଞ୍ଜନା ପରିଡା, ସାଧନ କେନ୍ଦ୍ର କର୍ମୀ ସୁଧାକର ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅବକାଶ ସ୍ୱାଇଁ, ମୋ ସ୍କୁଲ କମିଟି ସଭାପତି ଗଣେଶ୍ୱର ପ୍ରଧାନ, ପରିଚାଳନା କମିଟି ସଦସ୍ୟ ଚନ୍ଦ୍ରକାନ୍ତ ମଙ୍ଗରାଜ ଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ରଣାଙ୍କ ତ□ାବଧାନରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ପାଳନ ଅବସରରେ ପ୍ରଥମେ ଧୂପ-ଦୀପ ପ୍ରଜ୍ୱଳନ କରି ଗଛକୁ ପୂଜା କରାଯାଇ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି ଅବସରରେ ଆମ୍ବ, ପଣସ, ଝାଉଁ, ପେସ୍ତା-ବାଦାମ ଗଛ ଲଗାଯାଇଥିଲା । ଏହା ପରେ ଏକ ସଭାକାର୍ଯ୍ୟ କରାଯାଇଥିଲା। ଅତିଥି ମାନଙ୍କୁ ପୁଷ୍ପ, ଚନ୍ଦନ ଦିଆ ଯାଇ ନୃତ୍ୟ ମାଧମରେ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ପିଲାମାନଙ୍କୁ ଗଛର ଆବଶ୍ୟକତା ଓ ଉପକାରିତା ସମ୍ବନ୍ଧରେ ଉପସ୍ଥିତ ଅତିଥିମାନେ ବୁଝାଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ପଦ୍ମାବତୀ ବେହେରା, ସହକାରୀ ଶିକ୍ଷକ ଦିଲ୍ଲୀପ କୁମାର ସାହୁ, ଅଙ୍ଗନବାଡି କର୍ମୀ ପୁଷ୍ପମଞ୍ଜରୀ ଦେଇଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଗ୍ରାମବାସୀଙ୍କ ସମେତ ବିଦ୍ୟାଳୟର ପାଚିକା ଅହଲ୍ୟା ଦେଇ, ଟୁନି ସାହୁ, କୁନି ଖଟେଇ, ଯଦୁମଣି ବିଶ୍ୱାଳ ବୃକ୍ଷରୋପଣରେ ସହଯୋଗ କରିଥିଲେ।

## ଦିବ୍ୟାଙ୍ଗ ନାବାଳିକାକୁ ମିଳୁନି ସରକାରୀ ସାହାଯ୍ୟ

# ଝିଅର ଭର୍ତ୍ତା ପାଇଁ ପ୍ରଶାସନ ନିକଟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେ ମା

କନ୍ଧମାଳ(ମହାଭାରତ):କନ୍ଧମାଳ ଜିଲ୍ଲା କିରିକୁଟି ପଞ୍ଚାୟତର ବୁରାଙ୍ଗିଆ ଝାରମୁଣ୍ଡା ଗ୍ରାମର ସରସ୍ୱତୀ ଅମାୟତଙ୍କ ୯ବର୍ଷର ଝିଅ ଶୀବାନି ଅମାୟତ ।ଝାଟିମାଟି ର ଘରୟ ବାପା ଦାଦନ ଶ୍ରମିକ ଓଡିଶା ବାହାରକୁ ଯାଇଛନ୍ତି କାମ କରିବାକୁ ।ମାଆ ପର ଜମିରେ ମୂଲ ଲାଗିଲେ ଭୋକ ମେଣ୍ଟୁଛ ।ଏକ ବର୍ଷ ଝୀଅର ଶରୀର ଭଲଥିଲା ।ଯେତେବେଳେ ଝୀଅକୁ ଦୁଇବର୍ଷ ହେଲା ଧିରେ ଧିରେ ଝିଅ ଠିକ ସେ ଚାଲବୁଲ,ବସାଉଠା କରିବାରେ ଅକ୍ଷମ ହେଲା। ୟବାଲିଗୁଡା,ଫୁଲବାଣୀ,ଭୁବନେଶ୍ୱର ସମ୍ ଓ ଅନ୍ୟାନ୍ୟ ମେଡିକାଲରେ ସାହି ପଡିଶା ଠାରୁ କରଜ କରି ଝୀଅକୁ ଦେଖାଇଲି ହେଲେ କିଛି



ଲାଭ ହେଲାଣୀ ୟଗରୀବ ଲୋକ ଆଞ୍ଜା ଆଉ କେଉଁଠୁ ଟଙ୍କା ପାଇବି ଯେ ଝିଅର ଚିକିତ୍ସା କରିପାରିଥାନ୍ତି ।କ୍ଷେଷରେ ଝୀଅ ଦିବ୍ୟାଙ୍ଗ ବୋଲି ଡାକ୍ତର ସାର୍ଟିଫିକେଟ ଦେଲେ ବୋଲି ଛଳ ଛଳ ଆଖିରେ କହିଛନ୍ତି ଦିବ୍ୟାଙ୍ଗ ଶୀବାନି ର ମା ।ଏଭଳି ପ୍ରତିକ୍ରୀୟା ଦେବାବେଳେ ଶୀବାନୀର ମା ଆଖିରେ ଲୁହ ଆସିଯାଇଥିଲା ।ଯଦି କୈଣସି ସଦହୃଦୟ ବ୍ୟକ୍ତି କିମ୍ଵା ଅନୁଷ୍ଠାନ,ସରକାର ମୋ ଝିଅକୁ ସାହାଯ୍ୟ କରନ୍ତେ ତାହାହେଲେ ଶୀବାନିର ଅଧିକ ଚିକିତ୍ସା ହୋଇପାରନ୍ତା। ଝିଅର ଦିବ୍ୟାଙ୍ଗ ଭର୍ତ୍ତା ପାଇଁ ସରପଞ୍ଚ ,ଭିଏଲଡ଼୍ଲ,ବିଡିଓ ନିକଟକୁ ବାରମ୍ବାର ଲିଖିତ ଓ ମୌଖିକ ଭାବେ ଦୌଡି,ଦୌଡି ନୟାନ୍ତ ହେଲି ଭର୍ତ୍ତା କରିଦେବୁ ବୋଲି ସମସ୍ତେ କହିଲେ କିନ୍ତୁ ଆଜି ପର୍ଯ୍ୟନ୍ତ ଝିଅର ଭର୍ତ୍ତା ହୋଇପାରିଲା ନାହିଁ ।ଆମ ଗାଁ ଠାରୁ ଦାରିଙ୍ଗବାଡି ବ୍ଲକ ପ୍ରାୟ ୫୦ କିଲୋମିଟର ଗାଡି ଖର୍ଚ୍ଚ ବହୁତ ହେଉଛି ,ମୋ ପାଖରେ ଗାଡି ଖର୍ଚ୍ଚ କରି ଝିଅକୁ ବାରମ୍ବାର ନେବାକୁ ଆଉ ସମ୍ବଳ ନାହିଁ ତେଣୁ ଆଉ ମୁଁ ଝିଅକୁ ଧରି ବିଡିଓଙ୍କୁ ,କଲେକ୍ଟରଙ୍କୁ,ଉପଜିଲ୍ଲାପାଳଙ୍କୁ ଦେଖା କରିବାକୁ ଯାଇ ପାରୁନାହିଁ ବୋଲି କୋହଭରା ଆଖିରେ କହିଛନ୍ତି ଶୀବାନିର ମା ।ଗ୍ରାମର ତାଙ୍କ ପଡୋଶି କହିଛନ୍ତି ଯେ ସାରମାନେ ଆସୁଛନ୍ତି କିଏ ୫୦୦ ତ କିଏ ହଜାରେ ନେଉଛନ୍ତି ତାଙ୍କ ଝୀଅର ଦିବ୍ୟାଙ୍ଗ ଭର୍ତ୍ତା କରିଦେବାକୁ କିନ୍ତି ଆଜିପର୍ଯ୍ୟନ୍ତ କେହି କରିଦେଉନାହାଁନ୍ତି ।ତାଙ୍କ ସ୍ୱାମୀ ଓଡିଶା ବାହାରକୁ ଦାଦନ ଖଟିବାକୁ ଯାଇଛନ୍ତି ସିଏ ସ୍ତ୍ରୀ ଲୋକଟା କେତେ ଆଉ ଏକା ଏକା ଭର୍ତ୍ତା ପାଇଁ ସଂଘର୍ଷ କରିବ। ସରକାର ଓ ପ୍ରଶାସନ କୁ ଆମେ ହାତଯୋଡି ଗୁହାରି କରୁଚୁ ଏହି ଗରିବ ନିଃସହାୟ ମହିଳାଙ୍କ ଦିବ୍ୟାଗଂ ଝିଅକୁ ସରକାରୀ ସହାୟତା, ବଡ ମେଡିକାଲରେ ଚିକିତ୍ସା ,ଭର୍ତ୍ତା କରି ଦିଅନ୍ତୁ ବୋଲି କହିଛନ୍ତି ଗ୍ରାମବାସୀ।

## ଖରିଫ ଚାଷ ପାଇଁ ସୁନେଇ ଓ କାଳ ବନ୍ଧରୁ କେନାଲରେ ପ୍ରଥମ ପାଣି ଛଡାଗଲା

କପ୍ତିପଦା -( ମହାଭାରତ ): କପ୍ତିପଦା - କପ୍ତିପଦା ବ୍ଲକର ୭୦ ଭାଗ ଲୋକ ଚାଷ କରି ପେଟ ପୋଷନ୍ତି ଚଳିତ ବର୍ଷ ମୌସୁମୀ ବର୍ଷା ଅଭାବରୁ ଏ ପର୍ଯ୍ୟନ୍ତ ଲୋକ ଚାଷ କାମ ଆରମ୍ଭ କରିପାରିନାହାନ୍ତି ୩ ଖରିଫ ଚାଷ ପାଇଁ ସୁନେଇ ଓ କାଳ ବନ୍ଧର କେନାଲ ଗୁଡିକରେ ପାଣି ଛଡାଯାଇଛି । ଦୁଇଟି ବନ୍ଧରୁ ପାଣି ଛଡ଼ାଗୋଲାପରେ ଲୋକ ମାନେ ଟିକେ ଆଶ୍ୱସ୍ତି ପାଇଛନ୍ତି ସୋନ ବନ୍ଧର କେନାଲ ପାଣି ଦ୍ୱାରା କପ୍ତିପଦା ବ୍ଲକର ୧. ୩୬୪ ହେକ୍ଟର ଚାଷ ଜମିକୁ ଜଳ ସେଚନ ବ୍ୟବସ୍ଥା ଥିବାବେଳେ କାଳ ବନ୍ଧ ଦ୍ୱାରା ୪୨୯ ହେକ୍ଟର ଚାଷ ଜମିରେ ଚାଷ ହୋଇପାରିବ ସବୁଥର ଭଳି ସୁନେଇ ଓ କାଳ ବନ୍ଧର ପୂଜା ପାଠ କରି ଜଳ ନିଷ୍କାସନ କରାଯାଇଥିଲା ଯାହାଫଳରେ ଚାଷୀମାନେ ବର୍ତ୍ତମାନ ତଳି ପକାଇବା ପାଇଁ ଉପଯୁକ୍ତ ପାଣି ପାଇଗଲେ ଏହି ପାଣି ନିଷ୍କାସନ ସମୟରେ ସୁନେଇ ଓ କାଳ ବନ୍ଧର ଭାରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ଗଜେନ୍ଦ୍ର ନାଏକ ଓ ସୁନେଇ ଓ କାଳ ବନ୍ଧର କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ପ୍ରଥମ ଥର ଖରିଫ ଋତୁ ଚାଷ ପାଇଁ ପାଣି ଛାଡିଥିଲେ।

## ରାଇରଙ୍ଗପୁର ରେ ଆଳୁ, ପିଆଜ ଅଦା, ରସୁଣର ରେଟ ଆକାଶ ଛୁଆଁ

ରାଇରଙ୍ଗପୁର(ମହାଭାରତ): ମୟୁରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ସହରରେ ଆଳୁ, ପିଆଜ, ଅଦା ରସୁଣ ର ରେଟ୍ ଆକାଶ ଛୁଆଁ ହୋଇଛି। ପ୍ରତ୍ୟେକ ଦିନ ଏହି ସାମଗ୍ରୀ ର ରେଟ ଦୁକାନି ମାନେ ବଢାଇ ଚାଲିଛନ୍ତି। ଦୁକାନୀ ମାନକୁ ପ୍ରତ୍ୟେକ ଦିନ କାହିଁକି ରେଟ ବଢ଼ାଉଛି ବୋଲି ପୋଚାରିବାରୁ ସେମାନେ କହୁଛନ୍ତି, ଗଦାମ ବାଲା ଯେମିତି ରେଟ ନେଉଛି ଆମେ ସେମିତି ରେଟ ରେ ବିକ୍ରି କରୁଛୁ ବୋଲି ସେମାନେ ଗଣ ମାଧମ ପ୍ରତିନିଧି ଙ୍କ ସମ୍ମୁଖରେ କହିଛନ୍ତି। ଗଦାମ ବାଲା ପ୍ରତ୍ୟେକ ଦିନ ରେଟ ବୃଦ୍ଧି ପାଉଛି କହି ଦୁକାନି ମାନଙ୍କ ପାଖରୁ ଅଧିକା ଟଙ୍କା ନେଉଥିବା



ରୁ ସେମାନେ ଖାଉଟି ମାନଙ୍କ ପାଖରୁ ଅଧିକା ଟଙ୍କା ନେଉଥିବା କହିଛନ୍ତି। ଆଜି ରାଇରଙ୍ଗପୁର ବଜାର ରେ ଆଳୁ କେଜି ପିଛା ୩୨ଟଙ୍କା ଥିବାବେଳେ ପିଆଜ କେଜି ପିଛା ୪୫ଟଙ୍କା ଅଦା କେଜି ପିଛା ୨୪୦ଟଙ୍କା ଓ ରସୁଣ କେଜି ପିଛା ୨୨୦ଟଙ୍କା ରେ ବିକ୍ରି ହେଉଥିବା ର ଦେଖିବାକୁ ମିଳିଛି। ଏ ବିଷୟରେ ବାରମ୍ବାର ଖାଉଟି ବିଭାଗ ଅଧିକାର ମାନକୁ ଅଭିଯାଗୋ କରିଥିଲେ ମଧ ତାଙ୍କ ପକ୍ଷରୁ ଗଦାମ ମାଲିକ ମାନଙ୍କ ବିରୁଦ୍ଧରେ କିଛି ବି କାର୍ଯାନୁଷ୍ଠାନ ଗ୍ରହଣ ନ କରିବା ଜନସାଧାରଣ ଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି। ତେଣୁ କଣ ପାଇଁ ଏ ସବୁ ସାମଗ୍ରୀ ର ରେଟ ଗଦାମ ମାଲିକ ମାନେ ଅଧିକ ନେଉଛନ୍ତି, ଅତି ଶୀଘ୍ର ଏହାର ତଦନ୍ତ କରି ଯେଉଁ ଗଦାମ ମାଲିକ ମାନେ ଏ ଦୁର୍ନୀତି ରେସାମିଲ ଅଛନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜନସାଧାରଣ ଖାଉଟି ବିଭାଗ ଅଧିକାର ଙ୍କ ପାଖରେ ଗୁହାରି କରିଛନ୍ତି ।ଯଦି ଖୁବ୍ ଶୀଘ୍ର ଏ ସବୁ ସାମଗ୍ରୀ ର ଦର ନିୟନ୍ତ୍ରଣ ନ ହୁଏ ତାହେଲେ ଆଗାମୀ ଦିନରେ ଜନ ସାଧାରଣ ରାଜ୍ୟ ରାସ୍ତା କୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ପାରଳାଖେମୁଣ୍ଡିରେ ଜବରଦଖଲ ଉଚ୍ଛେଦ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମାର ପାରଳାଖେମୁଣ୍ଡି ଠାରେ ଆଜି ବଡ଼ଦାଣ୍ଡରେ ଜବରଦଖଲ ଉଚ୍ଛେଦ କରିବା ଦେଖିବାକୁ ମିଳିଛି। ଆଗକୁ ରଥଯାତ୍ରା ଥିବା ବେଳେ ଜବରଦଖଲ ଉଚ୍ଛେଦ କରାଯାଇଛି। ରଥଯାତ୍ରା ଆଗାମୀ ଦିନରେ ଭକ୍ତଙ୍କ ଭିଡ ଜମିବ ଏହାକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଜବରଦଖଲ ଉଚ୍ଛେଦ ବେଳେ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ମଧ୍ୟ ପ୍ରଶାସନ ଜବରଦଖଲ ଉଚ୍ଛେଦ ଯାରି ରଖିଛି। ଆଗକୁ ବଜାର ପଟେ ଉଛେଦ କରାଯିବ ବୋଲି ଉପଜିଲ୍ଲାପାଳ କହିଛନ୍ତ। ଏହି ଉଛେଦ ସମୟରେ ତହସିଲଦାର, ଉପଜିଲ୍ଲାପାଳ,ପୈରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ରହିଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ଏସଡିପିଓ ମାଧବ ନନ୍ଦ ନାୟକ ଓ ପାରଳାଖେମୁଣ୍ଡି ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ପ୍ରମୁଖ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ବଜାୟ ରଖିଥିଲେ।

## ଭବାନୀପାଟଣା ଠାରେ ଜିଲ୍ଲା ସଡ଼କ ସୁରକ୍ଷା ସମିତି ବୈଠକ

କଳାହାଣ୍ଡି(ମହାଭାରତ): ଭବାନୀପାଟଣା ତା ୪.୭.୨୦୨୪: ଗତ କାଲି ସନ୍ଧ୍ୟା ୫.୦୦ ଘ ସମୟରେ ସ୍ଥାନୀୟ କଳାହାଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଅଛି । ବୈଠକ ରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ଅଧକ୍ଷତାରେ ଉପ ଜିଲ୍ଲାପାଳ ଧର୍ମଗଡ ଧିମାନ ଚକମା ଏବଂ ଉପ ଜିଲ୍ଲାପାଳ ଭବାନୀପାଟଣା ଡ ବିଶ୍ୱଜ଼ି ଦାସ ଯୋଗ ଦେଇଥିଲେ । ଜିଲ୍ଲାର କ୍ରମବର୍ଦ୍ଧିଷ୍ଣୁ ସଡ଼କ ଦୁର୍ଘଟଣା ଓ ସଡ଼କ ସୁରକ୍ଷା ଉପରେ ବିଶଦ ଭାବେ ଆଲୋଚନା ହୋଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ଗତିକୃଷ୍ଣ ସାମନ୍ତରାୟ ସଭା ପରିଚାଳନା ସହ ରାଜ୍ୟ ସରକାର ଓ ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲ୍ଲାରେ ଜାତୀୟ ରାଜପଥର ଜବରଦଖଲ ଉଚ୍ଛେଦ କରାଗଲେ ବହୁ ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରନ୍ତା ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲାପାଳ ବୈଠକ ରେ ଉପଜିଲ୍ଲାପାଳ, ପୋଲିସ୍ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପୌର ପରିଷଦ, ଏନ୍ ଏ ସି ଙ୍କୁ ଏହି ଦିଗରେ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଗତ ମଇ ଓ ଜୁନ ମାସରେ ଜିଲ୍ଲାର ଯାନବାହନ ଜନିତ ରାଜସ୍ୱ ଆଦାୟ ମୋଟ୍ ୬.୨୬ କୋଟି ଟଙ୍କା ଆଦାୟ ହୋଇଛି ।ଯାହା ଧାର୍ଯ୍ୟ ଲକ୍ଷ୍ୟ ର ଶତକଡ଼ା ୮୯% ଅଟେ । ବିଗତ ଦୁଇ ମାସରେ ଜିଲ୍ଲାରେ ସମୁଦାୟ ୪୫ ଗୋଟି ଦୁର୍ଘଟଣା ଘଟିଛି । ମଦ୍ୟପାନ ଜନିତ ଦୃତବେଗ ଚାଳନା, ବିନା ହେଲମେଟ ଓ ସିଟ୍ ବେଲ୍ଟ ରେ ଗାଡି ଚାଳନା ଓ ଖରାପ ରାସ୍ତା ଯୋଗୁଁ ମୁଖ୍ୟତ ଦୁର୍ଘଟନା ଘଟୁଛି। ବେଆଇନ୍ ମଦ କାରବାର ଦିଗରେ ଦୃଢ଼ ଓ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅବକାରୀ ଅଧିକ୍ଷକଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏତଦ୍ ବ୍ୟତୀତ କୃଷି କର୍ମରେ ନିୟୋଜିତ ହୋଇଥିବା ଶ୍ରମିକ ମାନଙ୍କୁ ମାଲବୁହା ଗାଡ଼ିରେ ଯଦି ପରିବହନ କରାଯାଏ ସେଥିପାଇଁ ପଦକ୍ଷେପ ନେବାକୁ ପୋଲିସ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ନର୍ଲା ରାସ୍ତାର ସେତୁରେ ଫାଟ ସୃଷ୍ଟିର ମରାମତି, ବାନେର୍ ଠାରୁ ଲଡୁଗାଁ ଛକ, ଘୋଡ଼ା ପୋଖରୀ ଠୁ ବାଲିପଡ଼ା ଛକ, ମୁଖିଗୁଡା ଠାରୁ ନବରଙ୍ଗପୁର ରାସ୍ତାରେ ଥିବା ଟୁଲୁ ଘାଟି ରାସ୍ତାର ଉତ୍ତତିକରଣ ଓ ମରାମତି ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ତହସିଲଦାର ଘର ଭାଙ୍ଗିଦେବା ପରେ ଜରିପାଲ ତଳେ ଯୁଧିଷ୍ଠିରଙ୍କ ପରିବାର କେବେ ମିଳିବ ସରକାରୀ ସହାୟତା

ହିନ୍ଦୋଳ(ମହାଭାରତ)ଦିନ ଥିଲା ପାରିବାର ମୋର ବେଶ୍ ହସ ଖୁସିରେ ବିତି ଯାଉଥିଲା। ମାଛ ମାଂସ ନହେଲେ ନାହିଁ ଚାଳ ଛପର ଘରେ ଶାଗ ପଖାଳ ଖାଇ କିଛି ପଇସା ସଞ୍ଚୟ କରିଥିଲୁ। ଆଉ ଭାବିଥିଲୁ କେତେ ଦିନବା ଆଉ ଚାଳ ଛପର ଘରେ ଜୀବନ ବିତାଇବୁୟ ଛାତ ଘର ଖଣ୍ଡେ କରିବୁ ଆଉ ଖରା, ବର୍ଷା, ଶୀତ ଯାହାବି ହେଉନା କାହିଁକି ଶାନ୍ତିରେ ଘରେ ଟିକେ ନିଃଶ୍ୱାସ ମାରିବୁ। ମନରେ ଏମିତି ଅନେକ ଆଶା ଆଉ ସ୍ୱପ୍ନ ଦେଖିଥିଲା ପୁରା ପରିବାର। ହେଲେ ବିଧିର ବିଧାନ ଥିଲା କିଛି ଅଲଗା ପାରିବାରର ସବୁ ଆଶା ଆଉ ସ୍ୱପ୍ନ ତହସିଲଦାରଙ୍କ ବୁଲଡୋଜର ଭାଙ୍ଗି ଚୁରମାର କରିଦେଲା। ଗରିବ ପରିବାର କେଉଁଠୁ ବା ବୁଝିବ ଜମି କିସମର ଗହନ ପାଠ। ହଁ ଆଜ୍ଞା ଆମେ କହୁଛୁ ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍ ଅନ୍ତର୍ଗତ ଧୋବଣୀନନ୍ଦର ଗ୍ରାମର ଯୁଧିଷ୍ଠିର ସାହୁଙ୍କ କଥା।କିଛି ଦିନ ତଳେ ଆମ ମହାଭାରତ ଖବରକାଗଜ ରେ ଆମେ ଖବର ପ୍ରସାରଣ କରିଥିଲୁ କିଭଳି ଭାବରେ ସରକାରୀ ଜମିରେ ଘର ହୋଇଥିବାର ଅଭିଯୋଗ ହେବାପରେ ହିନ୍ଦୋଳ ତହସିଲଦାର ତାଙ୍କ କର୍ମଚାରୀ ମାନଙ୍କୁ ଧରି ପୋଲିସ୍ ଫୋର୍ସ ଲଗାଇ ଯୁଧିଷ୍ଠିରଙ୍କ ଘର ଭାଙ୍ଗି ଦେଇଥିଲେ। ଆଉ ଯେତେ କାକୁତି ମିନତି ହେଲେ ବି ଶୁଣି ନଥିଲେ ସରକାରୀ ବାବୁୟ ଶେଷରେ ସରକାରୀ ବାବୁଙ୍କ ଜିଦ୍ ଆଗରେ ହାର୍ ମାନିଥିଲା ପୁରା ପରିବାରୟ ଯୁଧିଷ୍ଠିରଙ୍କ ମୁଣ୍ଡଝାଳ ତୁଣ୍ଡରେ ମାରି ଗଢିତୋଳିଥିବା ମନ୍ଦିର ପରି ଘର ନିମିଷକ ମଧ୍ୟରେ ମାଟିରେ ମିଶିଯାଇଥିଲା। ତେବେ ଗତ ୨୪ ତାରିଖ ଦିନ ଘର ଭାଙ୍ଗିବାକୁ ଚିଠି ଦେବା ପରେ ତରବରିଆ ଭାବେ ବର୍ଷା ଦିନରେ ମୁଣ୍ଡ ଗୁଞ୍ଜିବାକୁ ସମୟ ନଦେଇ ଏବଂ ଅନ୍ୟତ୍ର ଥଇଥାନ ନକରି ୨୬ ତାରିଖ ଦିନ ଭାଙ୍ଗି ଦେଇଥିଲେ ଯୁଧିଷ୍ଠିରଙ୍କ ଘର। ତେବେ ଘର ଭାଙ୍ଗିବାର ଆଜକୁ ପ୍ରାୟ ୬ଦିନରୁ ଉର୍ଦ୍ଧ୍ୱ ହୋଇଗଲାଣି। ଥରେ ଭାବନ୍ତୁ କିଭଳି ଚଳୁଥିବେ ଏବେ ଯୁଧିଷ୍ଠିରଙ୍କ ପାରିବାର ଆଉ କିଭଳି ଘରେ ଆଶ୍ରୟ ନେଇଥିବେ। ତେବେ ଏନେଇ ଆମ ମହାଭାଈଥିଲେ ଯୁଧିଷ୍ଠିରଙ୍କ ଘରେୟ ଆଉ ଯୁଧିଷ୍ଠିରଙ୍କ ପରିବାରକୁ ଦେଖି ହତବାକ ହୋଇଯାଇଥିଲେ। ଦର୍ଶକବନ୍ଧୁ ଥରେ ଆପଣ ମଧ୍ୟ ଦେଖିନିଅନ୍ତୁ ଏହି ଦୃଶ୍ୟକୁ କିଭଳି ଭାବରେ ଯୁଧିଷ୍ଠିରଙ୍କ ମା ଗୁମୁରି ଗୁମୁରି କାନ୍ଦି ଭଙ୍ଗା ଯାଇଥିବା ଘରେ ଜରିପାଲ ଟାଣି ଆଶ୍ରୟ ନେଇଛନ୍ତି ସେପଟେ ଯୁଧିଷ୍ଠିରଙ୍କ ସ୍ତ୍ରୀ ଭଙ୍ଗା ଯାଇଥିବା ଘରେ ରୋଷେଇ କରୁଛନ୍ତ।ୟ ହାତୀ ପ୍ରବଣ ଅଞ୍ଚଳରେ ଭଙ୍ଗା ଘରେ କେବଳ ଭଗବାନଙ୍କୁ ଭରଷା କରି ଜୀବନ ବିତାଉଛନ୍ତି ଯୁଧିଷ୍ଠିରଙ୍କ ପରିବାରୟତେବେ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ପ୍ରକୃତ ଦୋଷୀକୁ ଦଣ୍ଡ ଦେବା ସହ କେଉଁଦିନ ଯୁଧିଷ୍ଠିରଙ୍କୁ ପ୍ରଶାସନ ଥଇଥାନର ବ୍ୟବସ୍ଥା କରୁଛି ତାହା ଦେଖିବାକୁ ବାକି ରହିଲା।

## ଖାଲରେ ବାଇକ୍ ପଡ଼ି ଦୁଇ ଯୁବକ ଗୁରୁତର

ବେଗୁନିଆ,,(ମହାଭାରତ) : ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ସାରୁଅ ପେଟ୍ରୋଲ ପମ୍ପ ସମ୍ମୁଖ ଖାଲରେ ବାଇକ୍ ପଡି ଦୁଇ ଯୁବକ ଗୁରୁତର ହୋଇଛନ୍ତି। ସାରୁଅ ଗାଁର ଦାଶରଥୀ ମହାରଣା ଏବଂ ଅକ୍ଷୟ ମହାରଣା ଦୁହେଁ ସାଙ୍ଗ ହୋଇ ଖୋର୍ଦ୍ଧାରୁ ବାଇକ ଯୋଗେ ଘରକୁ ଫେରୁଥିଲେ। ପେଟ୍ରାଲ ପମ୍ପ ସମ୍ମୁଖ ଜାତୀୟ ରାଜପଥ ଖାଲରେ ବାଇକ୍ ଟି ପଡିଯାଇଥିଲା। ବାଇକ୍ ଚାଳକ ଭାରସ୍ୟାମ ହରାଇବାରୁ ଦୁଇ ଯୁବକ ରାସ୍ତାରେ ଛିଟିକି ପଡିଥିଲେ। ଦୁହିଁଙ୍କର ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇ ଅତ୍ୟଧିକ ରକ୍ତ ସ୍ରାବ ହୋଇଛି। ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଦାଶରଥି ଏବଂ ଅକ୍ଷୟକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ସୂଚନାଥାଉକି, ନିର୍ବାଚନ ପୂର୍ବରୁ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ରାସ୍ତା ଦୋହରୀ କରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲାୟ ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ପିଚୁ ଉଠି ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଆଉ କେଉଁଠି ରାସ୍ତା ଫାଟି ଆଁ କରିଛି।

## ଅସନବାହାଳି ଗ୍ରାମରେ ଦନ୍ତାହାତୀ ର ତାଣ୍ଡବ ଦେଖି ଗ୍ରାମବାସୀ ଭୟଭିତ

କେନ୍ଦୁଝର:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ମିରିଗିଖୋଜି ପଞ୍ଚାୟତ ଅସବାହାଳି ଗ୍ରାମ ନିକଟସ୍ଥ ଜଙ୍ଗଲରେ ଦି ପହରେ ଦନ୍ତାହାତୀ ତାଣ୍ଡବ ରୋଚି ସହ ଗ୍ରାମ ମୁହାଁ ହେବାକୁ ନେଇ ଗ୍ରାମବାସୀ ଭୟଭିତ ଥିବା ଦେଖିବାକୁ ମିଳି ଛି ।ଏପରି କ୍ଷେତ୍ର ରେ ପାଟଣା ବନାଞ୍ଚଳ ପକ୍ଷରୁ ହାତୀ ନିଜର ରଖାଯାଇ ଥିବା ସହ କୌଣସି କ୍ଷୟକ୍ଷତି ନ ହେଉ ଦୃଷ୍ଟି ରଖିଥିବା ସୂଚନା ରହି ଛି ।

# ଆସନ୍ତା ଜୁଲାଇ ୧୫ ରୁ ୨୫ ଯାଏଁ ଅନୁଷ୍ଠିତ ହେବ ଅଷ୍ଟମ ଜିଲ୍ଲାବ୍ୟାପି ସେବା ଉତ୍ସବ

ନୟାଗଡ଼, ( ମହାଭାରତ ) : ଆସନ୍ତା ଜୁଲାଇ ୧୫ ତାରିଖ ରୁ ଜୁଲାଇ ୨୫ ତାରିଖ ପର୍ଯ୍ୟନ୍ତ ନୟାଗଡ଼ ଜିଲ୍ଲାରେ ଅନୁଷ୍ଠିତ ହେବ ଜିଲ୍ଲାବ୍ୟାପି ଅଷ୍ଟମ ବାର୍ଷିକ ସେବା ଉତ୍ସବ। ଏନେଇ ନୟାଗଡ଼ ସେବା ଉତ୍ସବ ସମିତି ପକ୍ଷରୁ ନୟାଗଡ଼ ସହର ସ୍ଥିତ ହୋଟେଲ ନୀଳମାଧବ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଯୁବପିଢ଼ି ଙ୍କୁ ସେବା ଧର୍ମରେ ଗତି କରିବା ସହ ଗରିବ ଅସହାୟଙ୍କୁ ସହାୟତାର ହାତ ବଢାଇବା ପାଇଁ ବିଗତ ୭ ବର୍ଷ ଧରି ଜିଲ୍ଲାରେ ଜିଲ୍ଲାବ୍ୟାପି ସେବା ଉତ୍ସବ



ଅନୁଷ୍ଠିତ ହେଉଥିବା ବେଳେ ଏହି କ୍ରମରେ ସପ୍ତମ ଥର ପାଇଁ ଚଳିତ ବର୍ଷ ଜୁଲାଇ ୧୫ ତାରିଖ ରୁ ଜୁଲାଇ ୨୫ ତାରିଖ ପର୍ଯ୍ୟନ୍ତ ଏହି ସେବା ଉତ୍ସବ ଅନୁଷ୍ଠିତ ହେବ। ଜିଲ୍ଲାର ସମସ୍ତ ୮ ଟି ଯାକ ବ୍ଲକରେ ଅଭାବ ଅନାଟନ ଭିତରେ ରହିଥିବା ଅସହାୟ ପରିବାରଙ୍କୁ ବସ୍ତ୍ର, ରାସନ ସାମଗ୍ରୀ, ଗରିବ ଛାତ୍ରୀ ଛାତ୍ରଙ୍କୁ ପାଠ୍ୟ ପୁସ୍ତକ ଆଦି ବଣ୍ଟନ କାର୍ଯ୍ୟକ୍ରମ ଜିଲ୍ଲାରେ ବ୍ୟାପକ ଭାବେ ଆୟୋଜନ ପାଇଁ ଲକ୍ଷ ରଖାଯାଇଥିବା ବେଳେ ଦୁର୍ଗମ ଅଞ୍ଚଳରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର, ଚଷମା ବଣ୍ଟନ, ଅଙ୍ଗଦାନ ଶିବିରର ଆୟୋଜନ କରାଯିବ। ସେହିଭଳି ଦିବ୍ୟାଙ୍ଗ କଳାକାର ମାନଙ୍କୁ ପ୍ରୋତ୍ସାହିତ କରିବା ଉଦେଶ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜିଲ୍ଲାର ୮ଟି ଯାକ ବ୍ଲକରେ ଆୟୋଜନ କରାଯିବ। ଜୁଲାଇ ୧୫ ତାରିଖ ସନ୍ଧ୍ୟାରେ ନୟାଗଡ଼ରେ ସେବା ଉତ୍ସବର ଉଦ୍ ଘାଟନୀ ସମାରୋହ ରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବାକୁ ଥିବା ବେଳେ ପରେ ଏହା ଜିଲ୍ଲା ପରିକ୍ରମା କରି ଜୁଲାଇ ୨୫ ତାରିଖରେ ଓଡଗାଁରେ ଉଦଯାପିତ କରାଯିବ। ଏଣୁ, ଏହି ସେବା ଉତ୍ସବକୁ ସଫଳ କରିବା ପାଇଁ ବଦାନ୍ୟ ବ୍ୟକ୍ତି ମାନେ ସହାୟତା ପ୍ରଦାନ କରିବାକୁ ସେବା ଉତ୍ସବ ସମିତି ପକ୍ଷରୁ ଅଧକ୍ଷ ଶିବରାମ ମହାପାତ୍ର ଅନୁରୋଧ କରିଛନ୍ତି।ୟ ଜିଲ୍ଲାର ସମସ୍ତ ଛାତ୍ରଛାତ୍ରୀ, ଯୁବପିଢ଼ି, ବୁଦ୍ଧିଜୀବୀ, ସମାଜସେବୀ ଓ ସାମାଜିକ ଅନୁଷ୍ଠାନ ତଥା ସବୁ ବର୍ଗର ଲୋକେ ଏହି ଉତ୍ସବରେ ଯୋଡ଼ି ହୋଇପାରିବେ ବୋଲି ସମିତିର ଉପଦେଷ୍ଟା ସନ୍ତୋଷ କୁମାର ପ୍ରଧାନ କହିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ସେବା ଉତ୍ସବ ସମିତିର ସମ୍ପାଦକ ତ୍ରିନାଥ ସାହୁ, ସେବା ଉତ୍ସବ ସଦସ୍ୟ ପରମେଶ୍ୱର ସାହୁ, ଗୁଲସନ କୁମାର ଦାଶ, ସୌମ୍ୟା ସ୍ୱୟଂପ୍ରଭା, ଅମିତ କୁମାର ସାହୁ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହିଥିଲେ।

## ଆଞ୍ଚଳିକ ବସ୍ତରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ସାନଚେରଗାଁରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

ଗୋଲାମୁଣ୍ଡା (ମହାଭାରତ) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଆଞ୍ଚଳିକ ବାସ୍ତରିଣୀ ଉଚ୍ଚ ବିଦ୍ୟାଳୟ, ସାନଚେରଗାଁ ଠାରେ ୭୫ ତମ ବନମହୋତ୍ସବ -୨୦୨୪ ଅବସରରେ ଗୁରୁବାର ଦିନ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଯୁବ ରେଡକ୍ରସ୍ ଶାଖାର ଶତାଧିକ ଛାତ୍ର ଛାତ୍ରୀ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେୟମୁଖ୍ୟ ଅତିଥି ଭାବେ ସ୍ଥାନୀୟ କେଗାଁ ରେଞ୍ଜ ର ଫରେଷ୍ଟର ମଧୁକର ପୁଟେଲ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ବୃକ୍ଷର ଆବଶ୍ୟକତା ତଥା ପରିବେଶ ଉପରେ ବାର୍ତ୍ତା ପ୍ରଦାନ କରିଥିଲେ ।ଏଥିରେ ବନବିଭାଗ ର କର୍ମଚାରୀ ଯଥା ପ୍ରଦୀପ ପୁଝାରୀ, ଗୁନି ମହାରଣା, ସୁନୀତା ପୁଟେଲ୍,ଭୀଷ୍ମ ଶବର, ରୋମାଞ୍ଚଳ ବାଗ,ବିକାଶ ତାଣ୍ଡି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ତ୍ରିଲୋଚନ ସାହୁ ଅଧକ୍ଷତା କରିଥିବାବେଳେ ଯୁବ ରେଡକ୍ରସ୍ ର ପରାମର୍ଶଦାତା ଅଗସ୍ତି ସୁନାନି ପରିଚାଳନା କରିଥିଲେ। ଏଥିସହିତ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ।

# ସୌନ୍ଦର୍ଯ୍ୟ ହରାଉଛି ହିନ୍ଦୋଳ ଏନ୍.ଏ.ସି ୩ନମ୍ବର ୱାର୍ଡର ମିନି ପାର୍କ



**ହିନ୍ଦୋଳ,(ମହାଭାରତ) :** କଥାରେ ଅଛି ସ୍ଥାନ କାଳ ଓ ପାତ୍ରର ଉପଯୋଗୀତାକୁ ଦୃଷ୍ଟିରେ ନ ରଖି କାର୍ଯ୍ୟ କଲେ ପରବର୍ତ୍ତୀ ସମୟରେ ହାସ୍ୟାସ୍ପଦ ହେବାକୁ ପଡେ ।ଏହାର ଏକ ସଦ୍ୟ ଉଦାହରଣ ଦେଖିବାକୁ ମିଳିଛି ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ ଏ ସି ଅନ୍ତର୍ଗତ ୩ନମ୍ବର ୱାର୍ଡ ଠାରେ ନବନିର୍ମିତ ମିନି ପାର୍କ ।ୱାର୍ଡର ଛୋଟଛୋଟ ଶିଶୁମାନଙ୍କ ନିମନ୍ତେ ଉଦ୍ଧିଷ୍ଟ ଏହି ମିନିପାର୍କ ପାଞ୍ଚଲକ୍ଷ୍ୟରୁ ଉର୍ଦ୍ଧ୍ୱ ଅଟକଳ ବିନିମୟରେ ନିର୍ମାଣ କରାଯାଇଛି । ହେଲେ ଏହି ମିନିପାର୍କଟି ୱାର୍ଡଠାରୁ ଦୂରରେ ଥିବା ଜଙ୍ଗଲ ପାର୍ଶ୍ୱରେ ନିର୍ମାଣ କରାଯାଇ ଥିବାରୁ ତାହାର ଉଦେଶ୍ୟ ସାଧନ ହୋଇପାରୁନାହିଁ । ଯାହାଫଳରେ ୱାର୍ଡରେ ଥିବା ଛୋଟଛୋଟ ଶିଶୁମାନେ ୮ନମ୍ବର ୱାର୍ଡରେ ଥିବା ଶିଶୁ ଉଦ୍ୟାନ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳୁଛି । କେବଳ ସେତିକି ନୁହେଁ କାର୍ଯ୍ୟରେ ଆସୁନଥିବା ଏହି ପାର୍କଟି ରକ୍ଷଣା ବେକ୍ଷଣ ଅଭାବରୁ ନଟିଘାଟ ଏବଂ ବୁଦାରେ ପରିପୂର୍ଣ ହୋଇଯାଇଛି । ଲକ୍ଷ୍ୟଲକ୍ଷ୍ୟ ଟଙ୍କା ଅଟକଳ ବିନିମୟରେ ନିର୍ମାଣ ହୋଇଥିବା ଏହି ପାର୍କରେ ରହିଥିବା ଦୋଳି ଗୁଡିକ ବହୁ ଦିନ ପର୍ଯ୍ୟନ୍ତ କାର୍ଯ୍ୟରେ ଆସୁନଥିବା ହେତୁ ତାହା ମଧ୍ୟ ଲୁହା କଳଙ୍କି ଲାଗି ଖରାପ ହୋଇଯିବାର ସମ୍ଭାବନା ରହିଛି । ତେବେ ୱାର୍ଡ ଠାରୁ ବହୁଦୂରରେ ନିର୍ମାଣ କରାଯାଇଥିବା ଏହି ପାର୍କର ଯଥାଶୀଘ୍ର ପୁନଃଉଧାର କରାଯିବା ସହିତ ସମ୍ପୂର୍ଣ କାର୍ଯ୍ୟକ୍ଷମ କରାଯିବାପାଇଁ ସାଧାରଣରେ ଦାବୀ ହୋଇଛି ।

# ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସବ ପରେ ମିଠା ବାହାନାରେ ଅର୍ଥ ଦାବି




**ନୟାଗଡ଼,(ମହାଭାରତ) :** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପ୍ରସବ ପାଇଁ ଆସିବାକୁ ମୁହଁ ମୋଡୁଛନ୍ତି ମଧ୍ୟମ ଓ ଗରିବ ଶ୍ରେଣୀର ରୋଗୀ ଏବଂ ଆଦିବାସୀ ରୋଗୀ । ପ୍ରସବ ପରେ ମିଠା ବାହାନାରେ ଅର୍ଥ ଦାବି କରାଯାଉଛି ପ୍ରସୂତି କକ୍ଷରେ । ନର୍ମାଲ ବା ସାଧାରଣ ଭାବେ ପ୍ରସବ ହେବା ପରେ ପୁଅ ହେଲେ ୨ ହଜାର ଏବଂ ଝିଅ ହେଲେ ୧ ହଜାର ଟଙ୍କା ମଗାଯାଉଛି । କିଏ କିଛି ଆଶାକର୍ମୀଙ୍କ ହାତରେ ମଗାଉଛି ତ ପୁଣି କେଉଁ ଦିଦି ସିଧାସଳଖ ମାଗୁଛି । ଦୈନିକ ପ୍ରସବ ପାଇଁ ଆସୁଥିବା ପରିବାର ବର୍ଗ ଏଭଳି ଶୋଷଣର ଶିକାର ହେଉଛନ୍ତି । ଦିଦି ମାନେ ମିଠା ଖାଇବା ପାଇଁ କିଛି ଟଙ୍କା ମାଗୁଥିବା ବେଳେ ଆଉ କିଛି ଟଙ୍କାରେ ମାରା ହୋଇଥିବା ଚୁଡ଼ି, ଶଙ୍ଖା ପରିବର୍ତ୍ତନ କରିବାକୁ କହୁଛନ୍ତି । ହେଲେ ଟଙ୍କା ଦେଉଥିବା ସମ୍ପର୍କୀୟ ମାନେ ଭୟରେ ଅଧିକାରୀ କିମ୍ବା କ୍ୟାମେରା ଆଗରେ ମୁହଁ ଖୋଲିବାକୁ ସାହସ କରୁନଥିବା ଦେଖିବାକୁ ମିଳିଛି । ଖୋଲାଖୋଲି ଭାବେ ଏଭଳି ଅର୍ଥ ଦାବି କରାଯିବା ଦ୍ୱାରା ବହୁ ଗରିବ ଆଦିବାସୀ ବହୁଳ ଉପାନ୍ତ ଅଞ୍ଚଳର ଗର୍ଭବତୀ ମହିଳା ମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଆସିବାକୁ ମୁହଁ ମୋଡୁଥିବା ଅଭିଯୋଗ ହେଉଛି । କିଛି ବର୍ଷ ପୂର୍ବରୁ ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସୁରେଶ ମିଶ୍ରଙ୍କ ସମୟରେ ମୁଖ୍ୟ ଚିକିତ୍ସାଳୟ ରେ ପ୍ରସୂତି ଗୃହରେ ଆଶା ପ୍ରବେଶ ନିଷେଧ ଉପରେ କଟକଣା ଜାରି କରିଥିବା ବେଳେ ଆଶା ଦିଦି ମାନେ ବା ହସ୍ପିଟାଲ ର ପ୍ରସୂତି କକ୍ଷର ଦାୟିତ୍ୱ ରେ ରହୁଥିବା କର୍ମଚାରୀ ଏହି କଟକଣା କୁ ଫୁ କରିଦେଇ ଏବେ ଆଶା ଦିଦି ମାନେ ଆଶା ପୋଷାକ ନପିନ୍ଧି ସାଧା ପୋଷାକରେ ପ୍ରସୂତି ଗୃହରେ ପ୍ରବେଶ କରୁଥିବା ନଜିର୍ ଆସିଛି । ଯାହାକୁ ପ୍ରସୂତି କକ୍ଷର ଦାୟିତ୍ୱ ରେ ଥିବା ଷ୍ଟାଫ୍ ନର୍ସ ବା ଡାକ୍ତର ମଧ ଏହି ପୋଷାକ ପିନ୍ଧାକୁ ସହମତି ଦେଉଥିବା ଜଣା ପଡ଼ିଛି । ଆଶା ଦିଦି ମାନେ ସାଧା ପୋଷାକରେ ପ୍ରସୂତି ଗୃହରେ ପ୍ରବେଶ କରି ଷ୍ଟାଫ୍ ନର୍ସ ଓ ରୋଗୀଙ୍କ ସମ୍ପର୍କୀୟ ଙ୍କ ମଧ୍ୟରେ ମଧ୍ୟସ୍ଥି ହୋଇ ଅର୍ଥ କାରବାର ର ସୁତ୍ରଧର ବୋଲି ଅଭିଯୋଗ ହେଉଛି । ଏସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ସେହି ଚିରାଚରିତ ଉତ୍ତର କି ଅଭିଯୋଗ ଆସିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବୁ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହା ନିତିଦିନିଆ ଘଟଣାରେ ପରିଣତ ହୋଇଥିବା କିଛି କର୍ମଚାରୀ କହିଛନ୍ତି । ଖାଲି ସେତିକି ନୁହେଁ, ରାତିରେ ଆସୁଥିବା ଗର୍ଭବତୀଙ୍କୁ ସଠିକ୍ ଭାବେ ସେବା ଯୋଗାଇ ଦିଆଯାଉନଥିବା ଅଭିଯୋଗ ହେଉଛି । ଦୀର୍ଘ ସମୟ ଧରି ପକାଇ ରଖିବା ପରେ ଦାୟିତ୍ୱ ରେ ଥିବା ଷ୍ଟାଫ୍ ନର୍ସ ବା ଡାକ୍ତର ଙ୍କୁ ଅଭିଯୋଗ କଲେ ରେଫର୍ କରି ଭୁବନେଶ୍ୱର ବା କଟକ ପଠାଇ ଦିଆଯାଉଛି ତ ପୁଣି କାହାରିକୁ ବେସରକାରୀ କ୍ଲିନିକ୍ ?କୁ ପଠାଯାଉଛି । ଗୋଟିଏ ପାର୍ଶ୍ୱରେ ସରକାର ପ୍ରସବ କାଳୀନ ସମସ୍ତ ଔଷଧ ସହ ମାଗଣାରେ ସେବା ଯୋଗାଇବା ପାଇଁ ପରାମର୍ଶ ଦେଉଥିବା ବେଳେ ଏଠାରେ ଏହାର ବ୍ୟାପକ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଏହା ଉପରେ ତୁରନ୍ତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

# ନେତାଜୀ ସୁବାଷ ବୋଷ ମାଧମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳନ



**ତୁମୁଡିବନ୍ଧ,(ମହାଭାରତ) :** କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ସ୍ଥିତ ସ୍ଥାନୀୟ ନେତାଜୀ ସୁବାଷ ବୋଷ ମାଧମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠାନ ର ଅଧକ୍ଷ ଡ଼ଃ ସୁନୀଲ କୁମାର ପାତ୍ରଙ୍କ ଅଧକ୍ଷତାରେ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି । ଅନୁଷ୍ଠାନ ର ଅଧକ୍ଷ ଡ଼ଃ ପାତ୍ର ବୃକ୍ଷ ରୋପଣ କରି ଏହାର ଶୁଭାରମ୍ଭ କରିଥିଲେ ଏବଂ ଉପସ୍ଥିତ ଥିବା ଛାତ୍ର ଛାତ୍ରୀଙ୍କୁ ବନ ମହୋତ୍ସବ ର ଉଦେଶ୍ୟ ଏବଂ ବୃକ୍ଷ ରୋପଣ ର ଆବଶ୍ୟକତା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇଥିଲେ । ଭାରତର ଜସ୍ୱସୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନୂଆ ଆହ୍ୱାନ ଗୋଟିଏ ମା ଗୋଟିଏ ଗଛର ସ୍ଲୋଗାନ ଦେଇ ନିଜ ନିଜ ଗ୍ରାମରେ ବୃକ୍ଷ ରୋପଣ କରିବାକୁ ଅନୁରୋଧ କରିଥିଲେ । ଏହି ଅବସରରେ ଉପସ୍ଥିତ ଥିଲେ ଅନୁଷ୍ଠାନ ର ସମସ୍ତ ଅଧାପକ ଓ ଅଧାପିକା ସମସ୍ତ ଅଣ ଶିକ୍ଷକ କର୍ମଚାରୀ ଏବଂ ଯୁକ୍ତ ଦୁଇ ଶ୍ରେଣୀର ସମସ୍ତ ଛାତ୍ର ଛାତ୍ରୀ । ବୃକ୍ଷ ରୋପଣ ଦ୍ୱାରା ସାମାଜିକ ଜୀବନରେ କେଉଁ ପ୍ରକାରର ଫାଇଦା ଏବଂ ଗୋଟିଏ ବୃକ୍ଷ ରୁ ମନୁଷ୍ୟ କେତେ ପରିମାଣର ଅମ୍ଳଜାନ ମିଳିଥାଏ ସେ ଉପରେ ଛାତ୍ର ଛାତ୍ରୀଙ୍କୁ ନିଜ ଅଭିଭାଷଣ ମାଧମରେ ବୁଝାଇଛନ୍ତି ଶିକ୍ଷା ବିଭାଗ ଅଧାପକ ସତ୍ୟରଞ୍ଜନ ପାଣିଗ୍ରାହୀ । ଅନୁଷ୍ଠାନ ର ଅଧାପକ ଅଧାପିକା ସମେତ ସମସ୍ତ ଛାତ୍ର ଛାତ୍ରୀ ଏକତ୍ରିତ ହେଇ ଦେବଦାରୁ, କଦମ୍ବ,ପଣସ, ଭଣ୍ଡା, ଅଁଳା, ଝାଉଁ ଗଛ ଭଳି ବିଭିନ୍ନ କିସମର ଶତାଧିକ ବୃକ୍ଷ ରୋପଣ କରିଥିଲେ ।

# ବାଘ ଆତଙ୍କ ; ଲାଗିଲା ଟ୍ରାପ କ୍ୟାମେରା

## ଗୋ ସମ୍ପଦ ସୁରକ୍ଷା ଦାବିରେ ଡିଏଫଓ ଙ୍କୁ ସ୍ମାରକପତ୍ର



**ଭଞ୍ଜନଗର,(ମହାଭାରତ) :** ଉତ୍ତର ଘୁମୁସର ବନଖଣ୍ଡ ବିଭିନ୍ନ ବନାଞ୍ଚଳରେ ବାଘ ଆତଙ୍କ ଜନସାଧାରଣ ଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି । ଏହି ଘଟଣାକୁ ନେଇ ଗୋପାଳକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିବା ବେଳେ ସ୍ଥାୟୀ ଗୁହାଳ ଘର ନଥିବା ରୁ କିପରି ହିଂସ୍ର ଜନ୍ତୁ ଠାରୁ ଗୃହପାଳିତ ପଶୁ ଙ୍କୁ ସୁରକ୍ଷା ଦେବେ ଚିନ୍ତାରେ ପଡିଛନ୍ତି । ସୋମବାର କେନ୍ଦ୍ରୀୟ ବନାଞ୍ଚଳର ବଡ଼ରାଉଳ ନିକଟରେ ଏକ ବାଛୁରୀ କୁ ବାଘ ମାରିବା ଅଭିଯୋଗ ପରେ ବନ କର୍ମଚାରୀ ମାନେ ତଦନ୍ତ କରିଥିଲେ । ପରେ ବନ ବିଭାଗ ପକ୍ଷରୁ ଘଟଣାସ୍ଥଳକୁ ଲାଗି ରହିଥିବା ବିଭିନ୍ନ ସ୍ଥାନରେ ୪ଟି ଟ୍ରାପ୍ କ୍ୟାମେରା ଲଗାଯାଇଛି । ଏଥିସହ ଗ୍ରାମବାସୀଙ୍କୁ ସତର୍କତା ଅବଲମ୍ବନ କରିବାକୁ ସଚେତନ କରାଯାଇଛି । ପାଟ୍ରୋଲିଂକୁ ମଧ କଡ଼ାକଡ଼ି କରାଯାଇଥିବା କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥ୍ୱୀରାଜ ପ୍ରଧାନ ପ୍ରକାଶ କରିଛନ୍ତି । ପାଦଚିହ୍ନ ସାଙ୍ଗକୁ ଆକ୍ରମଣ ଶୈଳୀରୁ ଏହା ଏକ ବାଘ ବୋଲି ଅନୁମାନ କରାଯାଉଛି । କିନ୍ତୁ ଏହା ପ୍ରକୃତରେ ବାଘ ନା' ଅନ୍ୟ କୌଣସି ହିଂସ୍ରଜନ୍ତୁ ଏନେଇ କିଛି ସ୍ପଷ୍ଟ ହୋଇପାରୁନି । ଅନ୍ୟପକ୍ଷରେ ରାତିରେ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ ବାହାରୁ ଅଭିଜ୍ଞସମ୍ପନ୍ନ ଦଳକୁ ଆଣି ଗାଈଗୋରୁଙ୍କୁ ସୁରକ୍ଷା ଦେବା ଦିଗରେ ପଦକ୍ଷେପ ନେବାକୁ ଘୁମୁସରୀ ଗୋପ୍ରଜାତି ବିକାଶ ଓ ସଂରକ୍ଷଣ ସୁରକ୍ଷା ସମିତି ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ବନଖଣ୍ଡର ଅଧିକାରୀ ହିମାଂଶୁ ଶେଖର ମହାନ୍ତି ଙ୍କୁ ଭେଟି ଗୁରୁବାର ଦାବିପତ୍ର ପ୍ରଦାନ କରିଛନ୍ତି । ଗତ କିଛି ମାସ ଧରି ପାଖାପାଖି ୨୦ ଟି ଗାଈ ଓ ବଳଦ ହିଂସ୍ର ଜନ୍ତୁ ଆକ୍ରମଣରେ ପ୍ରାଣ ହରାଇଥିବା ବେଳେ ବନ ବିଭାଗ ପକ୍ଷରୁ ଲାଗୁଥିବା ଟ୍ରାପ କ୍ୟାମେରା ରେ କୌଣସି ଚିତ୍ର ସ୍ପଷ୍ଟ ନହେବା ମୁଣ୍ଡ ବ୍ୟଥାର କାରଣ ପାଲଟି ଥିବା ବେଳେ ଗୋପାଳ ଚାଷୀ ଭାଇ ମାନେ ଚିନ୍ତା ରେ ରହିଛନ୍ତି । ଉଭୟ ବନଖଣ୍ଡ ଅଧୀନରେ ଥିବା ମାଳତି, ହାତୀଗୁଣ୍ଡା, ମାଛଖାଇପଲ୍ଲୀ, କୁମାରଶୁଣି, କଇଁଠିଆମୁଣ୍ଡିଆ, ଦଦରାଲୁଣ୍ଡା,ଡ଼ହ, ବାଇବାଲି, ସମରବନ୍ଧ, ବୁଦୁଲି ଭଳି ବିଭିନ୍ନ ପାହାଡ଼ରୁ ହିଂସ୍ର ଜନ୍ତୁ ଆସି ଗୃହପାଳିତ ପଶୁଙ୍କୁ ଆକ୍ରମଣ କରୁଛି । ଏଣୁ ଗୋସମ୍ପଦକୁ ସୁରକ୍ଷା ଦେବା ଓ ପାଟ୍ରୋଲିଂକୁ କଡ଼ାକଡ଼ି କରିବାକୁ ଶ୍ରୀ ସାହୁ ଦାବି କରିଛନ୍ତି । ଏଥି ସହିତ ବ୍ୟାପକ ସଚେତନତା ଓ ହେଲ୍ପ ଲାଇନ ନମ୍ବର,ଗାଈ ଗୋଠରେ ସୋଲାର ଲାମ୍ପ ସ୍ଥାପନ ଦାବି କରିଛନ୍ତି । ଶ୍ରୀ ସାହୁଙ୍କ ସମେତ ପାଣ୍ଡବ ଗୌଡ଼ ଓ ପାଣ୍ଡା ଗୌଡ଼ ଦାବିପତ୍ର ପ୍ରଦାନ କରିଥିଲେ ।

# ଆସିକାରେ ୭୫ତମ ବନ ମହୋତ୍ସବ ସାପ୍ତାହ ପାଳିତ

**ଆସିକା,(ମହାଭାରତ) :** ଆସିକା ବ୍ଲକ ଜଗଦଳପୁର ହାଇସ୍କୁଲ ଠାରେ ଆସିକା ବନାଞ୍ଚଳର ବନ ଅଧିକାରୀ ପ୍ରମୋଦ କୁମାର ପଣ୍ଡା, ପୌରହିତ୍ୟରେ ୭୫ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମ ରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ସଂଦୀପ ପାଢ଼ୀ, ସଂଗୀତ ପାଢ଼ୀ ,ଅନ୍ୟାନ୍ୟ ବିଜେପି



କର୍ମୀ ଓ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକଙ୍କ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କ୍ଷଭାରତର ଯସଶ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ମୋଦୀଙ୍କ ବନମହୋତ୍ସବର ନାରା 'ମାଁ ପାଇଁ ବୃକ୍ଷ ଟିଏ' ବୃକ୍ଷରୋପଣ ଦ୍ୱାରା ଚରିତାର୍ଥ କରିବା ପାଇଁ ଏବଂ ଆଜିର ବୃକ୍ଷ ରୋପଣ ଭବିଷ୍ୟତର ଜୀବନ ବୋଲି ସମସ୍ତଙ୍କୁ ଆହ୍ୱାନ କରିଥିଲେ । ପିଲାମାନେ ଗୋଟିଏ ବୃକ୍ଷ ରୋପଣ କରି ତାହାର ଉପଯୁକ୍ତ ଯତ୍ନ ନେବା, ସୂର୍ଯ୍ୟଙ୍କ ଉତ୍ତପ୍ତ ତାଉରୁ ବର୍ତ୍ତିବା ପାଇଁ ବୃକ୍ଷ ରୋପଣ ହିଁ ଏକମାତ୍ର ପଦକ୍ଷେପ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ । ମଣିଷ ନିଜର ସୁବିଧା ସୁଲଭ କରିବା ପାଇଁ ବୃକ୍ଷଗୁଡିକୁ ଆଜି ନିଶ୍ଚିହ୍ନ କରିବା ପାଇଁ ବସିଛି । ବିଶ୍ୱ ଭୌଗଳିକ ତଥା ଜଳବାୟୁ ପରିବର୍ତ୍ତନରେ ଏବଂ ଓଜନ ସ୍ତରକୁ ନିୟନ୍ତ୍ରଣ କରିବାର ଏକମାତ୍ର ବିକଳ୍ପ ହେଉଛି ବୃକ୍ଷ ରୋପଣ ବୋଲି ସମସ୍ତଙ୍କୁ ସୂଚାୟୀ ଥିଲେ ।

# ମାନବ ସେବା ସମିତି ଦ୍ୱାରା ବକ୍ତୃତା ପ୍ରତିଯୋଗୀତା ଅୟୋଜିତ



**ଆସିକା,(ମହାଭାରତ) :** ଆସିକା ବାଣୀବିହାର ସ୍ଥିତ ବରିଷ୍ଠ ନାଗରିକଙ୍କ ସଭା ଗୃହରେ ଆସିକା ମାନବ ସେବା ସମିତି ପକ୍ଷରୁ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ପାଇଁ '' ଓଡିଆ ସ୍ୱାଭିମାନ ମଧୁସୂଦନ ''ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ମାନବ ସେବା ସମିତି ଆବାହକ ଗଣେଶ ରଥଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଏ ଯୁଧିଷ୍ଠିର ଦୋରା, ଅବସର ପ୍ରାପ୍ତ ଶିକ୍ଷକ ପ୍ରୀତବାସ ମୁନି, ଶିବ ଶଙ୍କର ଜେନା ପ୍ରମୁଖ ବିଚାରକ ରୂପେ କାର୍ଯ୍ୟ ସଂପାଦନ କରି ଥିବା ବେଳେ ବରିଷ୍ଠ ନାଗରିକ ସଂଘ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ । ଏହି ପ୍ରତିଯୋଗୀତା ରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।

# ରାହୁଲ ଗାନ୍ଧୀ କ୍ଷମା ମାଗନ୍ତୁ : ଜଟଣୀ ନଗର ବିଜେପି

**ଜଟଣୀ,(ମହାଭାରତ) :** ସଂସଦରେ ରାହୁଲ ଗାନ୍ଧୀଙ୍କ ହିନ୍ଦୁ ବିରୋଧୀ ମନ୍ତବ୍ୟକୁ ନେଇ ଆଜି ଜଟଣୀ ନଗର ବିଜେପି ଯୁବମୋର୍ଚ୍ଚା ଏବଂ ମହିଳା ମୋର୍ଚ୍ଚା ପକ୍ଷରୁ ଦୃଢ଼ ନିନ୍ଦା କରିବା ସହ ସ୍ଥାନୀୟ ହରିଭାଇନା ଛକଠାରେ ରାହୁଲ ଗାନ୍ଧୀଙ୍କ କୁଶ ପୁତ୍ତଳିକା ଦାହ କରା ଯିବା ସହ ଫୋଟକୁ ଚପଲରେ ମାରିଥିଲେ ଓ ଯଥା ଶୀଘ୍ର ରାହୁଲ ଗାନ୍ଧୀ କ୍ଷମା ପ୍ରାର୍ଥନା କରନ୍ତୁ ନହେଲେ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ଜଟଣୀ ନଗର ବିଜେପି ପକ୍ଷରୁ କୁହାଯାଇଛି ।



# ନଦୀପଠାରେ ବେଧଡ଼କ ବାରହା ଶିକାର : ଖବର ପାଇ ମଧ ଟେର୍ ପାଉନି ବନ ବିଭାଗ

**ଖଣ୍ଡପଡ଼ା,(ମହାଭାରତ) :** ଖଣ୍ଡପଡ଼ା ବନାଞ୍ଚଳ ଅଧୀନ କଣ୍ଟିଲୋ ସେକ୍ସନରେ ଅବାଧରେ ଚାଲିଛି ଜଙ୍ଗଲ ଲୁଟ୍ ଏବଂ ବନ୍ୟଜନ୍ତୁ ଶିକାର । ନଦୀ ପଠାରେ ମାଫିଆ ବାରହା ଶିକାର କରି ଗାଁ ଗଣ୍ଡାରେ ମାଂସ ବିକ୍ରି କରୁଥିବା ବେଳେ ଟେର୍ ପାଉନି ବନବିଭାଗ । ଏପରିକି ସୂଚନା ଦେଲେ ମଧ ଏଥିପ୍ରତି ଆଖିବୁଜି ଦେଉଛନ୍ତି ଖୋଦ୍ ଫରେଷ୍ଟର । ଏଭଳି ଅଭିଯୋଗ ଆସିଛି କିଆଝର ପଞ୍ଚାୟତ ଅଧୀନ ସେରଜଙ୍ଗ ଅଞ୍ଚଳରୁ । ମିଳିଥିବା ସୂଚନା ଅନୁଯାୟୀ, ଚଳିତବର୍ଷ ଉତ୍କଟ ପାନୀୟ ଜଳ ସମସ୍ୟା ଦେଇ ଜନସାଧାରଣ ହନ୍ତସନ୍ତ ହେଉଥିବା ବେଳେ ବନ୍ୟଜନ୍ତୁ ମଧ ଏଥିରୁ ବାଦ୍ ପଡ଼ିନାହାନ୍ତି । ବିଭିନ୍ନ ଜଳଉତ୍ସ ଶୁଖିଯିବାରୁ ଜନବସତିମୁହାଁ ହେଲେଣି ବନ୍ୟଜନ୍ତୁ । ଫଳରେ ଶିକାରୀ ମାନେ ସକ୍ରିୟ ହେବା ସହିତ ଏବେ ଜଙ୍ଗଲଜନ୍ତୁଙ୍କ ମାଂସ ଗାଁ ଗଣ୍ଡାରେ ବିକ୍ରି କଲେଣି । କିଛି ଦିନ ହେବ କିଆଝର ପଞ୍ଚାୟତ ଅଧୀନ ସେରଜଙ୍ଗ ଗ୍ରାମରେ ମାଫିଆ ମାନେ ଏକାଧିକ ବାର୍ହା ଶିକାର କରିଥିବା ନେଇ ବିଭିନ୍ନ ଗଣମାଧ୍ୟମ କୁ ଗ୍ରାମ ବାସୀ ଯୋଗାଯୋଗ କରିଥିଲେ । ଘଟଣା ସମ୍ପର୍କରେ କଣ୍ଟିଲୋ ସେକ୍ସନ ଫରେଷ୍ଟର ବିଜୟ କୁମାର ପ୍ରଧାନଙ୍କୁ ଗଣମାଧମର ପ୍ରତିନିଧି ମାନଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା ମାତ୍ର ସକାଳ ଯାଇ ସନ୍ଧ୍ୟା ହୋଇଥିଲେ ମଧ ଏ ସମ୍ପର୍କରେ ବନବିଭାଗ ଟେର୍ ନ ପାଇବା ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖୋଦ୍ ଦିନ ବେଳା କୁଆଁରିଆ ନଦୀ ପଠାରେ ଏଭଳି ବେଆଇନ କାର୍ଯ୍ୟ ଚାଲିଥିଲେ ସୁଦ୍ଧା ବନ ବିଭାଗ ନିଷ୍କ୍ରିୟ ରହିବା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ନେଇ ନୟାଗଡ଼ ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗୀଙ୍କ ପ୍ରତିକ୍ରିୟା ନେବାରେ ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିକ୍ରିୟା ଦେଇଛନ୍ତି । ତେବେ ଦିନ ତମାମ ବନବିଭାଗ କେମିତି ଖୋଜିଲା ଯେ ଶିକାରୀ ଓ ମାଫିଆଙ୍କୁ କାବୁ କରିପାରିଲାନି ତାହା ବଡ଼ ବିସ୍ମୟ ସୃଷ୍ଟି କରିଛି । ସେରଜଙ୍ଗକୁ ଲାଗି କରି ରହିଥିବା ସଂରକ୍ଷିତ ଜଙ୍ଗଲ ସୁରକ୍ଷା ପାଇଁ ରାକେସିଆ ବିଟ୍ ଥିଲେ ହେଁ ଉଦ୍‌ଘାଟନ ହେବା ଦିନଠାରୁ ଏଥିରେ ତାଲା ପଡ଼ିଛି । ଫଳରେ ଉକ୍ତ ଅଞ୍ଚଳରେ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସ୍ଥିତି ସଂକଟାପନ୍ନ ହେଲାଣି । ଖାଲିସେତିକି ନୁହେଁ, ବାରମ୍ବାର ଜଙ୍ଗଲ ଅଞ୍ଚଳରେ ବୃକ୍ଷ ଲୁଟ୍ ସହ ବେଆଇନ କାଠ ପଟ୍ଟା ଜବତ ଭଳି ଘଟଣା ଘଟୁଥିବା ବେଳେ ବନବିଭାଗ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନ ଉଠାଇଛନ୍ତି । ସ୍ଥାନୀୟ ଅଞ୍ଚଳବାସୀ ବିଶେଷକରି ବିଟ୍ ଅଧୀନ ସଂରକ୍ଷିତ ଜଙ୍ଗଲରେ ପାଟ୍ରୋଲିଂ ଅଭାବ ସହ ଦିନେ ହେଲେ କର୍ମଚାରୀଙ୍କ ପାଦ ନ ପଡ଼ିବା କାଠ ମାଫିଆ ଓ ଶିକାରୀଙ୍କୁ ସକ୍ରିୟ କରିଛି । ଫଳରେ ବନ ବିଭାଗକୁ ଖୋଲା ଚ୍ୟାଲେଞ୍ଜ ଦେବା ସହିତ ଏଭଳି ବେଆଇନ କାର୍ଯ୍ୟକଳାପ କରିବାକୁ ସାହସ ଜୁଟାଇଲେଣି ଅସାଧୁ କାଠ ମାଫିଆ । ଏବେ ବର୍ଷାଋତୁ ଚାଲୁଥିବା ବେଳେ ବନବିଭାଗ ସଜାଗ ନ ହେଲେ ପୁଣିଥରେ ଏଭଳି ଅଭାବନୀୟ କାଣ୍ଡ ଘଟିବାର ଆଶଙ୍କା ପ୍ରକାଶ ପାଇଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।



# ଗୋଚର ଜମିକୁ ଜବରଦଖଲ କରିଥିବା ଅଭିଯୋଗ

**ବଡ଼ଚଣା,(ମହାଭାରତ) :** ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବିକ୍ରମତିରଣ ପଞ୍ଚାୟତର ସାହୁ ସାହିରେ ରୁହନ୍ତି ଅରକ୍ଷିତ ସାହୁ ପିତା ଚକ୍ରଧର ସାହୁ, ଗ୍ରାମରେ ନିଜଘରକୁ ଲାଗି ସାମ୍ନା ଥିବା ଗୋଚର ଜମିକୁ ନେଇ ଉଠିଲା ବିବାଦ । ଏଥିରେ ଚଞ୍ଚକତା କଲେ ଆରଆଇ ସଂଗ୍ରାମ ପରିଡା । ତହସିଲରେ ଜମାକଲେ ମିଛ ରିପୋର୍ଟ, ଅରକ୍ଷିତ ସାହୁ ଙ୍କ ଘରେ କୁ ଲାଗି ଥିବା ସରକାରୀ ଗୋଚର ଜମିକୁ ନେଇ ଲାଗୁଛି ବିବାଦ ଖାତା ନଂ ୩୫୧ ପ୍ଲଟ ନଂ ୨୨୬ କୁ ପାଖ ଓ ପଛକୁ ପଛ ଲାଗି ଥିବା ଘର ଦାଦା ଓ ପୁଅ ଭାଇ ମାନେ ଜବରଦଖଲ କରୁଥିବା ନେଇ ଅଭିଯୋଗ କରିଛନ୍ତି ଅରକ୍ଷିତ ସାହୁ । ଅରକ୍ଷିତଙ୍କ ଘର ସାମ୍ନାରେ ଥିବା ୧ଡିସମିଲ ଗୋଚର ଜମିରେ ଦାଦା ଓ ତାଙ୍କ ପୁଅ ମାନେ ଗୁହାଳ କରି ଗାଇ ଗୋରୁ ବାନ୍ଧିବା ଓ ଗୁହାଳ କରି ଅଳିଆ ଆବର୍ଜନା କରୁଥିବା ନେଇ ମାନ୍ୟବର କୋର୍ଟର ଦ୍ୱାରସ୍ଥ ହେଇଥିଲେ । କୋର୍ଟର ଆଦେଶକୁ ଆଣି ଦର୍ପଣ ତହସିଲରେ ଜମା କରିଥିବା ସମୟରେ



ତହସିଲଦାର ଏହାର ତଦନ୍ତ ଭାର ଆରାଇ, ଙ୍କ ଦ୍ୱାରା କରାଇଥିଲେ ।କିନ୍ତୁ ଆରାଇ ମହାସୟ ଚଞ୍ଚକତା କରି ଅନ୍ୟ ପକ୍ଷରୁ କିଛି ହାତ ଗୁଞ୍ଜା ନେଇ ରିପୋର୍ଟ ଭୁଲ କରିଦେଲେ ଯାହାକି ହଇରାଣ ହେଉଛନ୍ତି ଅରକ୍ଷିତ ସାହୁ । ଏହାକୁ ବିରୋଧ କରିବାରୁ,, ଅରକ୍ଷିତ ସାହୁଙ୍କ ଘରକୁ ଯାଇ ପରିବାର କୁ ମାରିଦେବା ପାଇଁ ଧମକ ଦେଇଛନ୍ତି ଆରାଇ ଶ୍ରୀ ସଂଗ୍ରାମ ପରିଡ଼ା ।ଏହାର ଗୋଟେ ମାସ ପୁର୍ବରୁ ଆରାଈ ଶ୍ରୀ ସଂଗ୍ରାମ ପରିଡ଼ା ଜବର ଦଖଲ ନୋଟିସ ଅରକ୍ଷିତ ସାହୁଙ୍କୁ ଦେଇଥିଲେ ମଧ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିବା କହିଛନ୍ତି ଅରକ୍ଷିତ ସାହୁ । ତେବେ ଅରକ୍ଷିତ ସାହୁ କହୁଛନ୍ତି ତଦନ୍ତ କରି ଭୁଲ ରିପୋର୍ଟ ଦେବାରୁ ମୁଁ ଅସୁବିଧାରେ ପଡ଼ିଛି ମୋର ଦାଦା ଓ ଦାଦା ପୁଅ ଭାଇ ମାନେ ୧୦ ଡିସମିଲ ଗୋଚର ଜମି ଜବଦଖଲ କରି ରଖିଛନ୍ତି କିନ୍ତୁ ତାହାଉପରେ କୌଣସି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏବଂ ମୋ ଘର ସାମ୍ନାରେ ଥିବା ୧ଡ଼ିସିମିଲ ଗୋଚର ଜମିକୁ ଦାଦା ଓ ତାଙ୍କ ପୁଅ ମାନେ ଜୋଜବରଦସ୍ତି ଦଖଲ କରି ଆଲିହା ଆବର୍ଜନା କରିବାସହ ବାଉଁଶ ପୋତୁଛନ୍ତି କିନ୍ତୁ ପ୍ରଶାସନ ଏହକୁ କୌଣସି ମୋତେ ଜଣାଲେବି ସୁଦ୍ଧା ଏଥି ପ୍ରତି ଦୃଷ୍ଟି ଦେଉନାହାନ୍ତି । ଏବ ପୁଣି ମୋ ନାମରେ ୪୮ଘଣ୍ଟାରେ ଗୋଚର ଜମିକୁ ସଫା କରିବା ପାଇଁ ମୋ ଘର କାନ୍ଥରେ ଗୋଟେ ନୋଟିସ ମାରିଛନ୍ତି । ସେମାନେ ଅଳିଆ ଅସନା କରିବେ ମୁଁ ସଫା କରିବି ଏ କୋଉ ପ୍ରକାର ନ୍ୟାୟ । ତେବେ ମାନ୍ୟବର ତହସିଲଦାର ଯଦି ଏହାର ତଦନ୍ତ ଠିକ୍ ସେ ନକରନ୍ତି ମୁଁ ଓ ମୋ ପରିବାର ତହସିଲ ଅଫିସ ଆଗରେ ନିଜର ଜୀବନ ଦେବୁ, ଏଥି ପାଇଁ ଦାଇ ରହିବେ ଆରାଇ ସଂଗ୍ରାମ ପରିଡା । ଦେଖିବାକୁ ବାକି ରହିଲା ତହସିଲ୍ ପ୍ରଶାସନ କେଉଁଦିନ ଏହାର ବିଚାର କରାଯାଉଅଛି ।

# ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳିତ

**ରାୟଗଡ଼ା,(ମହାଭାରତ) :** ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଠାରେ ୫୮ତମ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ରାୟଗଡ଼ା ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟବାନ୍ ମହାଜନ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଭାସ୍କର ରଇତ, ଉପଜିଲ୍ଲାପାଳ ଶ୍ରୀମତୀ କଲ୍ୟାଣୀ ସଂଘମିତ୍ରା ଦେବୀ । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷା ଡଃ. ବବିଲତା ଶ୍ରଫ ଅଧକ୍ଷତା କରିବା ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରି ତାଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ମଞ୍ଚ ପରିଚାଳନା କରିଥିଲେ ଡଃ. ସରସ୍ୱତୀ ରାୟ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ରାମଚନ୍ଦ୍ର ପଟ୍ଟନାୟକ ଏବଂ ଅନ୍ୟାନ୍ୟ ଅବସରପ୍ରାପ୍ତ ଅଧାପକ ମାନେ ମଧ ଯୋଗଦେଇଥିଲେ । ପ୍ରଥମେ ଭଗବାନଙ୍କ ଠାରେ ଦୀପ ପ୍ରଜ୍ଜ୍ୱଳନ କରି ବନ୍ଦେ ଉତ୍କଳ ଜନନୀ ଗୀତ ଗାନ କରାଯାଇଥିଲା । ଅତିଥିମାନେ ନିଜର ଅଭିଜ୍ଞତା ଜ୍ଞାପନ କରି ତାଙ୍କର ଅନୁଭୂତି କୁ କହିବା ସହ ସମସ୍ତଙ୍କୁ ମାର୍ଗ ଦର୍ଶନ କରାଇଥିଲେ । ଅତିଥି ଓ ଅବସରପ୍ରାପ୍ତ ଅଧାପକମାନଙ୍କୁ ସମ୍ମାନ କରି ପୁଷ୍ପ ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳଙ୍କ ଦ୍ୱାରା ବୃକ୍ଷ ରୋପଣ କରାଗଲା , ଜଇଣଉଙଂଙ ଓ ଭଲିବଲ୍ କୋର୍ଟ ଉଦ୍ଘାଟନ କରାଗଲା । ଏହା ସହ ଯୁକ୍ତଦୁଇ ପରୀକ୍ଷାରେ ମହାବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଥିବା କଳା ବିଭାଗର ଉଦୟ ମାଣ୍ଡାଙ୍ଗି, ବାଣିଜ୍ୟ ବିଭାଗର ସାବିତ୍ରୀ କରକରିଆ, ବିଜ୍ଞାନ ବିଭାଗର ସୀପାନା ବେନୁଶ୍ରୀ ଏବଂ ଧନ୍ଦାମୂଳକ ବିଭାଗର ଛାତ୍ର ଗୌତମ ହିମିରିକା ଏବଂ ଅଜୁ ବିଭର । ଯୁକ୍ତତିନି କଳା ହିନ୍ଦୀ ବିଭାଗର ଛାତ୍ର ଗୌସ୍ତ ଚନ୍ଦ୍ର ଶେଖର, ବାଣିଜ୍ୟ ବିଭାଗର ଛାତ୍ର ଚିନ୍ତା ଅମୃତ, ବିଜ୍ଞାନ ବିଭାଗର ଛାତ୍ରୀ ଗେଡେଲା ତୁଳସୀ ଏବଂ ସ୍ନାତକୋତ୍ତର ରେ କଳା ଅର୍ଥନୀତି ବିଭାଗର ଛାତ୍ରଛାତ୍ରୀ ବିନୋଦ ବ୍ରେଡେକା ଓ ଧରିତ୍ରୀ ମେହେର, ବାଣିଜ୍ୟ ବିଭାଗର ଛାତ୍ର ନିରଞ୍ଜନ ନାୟକ, ବିଜ୍ଞାନ ବିଭାଗର ଛାତ୍ରୀ ମନସ୍ୱିନୀ ନାହକ ଶୀର୍ଷ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଥିବା ହେତୁ ଏମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇ ଶୁଭେଚ୍ଛା କରାଯାଇଥିଲା ।ଏହି ସଭାରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ସଭା ଶେଷରେ ଡଃ. ସରସ୍ୱତୀ ରାୟ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।



ଭୁବନେଶ୍ୱର, ଶୁକ୍ରବାର, ୦୫ ଜୁଲାଇ ୨୦୨୪
Bhubaneswar, Friday 05, July 2024
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ



# ଜନସମୁଦ୍ର ପାଲଟିଲା ମୁମ୍ବାଇର ମେରାଇନ ଡ୍ରାଇଭ

ମୁମ୍ବାଇ,୪।୭: ଜନସମୁଦ୍ର ପାଲଟିଲା ମୁମ୍ବାଇର ମେରାଇନ ଡ୍ରାଇଭ। ଯେଉଁଆଡ଼େ ଚାହିଁଲେ କେବଳ ଲୋକ ହିଁ ଲୋକ। ଗୋଟିଏ ପଟେ ସମୁଦ୍ର ଓ ଆଉ ଗୋଟିଏ ପଟେ ଜନସମୁଦ୍ର।

କେବଳ ଶୁଭୁଥିଲା ଟିମ ଇଣ୍ଡିଆ ଟିମ ଇଣ୍ଡିଆ ନାରା ଖୁସିରେ ସମସ୍ତଙ୍କ ଆଖି ଜକେଇ ଆସିଥୁଲା। ପ୍ରବଳ

## ବର୍ଷା ରୋକିପାରିଲାନି ଉତ୍ସାହ

ବର୍ଷ ହେଉଥିଲା ସତ କିନ୍ତୁ ଲୋକଙ୍କ ଉତ୍ସାହରେ ଏହା କୌଣସି ପ୍ରକାରର ଫରକ ପକାଇ ପାରି ନଥିଲା। ଏମିତି କିଛି ଦୃଶ୍ୟ ଆଜି ୧୩ ବର୍ଷ ପରେ ଟି-୨୦ ବିଶ୍ୱକପ ଜିତିଥିବା ଭାରତୀୟ କ୍ରିକେଟର ବିଜୟ ଶୋଭାଯାତ୍ରା ବେଳେ ଦେଖିବାକୁ ମିଳିଥିଲା ।

ଏହାପୂର୍ବରୁ ଭାରତୀୟ ଟିମ ଭିସ୍ତାରା ବିମାନରେ ଦିଲ୍ଲୀରୁ ମୁମ୍ବାଇ ଆସିଥିଲେ ।ବିମାନ ରନରେ ପହଞ୍ଚିଲା ବେଳେ ୱାଟର ସାଲ୍ୟୁଟ ମାଧ୍ୟମରେ ଟିମର ସଦସ୍ୟମାନଙ୍କୁ ନେଇ ଆସୁଥିବା ବିମାନକୁ ସ୍ୱାଗତ କରାଯାଇଥିଲା। ଏହାପରେ ଟ୍ରଫି ସହ ଟିମ ଇଣ୍ଡିଆର ସଦସ୍ୟମାନେ ଖୋଲା ବସ୍‌ରେ ଶୋଭାଯାତ୍ରା ଆରମ୍ଭ କରିଥିଲା। ସେମାନେ ଶୋଭାଯାତ୍ରା କରି ଯାଉଥିବା ବେଳେ ଏହି ଐତିହାସିକ ମୁହୂର୍ତ୍ତର ମୁକସାକ୍ଷୀ ବନିବା ପାଇ ମେରାଇନ ଡ୍ରାଇଭ ପାଲଟିଥିଲା ଜନସମୁଦ୍ର। ଅଧିନାୟକ ରୋହିତ ଶର୍ମା ଟ୍ରଫି ଧରି ଶୋଭାଯାତ୍ରାର ଲିଡ କରୁଥିବା ବେଳେ ଅନ୍ୟମାନେ ମଧ୍ୟ ସାଧାରଣ କ୍ରିକେଟ ଫ୍ୟାନ୍ସଙ୍କ ଅଭିବାଦନ ଗ୍ରହଣ କରିଥିଲେ। ୱାଙ୍ଖେଡେ ଷ୍ଟାଡିୟମକୁ ଯିବା ଯାଏ ଖେଳାଳିଙ୍କ ଉପରେ ସ୍ଥାନେସ୍ଥାନେ ଫୁଲବର୍ଷା ମଧ୍ୟ ହୋଇଥିଲା।




୨୦୦୭ରେ ଭାରତ ଟି-୨୦ ବିଶ୍ୱକପ ଜିତି ଦକ୍ଷିଣ ଆଫ୍ରିକାରୁ ଫେରିବା ପରେ ମଧ୍ୟ ସମାନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଆଜିର ବିଜୟ ଶୋଭାଯାତ୍ରା ଆହୁରି ଭବ୍ୟ ଓ ବିଶାଳ ହୋଇଛି।

ଟିମ ଇଣ୍ଡିଆର ସଦସ୍ୟମାନେ ବିଜୟ ଶୋଭାଯାତ୍ରା କରୁଥିବା ବସ୍‌ରେ ବିଶ୍ୱକପ ଜିତିବା ବେଳେ ହୋଇଥିବା ସେଲିବ୍ରେସନର ଫଟୋ ରହିଥିଲା। ଏହି ବସରେ ଖେଳାଳିଙ୍କ ଶୋଭାଯାତ୍ରା ନରିମଣ ପଏଣ୍ଟରୁ ଆରମ୍ଭ ହୋଇ ଦେଢ଼ କିମି ଦୂରରେ ଥିବା ୱାଙ୍ଖେଡେ ଯାଏ ଚାଲିଥିଲା। ଏହାକୁ ଦେଖିବାକୁ ମେରାଇନ ଡ୍ରାଇଭରୁ ୱାଙ୍ଖେଡେ ଯାଏ ହଜାର ହଜାର ଲୋକ ଉପସ୍ଥିତ ରହିଥିଲେ।

ସେହିପରି ୱାଙ୍ଖେଡେ ଷ୍ଟାଡିୟମ ଭିତରେ ହେବାକୁ ଥିବା ବିଜୟ ଉତ୍ସବ କାର୍ଯ୍ୟକ୍ରମକୁ ମଧ୍ୟ ଦେଖିବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା ବର୍ଷା ହେଉଥିଲେ ମଧ୍ୟ ଲୋକମାନେ ଏହାକୁ ଖାତିର ନ କରି ନିଜ ପ୍ରିୟ ଖେଳାଳି ଓ ବିଶ୍ୱକପ ଟ୍ରଫି ଦେଖିବାକୁ ରାସ୍ତାର ଉଭୟ ପାର୍ଶ୍ୱ ଓ ଷ୍ଟାଡିୟମରେ ଏକାଠି ହୋଇଥିଲେ।


















## ସମ୍ମାନିତ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୪।୭(ଏଜେନସି): ବାର୍ବାଡସରେ ଟି-୨୦ ବିଶ୍ୱକପ ଜିତିବା ପରେ ଆଜି ଭାରତୀୟ ଦଳ ସ୍ୱଦେଶ ଫେରିଛି। ସକାଳ ୬ଟାରେ ନୂଆଦିଲ୍ଲୀରେ ପହଞ୍ଚିବା ପରେ ଟିମର ସଦସ୍ୟମାନେ ଦିନ ୧୧ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ବିଶ୍ୱକପ ଓ ଭାରତୀୟ ଟିମ ସହ ପ୍ରଧାନମନ୍ତ୍ରୀ ବେଶ କିଛି ସମୟ ଆଲୋଚନା କରିଥିଲେ। ଏହାପରେ ସମସ୍ତେ ଗୋଟିଏ ଫଟୋ ଉଠାଇଛନ୍ତି ତେବେ ସାମ୍ନାକୁ ଆସିଥିବା ଫଟୋ ସମସ୍ତଙ୍କୁ ଚକିତ କରିଛି ।ଫଟୋ ଉଠାଇବା ବେଳେ ପ୍ରଧାନମନ୍ତ୍ରୀ ଟି-୨୦ ବିଶ୍ୱକପ ଟ୍ରଫିକୁ ସ୍ପର୍ଶ କରି ନାହାନ୍ତି। ସେ ଅଧିନାୟକ ରୋହିତ ଶର୍ମା ଓ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡଙ୍କ ହାତକୁ ଧରି ଫଟୋ ପୋଜ ଦେଇଛନ୍ତି ।ରାହୁଲ ଓ ରୋହିତ ନିଜ ନିଜର ଗୋଟିଏ ହାତରେ ଟ୍ରଫି ଧରିଛନ୍ତି। ଟ୍ରଫିଟି ପ୍ରଧାନମନ୍ତ୍ରୀ ମୋଦିଙ୍କ ସାମ୍ନାରେ ରହିଛି। ହେଲେ ସେ ଟ୍ରଫି ବଦଳରେ ନିଜର ଦୁଇ ହାତରେ ରାହୁଲ ଓ ରୋହିତଙ୍କ ହାତକୁ ଧରି ଫଟୋ ଉଠାଇଛନ୍ତି ।ମୋଦିଙ୍କ ଏଭଳି ଫଟୋ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।କୁହାଯାଏ ଯେ ଟ୍ରଫି ଓ ମେଡାଲକୁ କେବଳ ବିଜୟୀ ଟିମର ସଦସ୍ୟ ବା ଆଥଲେଟମାନେ ସ୍ପର୍ଶ କରିବା ଦରକାର କାରଣ ସେମାନେ ପରିଶ୍ରମ କରି ଏହାର ହକଦାର ବନିଛନ୍ତି। ସମ୍ଭବତଃ ଉକ୍ତ କାରଣ ପାଇଁ ମୋଦି ବିଶ୍ୱକପ ଟ୍ରଫିକୁ ସ୍ପର୍ଶ କରି ନଥିବା ଚର୍ଚ୍ଚା ହେଉଛି। କାରଣ ୧୩ ବର୍ଷ ପରେ ଭାରତୀୟ ଟିମର ସଦସ୍ୟମାନେ ହିଁ ପରିଶ୍ରମ କରି ଦେଶ ପାଇଁ ଟ୍ରଫି ହାତେଇଛନ୍ତି। ତେଣୁ ମୋଦି ଟ୍ରଫିର ହକଦାର କେବଳ ଖେଳାଳି ଓ କୋଚ ବୋଲି ଜଣାଇବାକୁ ଏପରି କରିଛନ୍ତି ।ଅନ୍ୟପକ୍ଷରେ ଆଜି ବିସିସିଆଇ ପକ୍ଷରୁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନମୋ ଜର୍ସି ମଧ୍ୟ ଉପହାର ଆକାରରେ ଦିଆଯାଇଛି। ମୋଦିଙ୍କ ସହ ବୈଠକ ପରେ ଖେଳାଳିମାନେ ଦିଲ୍ଲୀ ଏୟାରପୋର୍ଟ ଯାଇଥିଲେ।

## ଟିମ ଇଣ୍ଡିଆକୁ ୱାଟର କ୍ୟାନନ ସାଲ୍ୟୁଟ୍

ନୂଆଦିଲ୍ଲୀ,୪।୭: ଟି -୨୦ କ୍ରିକେଟ ବିଶ୍ୱକପ ଜିତିବା ପରେ ସ୍ୱଦେଶ ଫେରିଥିବା ଟିମ ଇଣ୍ଡିଆକୁ ଦେଶରେ ଏକ ବଡ଼ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି। ମୁମ୍ବାଇ ବିମାନବନ୍ଦରରେ ପହଞ୍ଚିବା ପରେ ଭାରତୀୟ କ୍ରିକେଟ ଟିମ ବିମାନକୁ ପାଣି ତୋପ ସାଲ୍ୟୁଟ ବା ୱାଟର କ୍ୟାନନ ସାଲ୍ୟୁଟ ସହିତ ସ୍ୱାଗତ କରାଯାଇଥିଲା।



ଏହା ହେଉଛି ପ୍ରଥମ ଥର ପାଇଁ ଦେଶର ଏକ ଦଳକୁ ୱାଟର କ୍ୟାନନ ସାଲ୍ୟୁଟ ସହିତ ସ୍ୱାଗତ କରାଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ଏହି ପରମ୍ପରା କେବଳ ନୂତନ ବିମାନକୁ ସ୍ୱାଗତ କରିବା ପାଇଁ କିମ୍ବା ଏକ ନୂତନ ବିମାନ ବନ୍ଦରରେ ପ୍ରଥମ ବିମାନ ସେବାରେ ବ୍ୟବହୃତ ହୋଇଛି ।କେତେକ ସ୍ଥାନରେ ବିମାନ ସେବା ସହିତ ଜଡିତ ଲୋକଙ୍କ ବିଶେଷ ସଫଳତାକୁ ଏହି ପ୍ରକାରର ସ୍ୱାଗତ କରାଯାଏ। କିନ୍ତୁ ବିମାନ ସେବା ବ୍ୟତୀତ ରୋହିତ ଶର୍ମାଙ୍କ ଦଳକୁ ଏପରି ସ୍ୱାଗତ କରାଯାଇଥିଲା, ଯାହା ଭାରତର କୌଣସି ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀଙ୍କୁ ଏପରି ସ୍ୱାଗତ କେବେ ଦିଆଯାଇନଥିଲା।

## ଭାଙ୍ଗଡା ଡ୍ୟାନ୍ସ ଓ କେକ୍ କଟା

ନୂଆଦିଲ୍ଲୀ,୪।୭(ଏଜେନ୍ସି): ଆଜି ସାରା ଭାରତ ଉତ୍ସବମୁଖର କାରଣ ଟି୨୦ ବିଶ୍ୱକପ ଧରି ଭାରତ ପହଞ୍ଚିଛି ଟିମ୍ ଇଣ୍ଡିଆ। ଦିଲ୍ଲୀରୁ ମୁମ୍ବାଇ ପର୍ଯ୍ୟନ୍ତ ସେଲିବ୍ରେଶନ ହୋଇଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଗୁରୁବାର ସକାଳେ ଦିଲ୍ଲୀରେ ପହଞ୍ଚିଛନ୍ତି ଦିଲ୍ଲୀ ବିମାନବନ୍ଦରରୁ ଆଇଟିସି ମୌର୍ଯ୍ୟ ହୋଟେଲ ପର୍ଯ୍ୟନ୍ତ ଟିମ ଇଣ୍ଡିଆ। ଖେଳାଳଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ରାସ୍ତାରେ ଫ୍ୟାନ୍ସଙ୍କ ଭିଡ଼ ଜମିଥିଲା।

ଟିମ୍ ଇଣ୍ଡିଆକୁ ଢୋଲବାଜାରେ ସ୍ୱାଗତ କରାଯାଇଥିଲା ତେବେ ହୋଟେଲକୁ ଆସୁଥିବାବେଳେ ଯେତେବେଳେ ଟିମ ଇଣ୍ଡିଆର ତାରକା ଅଧିନାୟକ ରୋହିତ ଶର୍ମା ଏବଂ ତାରକା ଖେଳାଳି ସୂର୍ଯ୍ୟକୁମାର ଯାଦବ ଢୋଲ ବାଜୁଥିବାର ଦେଖିଲେ, ଏହାପରେ ସେମାନେ ନିଜକୁ ଅଟକାଇ ପାରି ନ ଥିଲେ ଏବେ ସଙ୍ଗେସଙ୍ଗେ ସୂର୍ଯ୍ୟକୁମାର ଭାଙ୍ଗଡାରେ ଡ୍ୟାନ୍ସ କରିଥିଲେ ସୂର୍ଯ୍ୟ ଏମିତି ଡ୍ୟାନ୍ସ କରିଥିଲେ ଯେ ଦିଲ୍ଲୀ ପୋଲିସ କର୍ମଚାରୀ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

ବିମାନବନ୍ଦରରୁ ଟିମ ଇଣ୍ଡିଆ ଆଇଟିସି ମୌର୍ଯ୍ୟ ହୋଟେଲରେ ପହଞ୍ଚିଛି ଟିମ ଇଣ୍ଡିଆ ପାଇଁ ଏଠାରେ ସ୍ୱତନ୍ତ୍ର ପ୍ରସ୍ତୁତି କରାଯାଇଥିଲା। ଆଇଟିସି ମୌର୍ଯ୍ୟର କାର୍ଯ୍ୟନିର୍ବାହୀ ରୋଷେୟା ଶିବନୀତ ପହୋଜା କହିଛନ୍ତି ଯେ, ଟିମ ଇଣ୍ଡିଆ। ପାଇଁ ଏକ ସ୍ୱତନ୍ତ୍ର କେକ୍ ପ୍ରସ୍ତୁତ କରାଯାଇଥିଲା। ଏହି କେକ ଦଳର ଜର୍ସି ରଙ୍ଗରେ ଅଛି। ଏହାର ମୁଖ୍ୟ ଆକର୍ଷଣ ହେଉଛି ଟି-୨୦ ଟ୍ରଫି ଏହା ପ୍ରକୃତ ଟ୍ରଫି ପରି ଦେଖାଯାଉଛି, କିନ୍ତୁ ଏହା ଚକୋଲେଟରେ ତିଆରି ବିଜେତା ଦଳକୁ ସ୍ୱାଗତ କରିବା ପାଇଁ ଏହି କେକ ପ୍ରସ୍ତୁତ କରାଯାଇଥିଲା। ତେଣୁ ଟିମ ଇଣ୍ଡିଆକୁ ଏକ ସ୍ୱତନ୍ତ୍ର ଜଳଖିଆ। ପରିବେଷଣ କରାଯାଇଥିଲା ।ଏହା ଦେଖି ରୋହିତ ଶର୍ମାଙ୍କ ବ୍ୟତୀତ ସମସ୍ତ ଖେଳାଳି ଖୁସି ହୋଇଯାଇଥିଲେ।






## ବିବାହ ବାର୍ଷିକୀରେ ଭିନ୍ନ ଅନ୍ଦାଜରେ ଧୋନି

ନୂଆଦୀ,୪।୭: ଦେଶକୁ ପ୍ରଥମ ଟି -୨୦ ବିଶ୍ୱକପ ଦେଇଥିବା କ୍ୟାପଟେନ ମହେନ୍ଦ୍ର ସିଂ ଧୋନି ସବୁବେଳେ ଖବରରେ ରହିଥାନ୍ତି ସେ ଖେଳନ୍ତୁ ଅବା ନ ଖେଳନ୍ତୁ, କିଛି ନା କିଛି କାରଣକୁ ନେଇ ସେ ଚର୍ଚ୍ଚାକୁ ଆସିଥାଆନ୍ତି ଏବେ ସେ ଚର୍ଚ୍ଚାରେ, ଏହାର କାରଣ ହେଉଛି ତାଙ୍କ ସହ ସ୍ତ୍ରୀ ସାକ୍ଷିଙ୍କର ଏକ ନୂଆ ଭିଡିଓ।



ଧୋନି ଏବଂ ସାକ୍ଷିଙ୍କ ବିବାହ ବାର୍ଷିକୀ ୪ ଜୁଲାଇରେ ହୋଇଥିଲା ଏହି ଅବସରରେ ଦୁହେଁ କେକ କାଟିଥିଲେ ଉଭୟଙ୍କ ଏହି ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରା ହେଉଛି। ଦୁହେଁ ନିଜ ଘରେ ଏହି କେକ କାଟି ଅତି ସରଳ ଢଙ୍ଗରେ ବିବାହ ବାର୍ଷିକୀ ପାଳନ କରିଥିଲେ ଧୋନି ତାଙ୍କର ସରଳତା ପାଇଁ ଜଣାଶୁଣା ଏବଂ ଏହି ଭିଡିଓରେ ଏହା ସ୍ପଷ୍ଟ ଦେଖାଯାଉଥିଲା ଭିଡିଓରେ ଦୁହେଁ କେକ କାଟୁଛନ୍ତି ଏବଂ ପରେ ଧୋନି କେକକୁ ସାକ୍ଷିଙ୍କୁ ଖାଇବାକୁ ଦେଉଛନ୍ତି ଏହା ପରେ ସାକ୍ଷୀ ଧୋନିଙ୍କୁ କେକ ମଧ୍ୟ ଖାଇବାକୁ ଦିଅନ୍ତି ଏହି ସମୟରେ, ମଝିରେ ଏକ ଚେୟାର ଅଛି ଯେଉଁଥିରେ ଧୋନିଙ୍କ ପୋଷା କୁକୁର ବସିଛି ସାକ୍ଷୀଙ୍କୁ ଖାଇବାକୁ ଦେବା ପରେ ଧୋନି କୁକୁରକୁ କେକ ମଧ୍ୟ ଖାଇବାକୁ ଦେଉଥିବା ଦେଖାଯାଉଛି ଦୁହେଁ ୧୪ ତମ ବିବାହ ବାର୍ଷିକୀ ପାଳନ କରିଛନ୍ତି।

## ମା-ଭଉଣୀଙ୍କୁ ଦେଖି ଭାବପ୍ରବଣ ହେଲେ କୋହଲି

ନୂଆଦିଲ୍ଲୀ,୪ଲ୭: ଟି-୨୦ ବିଶ୍ୱକପ ୨୦୨୪ ଟାଇଟଲ ଜିତିବା ପରେ ଟିମ ଇଣ୍ଡିଆ। ଗୁରୁବାର ଭାରତ ଫେରିଛି ରୋହିତ ଶର୍ମାଙ୍କ ସେନା ପ୍ରତ୍ୟାବର୍ତ୍ତନ ହେତୁ ସମଗ୍ର ଦେଶରେ ଉତ୍ସବର ପରିବେଶ ରହିଛି। ଭାରତୀୟ ଖେଳାଳିଙ୍କୁ ସ୍ୱାଗତ କରିବା ପାଇଁ ଦିଲ୍ଲୀ ବିମାନବନ୍ଦରରେ ପ୍ରଶଂସକଙ୍କ ଭିଡ ଜମିଥିଲା ।ଏଥିସହିତ ଟିମ ଇଣ୍ଡିଆ। ପହଞ୍ଚିଥିବା ହୋଟେଲ ବାହାରେ ପ୍ରଶଂସକଙ୍କ ଏକ ସମାବେଶ ମଧ୍ୟ ଦେଖିବାକୁ ମିଳିଥିଲା



ପ୍ରାୟ ଏକ ମାସ ପରେ ଭାରତୀୟ ଦଳ ଘରକୁ ଫେରିଛନ୍ତି ଭାରତୀୟ ଖେଳାଳିମାନେ ଏତେ ଦିନ ପରେ ପରିବାର ସଦସ୍ୟଙ୍କୁ ଭେଟି ଭାବପ୍ରବଣ ହୋଇଥିଲେ ବିରାଟ କୋହଲି ଭଉଣୀ ଏବଂ ମାଙ୍କୁ ଭେଟିବା ପରେ ଭାବପ୍ରବଣ ହୋଇଥିଲେ। କୋହଲିଙ୍କ ପୁରା ପରିବାର ତାଙ୍କୁ ସ୍ୱାଗତ କରିବା ପାଇଁ ଆଇଟିସି ମୌର୍ଯ୍ୟରେ ପହଞ୍ଚିଥିଲେ। ଏହି ସମୟରେ କୋହଲି ତାଙ୍କୁ ଦେଖି ଭାବପ୍ରବଣ ହୋଇପଡ଼ିଥିଲେ। କୋହଲି ତାଙ୍କ ପୁତୁରା ଏବଂ ଭାଣିଜୀଭଣଜାମାନଙ୍କୁ ନିଜ ବେକରୁ ପଦକ ଓହ୍ଲାଇ ତାଙ୍କୁ ପ୍ରଦାନ କରିଥିଲେ। ଏହାର ଫଟୋ ତାଙ୍କ ଭଉଣୀ ଭାବନା କୋହଲି ସୋସିଆଲ ମିଡିଆରେ ଶେୟାର କରିଛନ୍ତି।

## ମନର କଥା କହିଲେ ନତାଶା

ନୂଆଦିଲ୍ଲୀ,୩।୭: ଅଭିନେତ୍ରୀ ତଥା ମଡେଲ ନତାଶା ଷ୍ଟାନକୋଭିକ ଏବଂ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ମଧ୍ୟରେ ଛାଡପତ୍ରର ଗୁଜବ ଅନେକ ଦିନ ହେବ ଚର୍ଚ୍ଚାରେ ରହିଛି। ଏସବୁ ଭିତରେ ନତାଶା ଇନଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରିଛନ୍ତି ।ତାଙ୍କର ଏହି ପୋଷ୍ଟ ପୁଣିଥରେ ଉଭୟଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରିଛି ।ଏହି ଭିଡିଓରେ ସେ ଜୀବନର କିଛି ପରିସ୍ଥିତି ଦେଇ ଗତି କରୁଥିବାବେଳେ ନିରାଶ ହେବା ପରିବର୍ତ୍ତେ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିବାକୁ ଲୋକଙ୍କୁ ପରାମର୍ଶ ଦେଇଛନ୍ତି ତାଙ୍କର ଏହି ପୋଷ୍ଟ ହାର୍ଦ୍ଦିକ ପାଣ୍ଡ୍ୟାଙ୍କଠାରୁ ଅଲଗା ହେବାର ଗୁଜବ ମଧ୍ୟରେ ଆସିଛି। ଲୋକମାନେ ତାଙ୍କ ଏବଂ ହାର୍ଦ୍ଦିକଙ୍କ ମଧ୍ୟରେ ଚାଲିଥିବା ମତଭେଦ ସହିତ ଏହି ଭିଡିଓକୁ ଯୋଡୁଛନ୍ତି। ସୋସିଆଲ ମିଡିଆରେ ନତାଶା ଷ୍ଟାନକୋଭିକ ବେଶ୍ ସକ୍ରିୟ ନିକଟରେ ନତାଶା ନିଜ ଇନଷ୍ଟାଗ୍ରାମ ଷ୍ଟାଟସରେ ଏକ କାରରେ ବସିଥିବାର ଏକ ଭିଡିଓ ଶେୟାର କରିଛନ୍ତି ସେ କହିଛନ୍ତି, ମୁଁ ଏପରି କିଛି ପଢିବାକୁ ବହୁତ ଉତ୍ସାହିତ ଥିଲି, ଯାହା ମୋତେ ଆଜି ଶୁଣିବାକୁ ଆବଶ୍ୟକ ଥିଲା ସେଥିପାଇଁ ମୁଁ କାରରେ ମୋ ସହିତ ଏକ ବାଇବେଲ୍ ଆଣିଥିଲି କାରଣ ମୁଁ ଏହାକୁ ପଢିବାକୁ ଚାହୁଁଥିଲି। ସେ ଆହୁରି ମଧ୍ୟ କହିଥିଲେ, ଭଗବାନ ସର୍ବଦା ତୁମ ଆଗେ ଆଗେ ଚାଲନ୍ତି ସେ ତୁମ ସହିତ ରହିବେସେ ତୁମକୁ କେବେ ବି ଛାଡିବେ ନାହିଁ କିମ୍ବା ତ୍ୟାଗ କରିବେ ନାହିଁ। ତେଣୁ ତୁମେ କେବେ ଭୟ କିମ୍ବା ନିରାଶ ହେବା ଉଚିତ୍ ନୁହେଁ ଯେତେବେଳେ ବି ଆମେ ଏକ ନିର୍ଦ୍ଦିଷ୍ଟ ପରିସ୍ଥିତି ଦେଇ ଗତି କରୁ, ଆମେ ପ୍ରାୟତଃ ନିରାଶ ଏବଂ ଦୁଃଖୀ ହୋଇଥାଉ ଭଗବାନ ସର୍ବଦା ଆପଣଙ୍କ ସହିତ ଅଛନ୍ତି। ଆପଣ ବର୍ତ୍ତମାନ ଯାହା କରୁଛନ୍ତି ।ତାହା ଦେଖି ସେ ଆଶ୍ଚର୍ଯ୍ୟ ହେବେ ନାହିଁ କାରଣ ତାଙ୍କର ପୂର୍ବରୁ ଏକ ଯୋଜନା ଅଛି।

## ଭିଏତନାମରେ ତ୍ରିରାଷ୍ଟ୍ରୀୟ ଖେଳିବ ଭାରତ

ନୂଆଦିଲ୍ଲୀ,୩।୭: ଭାରତୀୟ ଫୁଟବଲ ଦଳ ଭିଏତନାମ ଯାଇ ଏକ ତ୍ରିରାଷ୍ଟ୍ରୀୟ ଟୁର୍ନାମେଣ୍ଟ ଖେଳିବ ଏଥିରେ ତୃତୀୟ ଦଳଭାବେ ଲେବାନନ ଅଂଶଗ୍ରହଣ କରିବ ଫିଫା ୱିଣ୍ଡୋକୁ ଦୃଷ୍ଟିରେ ରଖି ଆସନ୍ତା ଅକ୍ଟୋବରରେ ଏହି ତ୍ରିରାଷ୍ଟ୍ରୀୟ ରଖା ଯାଇଥିବା ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ପକ୍ଷରୁ ପ୍ରକାଶ କରାଯାଇଛି। ଭିଏତନାମ ସମ୍ପ୍ରତି ଫିଫା ର୍‍ୟାଙ୍କିଙ୍ଗ୍‌ର ୧୧୬ତମ ସ୍ଥାନରେ ଥିବାବେଳେ ଲେବାନନ ୧୧୭ ଓ ଭାରତ ୧୨୪ତମ ସ୍ଥାନରେ ରହିଛି ମୁଖ୍ୟ କୋଚ୍ ପଦରୁ ଇଗର ଷ୍ଟିମାକଙ୍କୁ ବହିଷ୍କାର କରାଯିବାପରେ ବ୍ଲୁ ଟାଇଗର୍ସର ଏହା ପ୍ରଥମ ଟୁର୍ନାମେଣ୍ଟ ଏଆଇଏଫଏଫ ଏପର୍ଯ୍ୟନ୍ତ ନୂଆ। କୋଚ୍ ନିଯୁକ୍ତ କରି ନ ଥିବାରୁ ତ୍ରିରାଷ୍ଟ୍ରୀୟ ସମୟରେ ଏହି ଦାୟିତ୍ୱ ତୁଲାଉଛି ତାହା ଦେଖିବାକୁ ରହିଛି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ